ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani



ଯା ଦେବୀ ସର୍ବଭୂତେଷୁ............

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୫ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 25 SEPTEMBER 2023
Vol.No. 34 ■ No. 252■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ଏନଆଇଏ ଜାରି କଲା ୧୯ ଖଲିସ୍ତାନୀ ଆତଙ୍କବାଦୀଙ୍କ ତାଲିକା

## ଜବତ ହେବ ସମ୍ପତ୍ତି, ବିଦେଶରେ ରହି ରଚୁଛନ୍ତି ଭାରତ ବିରୋଧରେ ଷଡଯନ୍ତ୍ର




ନୂଆଦିଲ୍ଲୀ, ୨୪/୦୯ (ନି.ପ୍ର): ଖଲିସ୍ତାନୀ ଆତଙ୍କବାଦୀଙ୍କ ବିରୋଧରେ ଏନଆଇଏର ବଡ ଆକ୍ସନ୍ । ଭାରତ-କାନାଡା ବିବାଦ ଭିତରେ ରାଷ୍ଟ୍ରୀୟ ଯାଞ୍ଚ ଏଜେନ୍ସି ଏବେ ତତ୍ପର ହୋଇଛି । ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନଆଇଏ) ପଞ୍ଜାବରେ ନିଷିଦ୍ଧ ଶିଖ୍ ଫର୍ ଜଷ୍ଟିସ୍ (ଏସ୍ଏଫଜେ)ର ମୁଖ୍ୟ ଗୁରପତୱନ୍ତ ସିଂହ ପନ୍ନୁଙ୍କ ସମ୍ପତ୍ତି ଜବତ କରିବା ସହ ଅନ୍ୟ ୧୯ ଜଣ ପଳାତକ ଖଲିସ୍ତାନୀ ଆତଙ୍କବାଦୀଙ୍କ ବିରୋଧରେ ମଧ୍ୟ ସମାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଛି । ଏହି ପଳାତକଙ୍କ ତାଲିକା ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ମୋଟ ୧୯ ଜଣଙ୍କ ନାମ ରହିଛି । ଏନଆଇଏର ଏହି ତାଲିକାରେ ଥିବା ସମସ୍ତ ନାମ ଭାରତରେ ମୋଷ୍ଟ ୱାଣ୍ଟେଡ୍ ଏବଂ ବ୍ରିଟେନ, ଆମେରିକା, କାନାଡା, ଦୁବାଇ, ପାକିସ୍ତାନ ସମେତ ଅନ୍ୟ ଦେଶରେ ଆଶ୍ରୟ ନେଇଛନ୍ତି । ୟୁଏପିଏର ଧାରା ୩୩(୫) ଅନୁଯାୟୀ ଭାରତରେ ଏହି ପଳାତକ ଖଲିସ୍ତାନୀଙ୍କ ସମ୍ପତ୍ତି ଜବତ କରାଯିବ । ଏହି ଖଲିସ୍ତାନୀ ଆତଙ୍କବାଦୀମାନେ ବିଦେଶ ମାଟିରୁ ଭାରତ ବିରୋଧୀ ପ୍ରଚାର ଚଳାଇଛନ୍ତି । ସୂଚନା ମୁତାବକ, ଜାତୀୟ ତଦନ୍ତକାରୀ ଏଜେନ୍ସି କିଛି ଦିନ ତଳେ ୪୩ ଜଣ ପଳାତକଙ୍କ ଆଉ ଏକ ତାଲିକା ଜାରି କରିଥିଲା ।

# ସମ୍ବଲପୁରରେ ବଡ଼ଧରଣର ଲୁଟ୍

## ବାଇକ୍‌ରେ ଆସି ନେଇଗଲେ ୩୦୦ ଗ୍ରାମ ସୁନା




ସମ୍ବଲପୁର, ୨୪/୦୯ (ନି.ପ୍ର): ସମ୍ବଲପୁର ସଦର ଥାନା ଅନ୍ତର୍ଗତ ମାନେଶ୍ୱର ଛକ ନିକଟରେ ଥିବା ଏକ ସୁନା ଦୋକାନରୁ ଆଜି ସଶସ୍ତ୍ର ଡକାୟତି ହୋଇଛି । ଡକାୟତମାନେ ପ୍ରାୟ ୨୫ ଲକ୍ଷ ଟଙ୍କା ସୁନା ଓ ରୁପା ଅଳଙ୍କାର ନେଇଯାଇଥିବା ଅଭିଯୋଗ ହୋଇଥିବା ବେଳେ ସଦର ଥାନା ପୁଲିସ୍ ଘଟଣାର ତଦନ୍ତ କରୁଛି । ସୁନା ଦୋକାନ ମାଲିକ ଅନନ୍ତ ଚରଣ ସାହୁ କହିଛନ୍ତି, ସକାଳ ପ୍ରାୟ ୧୦ଟା ୪୦ ବେଳେ ୫ ଜଣ ଅଜ୍ଞାତ ଲୋକ ଦୋକାନ ଭିତରେ ପଶିଥିଲେ । ସେମାନେ ଦୁଇଟଇ ବାଇକ୍‌ରେ ଆସିଥିଲେ । ସେମାନେ କର୍ମଚାରୀମାନଙ୍କୁ ବନ୍ଧୁକ ଦେଖାଇ ସୁନା ଓ ରୁପା ଅଳଙ୍କାର ଲୁଟି ନେଇ ଥିଲେ । ସେମାନେ ପରସ୍ପର ମଧ୍ୟରେ ଓଡ଼ିଆ ଭାଷାରେ କଥାବାର୍ତ୍ତା କରୁଥିଲେ । ଲୁଟ ହୋଇଥିବା ଅଳଙ୍କାରର ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କା ହେବ ବୋଲି ଶ୍ରୀ ସାହୁ କହିଛନ୍ତି । ଖୁବ୍ ଅଳ୍ପ ସମୟ ମଧ୍ୟରେ ଏହି ଘଟଣା ଘଟିଥିଲା । ପୁଲିସ୍ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଛି । ସେଥିରେ ଦେଖିବାକୁ ମିଳିଛି ଯେ ୫ ଜଣ ଲୁଟେରା ଦୁଇଟି ବାଇକ୍‌ରେ ଆସିଛନ୍ତି । ଆସିଲା ବେଳେ ସେମାନେ ସାଧାରଣ ଗ୍ରାହକ ଭଳି ଦେଖାଯାଉଥିଲେ । ଯେଉଁ ଦୁଇ ଜଣ ବାଇକ୍ ଚଳାଉଥିଲେ ସେମାନେ ହେଲ୍‌ମେଟ୍ ପିନ୍ଧିଥିଲେ । କିନ୍ତୁ ଗଲା ବେଳେ ସେମାନଙ୍କ ମଧ୍ୟରୁ ଦୁଇ ଜଣ ମୁହଁରେ ରୁମାଲ ବାନ୍ଧିଥିଲେ । ଡକାୟତମାନଙ୍କୁ ଧରିବା ପାଇଁ ପୁଲିସ୍ ପ୍ରୟାସ କରୁଛି ।

## ଏସୀୟ କ୍ରୀଡାରେ ପ୍ରଥମ ଦିନରେ ଭାରତକୁ ୫ ପଦକ

ନୂଆଦିଲ୍ଲୀ, ୨୪/୦୯ :ଏସିଆନ୍ ଗେମ୍ସରେ ଭାରତର ଦମ୍‌ଦାର ପ୍ରଦର୍ଶନ ଆରମ୍ଭ । ପ୍ରଥମ ଦିନରେ ବର୍ତ୍ତମାନ ସୁଦ୍ଧା ଭାରତ ୫ଟି ପଦକ ହାତେଇଛି । ରୋଇଂରେ ତିନିଟି ଓ ସୁଟିଂରେ ୨ଟି ପଦକ ହାସଲ କରିଛି ଭାରତ । ରୋଇଂରେ ଦୁଇଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ମେଡାଲ ମିଳିଥିବା ବେଳେ ସୁଟିଂରେ ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ମିଳିଛି । ରୋଇଂରେ ଅର୍ଜୁନ ଲାଲ ଓ ଅରବିନ୍ଦ ସିଂହ ରୌପ୍ୟ ପଦକ ହାସଲ କରିଥିବା ବେଳେ ମେନ୍ସ ଏଇଟ୍ରେ ମଧ୍ୟ ରୌପ୍ୟ ପଦକ ମିଳିଛି । ସେହିପରି ରୋଇଂରେ ବାବୁ ଲାଲ ଯାଦବ ଓ ଲେଖ ରାମ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏହା ସହ ମହିଳା ୧୦୦ ମିଟର ଏୟାର ରାଇଫଲରେ ମଧ୍ୟ ରୌପ୍ୟ ପଦକ ହାତେଇଛି ଭାରତ । ମେହୁଲି ଘୋଷ, ରମିତା ଓ ଆଶି ଚୌକସି ଏହି ପଦକ ହାତେଇଛନ୍ତି । ସେହିପରି ମହିଳା ୧୦ ମିଟର ଏୟାର ରାଇଫଲରେ ରମିତାଙ୍କୁ ବ୍ରୋଞ୍ଜ ପଦକ ମିଳିଛି ।

## ରାଜଧାନୀରେ ବଢ଼ିଲା ଟ୍ରାଫିକ୍ କଟକଣା: ରଙ୍ଗ୍ ରୁଟରେ ଗାଡ଼ି ଚଲାଇଲେ କୋର୍ଟକୁ ଯିବ ଗାଡ଼ି

ଭୁବନେଶ୍ୱର, ୨୪/୦୯ (ନି.ପ୍ର): ରାଜଧାନୀରେ ବଢ଼ିଲା ଟ୍ରାଫିକ୍ କଟକଣା । ରଙ୍ଗ ରୁଟରେ ଗାଡ଼ି ଚଲାଇଲେ କୋର୍ଟକୁ ଯିବ ଗାଡ଼ି । ତେବେ ଏହି ଗାଡ଼ିକୁ ଫେରସ୍ତ ନେବାକୁ ହେଲେ କୋର୍ଟରୁ ରିଲିଜ୍ ଅର୍ଡର ଆଣିବାକୁ ହେବ । ରାଜଧାନୀରେ ବଢୁଥିବା ଟ୍ରାଫିକ୍ ବିଶୃଙ୍ଖଳାକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ନେଇଛି ଟ୍ରାଫିକ ଥାନା ପୋଲିସ । କେବଳ ଯେ ରଙ୍ଗ ରୁଟ ପାଇଁ ଫାଇନ କାଟିବ ନାହିଁ । ହେଲମେଟ ନପିନ୍ଧିଥିଲେ, ଲାଇସେନ୍ସ ନଥିଲେ, ବୀମା ନଥିଲେ ମଧ୍ୟ ଫାଇନ୍ କଟିବା ନେଇ ସୂଚନା ଦେଇଛନ୍ତି ଏସିପି । ଆଗକୁ ଦୁର୍ଗା ପୂଜା ଆସୁଥିବାରୁ ଚେକିଙ୍ଗ ଆହୁରି କଡ଼ାକଡ଼ି ହେବ ବୋଲି ସୂଚନା ଦେଇଛନ୍ତି ଟ୍ରାଫିକ୍ ଥାନା ଏସିପି ଜୟନ୍ତ କୁମାର ଦାସ । ରବିବାର ମଧ୍ୟ ରାଜଧାନୀର ବିଭିନ୍ନ ଛକ- ବଜାରରେ ଚେକିଂ ଜୋରଦାର କରାଯାଇଛି । ଟ୍ରାଫିକ ଥାନା-୧ ଓ ଟ୍ରାଫିକ ଥାନା-୨ ଦ୍ୱାରା ଜୋରଦାର ଚେକିଂ କରାଯାଇଛି । ଚେକିଂ ବେଳେ ୧୦୨ରୁ ଅଧିକ ଗାଡ଼ି ଜବତ ହୋଇଛି । ଏବେ ଏହି ଗାଡ଼ି ମାଲିକମାନେ କୋର୍ଟରୁ ରିଲିଜ ଅର୍ଡର ଆଣିଲେ ଗାଡି ନେବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଟ୍ରାଫିକ ଥାନା ଏସିପି ଜୟନ୍ତ କୁମାର ଦାସ ।

## ଗାଧୋଇବା ବେଳେ ପଥର ଖାଦାନରେ ବୁଡିଗଲେ ଦୁଇ ଛାତ୍ର



ଭୁବନେଶ୍ୱର, ୨୪/୦୯ (ନି.ପ୍ର): ପଥର ଖାଦାନରେ ଗାଧୋଉଥିବା ବେଳେ ବୁଡ଼ିଗଲେ ଦୁଇ ସାଙ୍ଗ । ଟ୍ୟୁସନ୍‌ରୁ ଆସି ଗାଧୋଉଥିବା ବେଳେ ବୁଡ଼ିଗଲେ । ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ପୋଖରୀ ପୁଟ୍ ଅଞ୍ଚଳରେ ଏପରି ହୃଦୟବିଦାରକ ଘଟଣା ଘଟିଛି । ମୃତ ଛାତ୍ର ଦୁଇ ଜଣ ଗଣ୍ଡମୁଣ୍ଡା ହାଇସ୍କୁଲର ଦଶମ ଶ୍ରେଣୀରେ ପଢୁଥିଲେ । ଏୟାରଫିଲଡ ଥାନା ଅଞ୍ଚଳରେ ରହିଛି ଏକ ପଥର ଖାଦାନ । ଗତ କିଛି ଦିନ ହେବ ବର୍ଷା ଲାଗି ରହିଥିବା ଖାଦାନରେ ଅକାତ କାତ ପାଣି ରହିଛି । ଟ୍ୟୁସନ୍‌ରୁ ଆସିବା ପରେ ପ୍ରକାଶ ମହାରଣା, ଶୁଭମ ଜେନା ଓ ତାଙ୍କର ଦୁଇ ସାଙ୍ଗ ମିଶି ଆଜି ଅପରାହ୍ନରେ ସେହି ଖାଦାନକୁ ଗାଧୋଇବା ପାଇଁ ଯାଇଥିଲେ । କଥାବାର୍ତ୍ତା ହୋଇ ୪ ସାଙ୍ଗ ଗାଧୋଉଥିଲେ । ହଠାତ୍ ଦୁଇ ସାଙ୍ଗ ପାଣିରେ ▶▶ପୃଷ୍ଠା ୭

## ରାଜସ୍ଥାନର ଦୌସାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ୫ ମୃତ, ୬ ଆହତ

ଦୌସା, ୨୪/୦୯ : ରାଜସ୍ଥାନ ଦୌସା ଜିଲ୍ଲାର ମହବା ଥାନା ଅନ୍ତର୍ଗତ ବରିତକୀ ଗ୍ରାମ ନିକଟରେ ରବିବାର ଦୃତ ଗତିରେ ଆସୁଥିବା ଏକ ବସ୍ ଏକ ଟେମ୍ପୋକୁ ଧକ୍କା ଦେବା ସହ ସେହି ରାସ୍ତାରେ ଯାଉଥିବା କିଛି ପଥଚାରୀଙ୍କୁ ଧକ୍କା ଦେଇଛି । ଫଳରେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୬ ଜଣ ଆହତ ହୋଇଛନ୍ତି । ଆହତ ମାନଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ମେଡିକାଲରେ ଭର୍ତି କରାଯାଇଛି । ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସମୟରେ କରୌଲି ରାଜ୍ୟ ରାଜପଥରେ ଏହି ଦୁର୍ଘଟଣା ଘଟିଛି । ଦୁର୍ଘଟଣା ପରେ ବସ୍ ଚାଳକ ସେଠାରୁ ଫେରାର୍ ହୋଇଯାଇଛି ।

## ଭାରତ-ବାଂଲାଦେଶ ସୀମାରେ ଗଂଜେଇ ସହିତ ଜଣକୁ ଅଟକ

ଦକ୍ଷିଣ ଦିନାଜପୁର, ୨୪/୦୯ : ଜିଲ୍ଲାର ଭାରତ-ବାଂଲାଦେଶ ସୀମାରେ ଉତର ବାଙ୍ଗାଲୁର ସୀମାନ୍ତରେ ରାଇଗଂଜ ସେକ୍ଟର ଅନ୍ତର୍ଗତ ବିଏସଏଫ ର ୫୭ତମ ବାଟାଲିୟନର ବର୍ଡ଼ର ଆଉଟପୋଷ୍ଟ ଚକବଂଶୀର ସତର୍କ ସୀମା ଯବାନ ମାନେ ଜଣେ ଭାରତୀୟ ନାଗରିକଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ବିପୁଳ ପରିମାଣରେ ଗଂଜେଇ ଜବତ କରିଛନ୍ତି ।

# ମହିଳା କୁସ୍ତିଯୋଦ୍ଧା ନିର୍ଯାତନା ମାମଲାରେ ଦିଲ୍ଲୀ ପୋଲିସର ସାଂଘାତିକ ଅଭିଯୋଗ



ନୂଆଦିଲ୍ଲୀ, ୨୪/୦୯ : ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ବିଜେପି ସାଂସଦ ବ୍ରିଜଭୂଷଣ ସିଂଙ୍କ ବିରୋଧରେ ହୋଇଥିବା ମାମଲାରେ ଦିଲ୍ଲୀର ରାଉଜ ଏଭିନ୍ୟୁ କୋର୍ଟ ଅଭିଯୁକ୍ତ ବ୍ରିଜଭୂଷଣଙ୍କୁ କୋର୍ଟରେ ହାଜର ହେବାରୁ ମୁକ୍ତି ଦେଇଛନ୍ତି । ଏହି ସମୟରେ ଦିଲ୍ଲୀ ପୋଲିସ କୋର୍ଟରେ ଯୁକ୍ତି ଉପସ୍ଥାପନ କରି କହିଛି ଯେ, ବ୍ରିଜଭୂଷଣ ଜାଣିଥିଲେ ସେ କ'ଣ କରୁଛନ୍ତି । ଦିଲ୍ଲୀ ପୋଲିସ କହିଛି ବ୍ରିଜଭୂଷଣ ଯେତେବେଳେ ବି ସୁଯୋଗ ପାଇଛନ୍ତି ସେତେବେଳେ ସେ ମହିଳା କୁସ୍ତିଯୋଦ୍ଧାଙ୍କ ସହ ଅସଦାଚରଣ କରିବାକୁ ଚେଷ୍ଟା କରୁଥିଲେ । ଦିଲ୍ଲୀ ପୋଲିସ କହିଛି ପ୍ରଶ୍ନ ଏହା ନୁହେଁ କି ପୀଡିତା ମହିଳା କୌଣସି ପ୍ରତିକ୍ରିୟା ଦେଇଛନ୍ତି କି ନାହିଁ, ହେଲେ ଏହା ସତ୍ୟ ଯେ ତାଙ୍କ ସହିତ ଅନ୍ୟାୟ କରାଯାଇଛି । ଏହାସହ ଯେଉଁ ପ୍ରମାଣ ଓ ସାକ୍ଷୀ ପ୍ରଦାନ କରାଯାଇଛି ତାହା ବ୍ରିଜଭୂଷଣଙ୍କ ▶▶ପୃଷ୍ଠା ୭

## ହୋଟେଲ୍‌ରେ ଗ୍ୟାସ୍ ଲିକ୍ ହୋଇ ଅଗ୍ନିକାଣ୍ଡ: ୩ ଗୁରୁତର

ବାଲେଶ୍ୱର/ଗଜପତି , ୨୪/୦୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ଅମର୍ଦ୍ଦା ରୋଡ୍ ସ୍ଥିତ ନନା ହୋଟେଲ୍‌ରେ ଗ୍ୟାସ ଲିକ୍‌ରୁ ଅଗ୍ନିକାଣ୍ଡ ଘଟି ୩ ଜଣ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କୁ ବସ୍ତା ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି । ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇଥିଲେ । ସେହିପରି ଗଜପତି ଜିଲ୍ଲା ମୋହନା ଥାନା ଲୁହାଗୁଡ଼ି ଛକରେ ଥିବା ରାଜପୁତ୍ ଢାବାରେ ଗ୍ୟାସ୍ ଟାଙ୍କି ଫାଟି ନିଆଁ ଲାଗି ଯାଇଥିଲା । ଫଳରେ ହୋଟେଲ ବ୍ୟାପକ କ୍ଷତି ଘଟିଛି । ହୋଟେଲ କର୍ମଚାରୀମାନେ ନିଆଁ କୁ ଆୟତ୍ତ କରିବାକୁ ପ୍ରୟାସ କରି ବିଫଳ ହୋଇଥିଲେ । ଖବର ପାଇ ମୋହନା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

## ସିବିଆଇ ଚାର୍ଜଫ୍ରେମ୍ ନେଇ ମୁହଁ ଖୋଲିଲେ ପ୍ରଭାତ ବିଶ୍ୱାଳ

କଟକ, ୨୪/୦୯ (ନି.ପ୍ର): ବହୁଚର୍ଚ୍ଚିତ ସିସୋର ଚିଟ୍‌ଫଣ୍ଡ ଦୁର୍ନୀତି ମାମଲା । ଚୌଦ୍ୱାର କଟକ ପୂର୍ବତନ ବିଧାୟକ ତଥା ବିଜେଡି ନେତା ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ତାଙ୍କ ପତ୍ନୀ ଲକ୍ଷ୍ମୀବିଳାସିନୀ ବିଶ୍ୱାଳଙ୍କ ବିରୁଦ୍ଧରେ ଭୁବନେଶ୍ୱରର ସିବିଆଇ କୋର୍ଟ-୧ ବିଭିନ୍ନ ଦଫାରେ ଚାର୍ଜଫ୍ରେମ୍ କରିଛନ୍ତି । ଓଡ଼ିଶା ହାଇକୋର୍ଟ ଗତ ଏପ୍ରିଲ ମାସରେ ପ୍ରଭାତ ବିଶ୍ୱାଳଙ୍କ ବିରୁଦ୍ଧରେ ୨ମାସ ମଧ୍ୟରେ ଚାର୍ଜଫ୍ରେମ୍ କରିବା ସହ ମାମଲାର ଶୁଣାଣି ବର୍ଷକ ମଧ୍ୟରେ ଶେଷ କରିବାକୁ ସିବିଆଇ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯାହାଫଳରେ ଏନେଇ ପ୍ରତିକ୍ରିୟା ରଖିଛନ୍ତି ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ । ସେ କହିଛନ୍ତି ଯେ, ମାମଲାରେ ଏବେ କୋର୍ଟରେ ଅଛି । ଆଇନ ତା ବାଟରେ ଯାଉଛି । ଧର୍ମର ନିଶ୍ଚିନ୍ତ ଭାବେ ଜୟ ହେବ । ଏହା ଏକ ଜମିଜମା ମାମଲା । ସମୟ ଆସୁ ଦେଖିବେ, ସବୁ ଠିକ୍ ହୋଇଯିବେ । ମୁଁ ପୂର୍ବରୁ ଯାହା କହୁଥିଲି, ଆଜିବି ସେଇଆ ହିଁ କହୁଛି । ମାମଲାର ଫୈସଲା ତୁରନ୍ତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ୬ ମାସ ବିଳମ୍ବରେ ଚାର୍ଜଫ୍ରେମ୍ ଦାଖଲ କରାଯାଇଛି । ସମୟ ବଡ଼ ବଳବାନ । ସମୟ ସବୁ କଥାର ଜୟ ହେବ ...।

# ୨୦୨୪ ପାଇଁ କାହାର ମୁଖ୍ୟମନ୍ତ୍ରୀ ଚେହେରା କିଏ



ଭୁବନେଶ୍ୱର, ୨୪/୦୯ (ନି.ପ୍ର): ୨୦୨୪ ପାଇଁ କାହାର ମୁଖ୍ୟମନ୍ତ୍ରୀ ଚେହେରା କିଏ ? ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିଜେଡି ସର୍ବମାନ୍ୟ ନେତା କହୁଥିବା ବେଳେ କିଏ ହେବେ ବିଜେପି ଏବଂ କଂଗ୍ରେସର ଚେହେରା ? ସବୁଥର ଭଳି ଏଥର ମଧ୍ୟ ନିର୍ବାଚନ ପୂର୍ବରୁ ଉଠିଲାଣି ଏମିତି ପ୍ରଶ୍ନ । ଆଉ ଏମିତି ପ୍ରଶ୍ନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉତ୍ତର ରାଜ୍ୟ ରାଜନୀତିରେ ଚର୍ଚ୍ଚା, ଆଲୋଚନା ବଢାଇଛି । ବିନା ମୁଖ୍ୟମନ୍ତ୍ରୀ ଚେହେରାରେ ଓଡ଼ିଶାରେ ବିଜେପି ଜିତିବ । ଧର୍ମେନ୍ଦ୍ରଙ୍କ ଏଇ କେଇପଦ କଥା ସବୁ ଦଳକୁ ଚର୍ଚ୍ଚାର ଖୋରାକ୍ ଯୋଗାଇଛି । ଆଲୋଚନା, ସମାଲୋଚନାକୁ ବଳ ଦେଇଛି । ବିନା ଚେହେରାରେ ବିଜେପି ମୈଦାନକୁ ଓହ୍ଲାଇବା ଘୋଷଣାର କଡ଼ା ଜବାବ ଦେଇଛି ବିଜେଡି । ବିଧାୟକ ଭାଗିରଥୀ ସେଠୀ କହିଛନ୍ତି ବିଜେପିରେ ଗୃହ କନ୍ଦଳ ବଢିଛି । ତେଣୁ ଜଣଙ୍କର ନାଁ କହିଲେ ଅନ୍ୟ ଜଣେ ବିବାଦ କରିବ । ସେହି ଭୟରେ ସେମାନେ ଘୋଷଣା କରିବାକୁ ଡରୁଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଲଢିବାକୁ ବିଜେପିରେ ନେତା ନାହାନ୍ତି । ରାଜ୍ୟରେ ବିଜେପି ଜିତିବା ଦିବା ସ୍ୱପ୍ନ କହି କଟାକ୍ଷ କରିଛନ୍ତି ବିଜେଡି ବିଧାୟକ ଭାଗିରଥୀ ସେଠୀ । ଯାହାର ଜବାବ ରଖିଛନ୍ତି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର । କହିଛନ୍ତି ବିଜେପିର ଅନେକ ଚେହେରା ଅଛନ୍ତି । ବିଜେଡି, ବିଜେପିର ଆରୋପ ପ୍ରତ୍ୟାରୋପ ଭିତରେ ମୁଖ୍ୟମନ୍ତ୍ରୀ ଚେହେରା ▶▶ପୃଷ୍ଠା ୭

# ଅନ୍ତର୍ଜାତୀୟ ଆଇନଜୀବୀ ସମ୍ମିଳନୀ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ , ୨୩/୦୯ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନରେ 'ଅନ୍ତର୍ଜାତୀୟ ଆଇନଜୀବୀ ସମ୍ମିଳନୀ ୨୦୨୩'କୁ ଉଦଘାଟନ କରିଛନ୍ତି। ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ ଗୁରୁତ୍ୱପୂର୍ଣ୍ଣ ଆଇନଗତ ବିଷୟ ଉପରେ ଅର୍ଥପୂର୍ଣ୍ଣ ଆଲୋଚନା ଏବଂ ପର୍ଯ୍ୟାଲୋଚନା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବା, ବିଚାର ଏବଂ ଅଭିଜ୍ଞତାର ଆଦାନ ପ୍ରଦାନକୁ ପ୍ରୋତ୍ସାହିତ କରିବା ଏବଂ ଆନ୍ତର୍ଜାତିକ ସହଯୋଗ ଏବଂ ଆଇନଗତ ପ୍ରସଙ୍ଗଗୁଡ଼ିକର ବୁଝାମଣାକୁ ସୁଦୃଢ଼ କରିବା ଏହି ସମ୍ମିଳନୀର ଉଦ୍ଦେଶ୍ୟ।

ସମ୍ମିଳନୀକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ବିଶ୍ୱ ଆଇନ ଜଗତର ମହାନ ବ୍ୟକ୍ତିମାନଙ୍କ ସହ କଥାବାର୍ତ୍ତା କରିବାର ସୁଯୋଗ ପାଇ ଆନନ୍ଦ ପ୍ରକାଶ କରିଥିଲେ। ଇଂଲଣ୍ଡର ଲର୍ଡ ଚାନସ୍ଲେର ଶ୍ରୀ ଆଲେକ୍ସ ଚାକ୍ ଏବଂ ବାର୍ ଆସୋସିଏସନ୍ ଅଫ୍ ଇଂଲଣ୍ଡର ପ୍ରତିନିଧି, ରାଜ୍ୟଗୋଷ୍ଠୀ ଏବଂ ଆଫ୍ରିକୀୟ ଦେଶର ପ୍ରତିନିଧି ଏବଂ ସାରା ଦେଶର ଲୋକଙ୍କ ଉପସ୍ଥିତି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଅନ୍ତର୍ଜାତୀୟ ଓକିଲ ସମ୍ମିଳନୀ ୨୦୨୩ 'ବସୁଧୈବ କୁଟୁମ୍ବକମ୍' ଭାବନାର ପ୍ରତୀକ ପାଲଟିଛି। ପ୍ରଧାନମନ୍ତ୍ରୀ ବିଦେଶୀ ଅତିଥିମାନଙ୍କୁ ଭାରତକୁ ସ୍ୱାଗତ କରିବା ସହ ଏହି କାର୍ଯ୍ୟକ୍ରମ ଆୟୋଜନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବାରୁ ବାର୍ ଆସୋସିଏସନ୍ ଅଫ୍ ଇଣ୍ଡିଆକୁ ଧନ୍ୟବାଦ ଜଣାଇଥିଲେ ।

ପ୍ରଧାନମନ୍ତ୍ରୀ ଯେକୌଣସି ଦେଶର ବିକାଶରେ ଆଇନଜୀବୀଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। 'ବର୍ଷ ବର୍ଷ ଧରି ନ୍ୟାୟପାଳିକା ଏବଂ ବାର୍ ଭାରତର ନ୍ୟାୟିକ ବ୍ୟବସ୍ଥାର ରକ୍ଷକ ହୋଇ ଆସିଛନ୍ତି', ସେ କହିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ସ୍ୱାଧୀନତା ସଂଗ୍ରାମରେ ଆଇନଜୀବୀଙ୍କ ଭୂମିକା ଉପରେ ମଧ୍ୟ ଆଲୋକପାତ କରିଥିଲେ। ସେ ମହାତ୍ମା ଗାନ୍ଧୀ, ବାବା ସାହେବ ଆମ୍ବେଦକର, ବାବୁ ରାଜେନ୍ଦ୍ର ପ୍ରସାଦ, ଜବାହରଲାଲ ନେହେରୁ, ସର୍ଦ୍ଦାର ପଟେଲ, ଲୋକମାନ୍ୟ ତିଲକ ଓ ବୀର ସାବରକରଙ୍କ ଉଦାହରଣ ଦେଇଥିଲେ। ଆଇନ ବୃତିର ଅଭିଜ୍ଞତା ସ୍ୱାଧୀନ ଭାରତର ଭିତିଭୂମିକୁ ସୁଦୃଢ଼ କରିବା ରେ ସହାୟକ ହୋଇଛି ଏବଂ ଆଜିର ନିରପେକ୍ଷ ନ୍ୟାୟିକ ବ୍ୟବସ୍ଥା ମଧ୍ୟ ଭାରତ ପ୍ରତି ବିଶ୍ୱର ବିଶ୍ୱାସ କୁ ସୁଦୃଢ଼ କରିବାରେ ସହାୟକ ହୋଇଛି ।

ଅନ୍ତର୍ଜାତୀୟ ଆଇନଜୀବୀ ସମ୍ମିଳନୀ ଏପରି ଏକ ସମୟରେ ଅନୁଷ୍ଠିତ ହେଉଛି ଯେତେବେଳେ ଦେଶ ଅନେକ ଐତିହାସିକ ନିଷ୍ପତ୍ତିର ସାକ୍ଷୀ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଏବଂ ଲୋକସଭା ଏବଂ ରାଜ୍ୟସଭାରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ପାରିତ ହୋଇଥିବା କଥା ମନେ ପକାଇଥିଲେ ଯାହା ଲୋକସଭା ଏବଂ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣର ଅଧିକାର ଦେଇଥାଏ । 'ନାରୀ ଶକ୍ତି ବନ୍ଦନ ଆଇନ ଭାରତରେ ମହିଳାଙ୍କ ନେତୃତ୍ୱାଧୀନ ବିକାଶକୁ ନୂତନ ଦିଗ ଏବଂ ଶକ୍ତି ପ୍ରଦାନ କରିବ', ପ୍ରଧାନମନ୍ତ୍ରୀ କହିଥିଲେ । ନିକଟରେ ନୂଆଦିଲ୍ଲୀରେ ଶେଷ ହୋଇଥିବା ଜି-୨୦ ଶିଖର ସମ୍ମିଳନୀରେ ଭାରତର ଗଣତନ୍ତ୍ର, ଜନସଂଖ୍ୟା ଏବଂ କୂଟନୀତିର ଝଲକ ବିଶ୍ୱକୁ ମିଳିଥିଲା ବୋଲି ସେ ଉଲ୍ଲେଖ କରିଥିଲେ। ମାସକ ତଳେ ଆଜିର ଦିନରେ ପ୍ରଧାନମନ୍ତ୍ରୀ ସ୍ମରଣ କରିଥିଲେ ଯେ ଭାରତ ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରଯାନ-୩କୁ ସଫଳତାର ସହ ଅବତରଣ କରାଇଛି । ଏହି ଉପଲବ୍ଧି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଆତ୍ମବିଶ୍ୱାସରେ ଭରପୁର ଆଜିର ଭାରତ ୨୦୪୭ ସୁଦ୍ଧା 'ବିକଶିତ ଭାରତ'ର ଲକ୍ଷ୍ୟ ହାସଲ କରିବା ପାଇଁ କାର୍ଯ୍ୟ କରୁଛି । ଏକ ବିକଶିତ ରାଷ୍ଟ୍ରର ଲକ୍ଷ୍ୟ ହାସଲ କରିବା ପାଇଁ ଭାରତରେ ଆଇନ ବ୍ୟବସ୍ଥା ପାଇଁ ଦୃଢ଼, ସ୍ୱାଧୀନ ଏବଂ ନିରପେକ୍ଷ ଭିତ୍ତିଭୂମିର ଆବଶ୍ୟକତା ମଧ୍ୟ ସେ ପ୍ରକାଶ କରିଥିଲେ । ଆନ୍ତର୍ଜାତୀୟ ଆଇନଜୀବୀ ସମ୍ମିଳନୀ ୨୦୨୩ ଅତ୍ୟନ୍ତ ସଫଳ ହେବ ଏବଂ ପ୍ରତ୍ୟେକ ଦେଶ ଅନ୍ୟ ଦେଶର ସର୍ବୋତ୍ତମ ଅଭ୍ୟାସରୁ ଶିଖିବାର ସୁଯୋଗ ପାଇବେ ବୋଲି ପ୍ରଧାନମନ୍ତ୍ରୀ ବିଶ୍ୱାସ ବ୍ୟକ୍ତ କରିଥିଲେ । ଆଜିର ଦୁନିଆର ଗଭୀର ସମ୍ପର୍କ ବିଷୟରେ ପ୍ରଧାନମନ୍ତ୍ରୀ ମୋଦୀ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ସେ କହିଛନ୍ତି ଯେ ଆଜି ଦୁନିଆରେ ଅନେକ ଶକ୍ତି ଅଛି ଯେଉଁମାନେ ସୀମା ଏବଂ ଅଧିକାର ବିଷୟରେ ଚିନ୍ତା କରନ୍ତି ନାହିଁ । 'ଯେତେବେଳେ ବିପଦ ବିଶ୍ୱବ୍ୟାପୀ ହୁଏ, ସେତେବେଳେ ଏହାର ମୁକାବିଲା କରିବାର ଉପାୟ ମଧ୍ୟ ବିଶ୍ୱସ୍ତରୀୟ ହେବା ଉଚିତ' ବୋଲି ସେ କହିଛନ୍ତି । ସେ ସାଇବର ଆତଙ୍କବାଦ, ମନି ଲଣ୍ଡରିଂ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଅପବ୍ୟବହାରର ସମ୍ଭାବନା ଉପରେ ଆଲୋକପାତ କରି କହିଥିଲେ ଯେ ଏଭଳି ପ୍ରସଙ୍ଗରେ ଏକ ବିଶ୍ୱସ୍ତରୀୟ ଢାଞ୍ଚା ପ୍ରସ୍ତୁତ କରିବା କେବଳ ସରକାରୀ ମାମଲାଠାରୁ ଅଧିକ ନୁହେଁ ବରଂ ବିଭିନ୍ନ ଦେଶର ଆଇନଗତ ଢାଞ୍ଚା ମଧ୍ୟରେ ସଂଯୋଗ ଆବଶ୍ୟକ କରେ। ବିକଳ୍ପ ବିବାଦ ସମାଧାନ ଉପରେ ବକ୍ତବ୍ୟ ରଖି ପ୍ରଧାନମନ୍ତ୍ରୀ କହିଥିଲେ ଯେ ବାଣିଜ୍ୟିକ କାରବାରର ଜଟିଳତା ବଢୁଥିବାରୁ ଏଡିଆର ସମଗ୍ର ବିଶ୍ୱରେ ମୁଦ୍ରା ଲାଭ କରିଛି । ସେ କହିଛନ୍ତି ଯେ ଭାରତରେ ବିବାଦ ସମାଧାନର ଅନୌପଚାରିକ ପରମ୍ପରାକୁ ଶୃଙ୍ଖଳିତ କରିବା ପାଇଁ ଭାରତ ସରକାର ମଧ୍ୟସ୍ଥତା ଆଇନ ପ୍ରଣୟନ କରିଛନ୍ତି।

# ଡାକ୍ତର ବଳରାମ ପାଣିଗ୍ରାହୀଙ୍କ ପିତା ରଙ୍ଗାଚରଣ ପାଣିଗ୍ରାହୀଙ୍କ ପରଲୋକ

ବଲାଙ୍ଗୀର, ୨୩/୦୯ (ନି.ପ୍ର): ଆଜି ଦିନ ୩ ଘଂଟାରେ ବଲାଙ୍ଗୀର ଜିଲ୍ଲାପାଳ ଅଫିସ ସୁପରିଟେଣ୍ଡେଂଟ ପଦରୁ ୩୩ ବର୍ଷ ଆଗରୁ ଅବସର ନେଇଥିବା ରଙ୍ଗାଚରଣ ପାଣିଗ୍ରାହୀ ବୟସ ୯୧ ଆଜି ସ୍ଥାନୀୟ ସିଭିଲ କୋର୍ଟ ପଛପଟେ ଥିବା ନିଜସ୍ୱ ବାସଭବନରେ ଦିନ ତିନିଟାରେ ପରଲୋକ ହୋଇଯାଇଛି। ତାଙ୍କର ସରକାରୀ ଚାକିରୀରୁ ଅବସର ପରେ ଜୀବନ ତମାମ ସୁସ୍ଥ ରହିବା ପରେ ଗତ କିଛିଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧିନ ଥିଲେ। ତାଙ୍କର ପୁତ୍ରମାନଙ୍କ ଭିତରୁ ଡାକ୍ତର ବଳରାମ ପାଣିଗ୍ରାହୀ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମେଡ଼ିସିନ ବିଭାଗ ମୁଖ୍ୟରୁ ଅବସର ନେଇଥିବାବେଳେ ଦ୍ୱିତୀୟ ପୁତ୍ର ବାସୁଦେବ ପାଣିଗ୍ରାହୀ ବ୍ୟାଙ୍କ ଅଫିସର ପଦରୁ ଅବସର ନେଇ ଛନ୍ତି ତୃତୀୟ ପୁତ୍ର ଜୟଦେବ ପାଣିଗ୍ରାହୀ ନିକଟରେ ଜିଲ୍ଲା ସୂଚନା ଲୋକସମ୍ପର୍କ ବିଭାଗର ଜିଲ୍ଲା ଅଧିକାରୀରୁ ଉପ ନିର୍ଦ୍ଦେଶକ ପଦରେ ଚଳିତ ବର୍ଷ ଅବସର ନେଇଛନ୍ତି। ସାନପୁଅ ସହଦେବ ପାଣିଗ୍ରାହୀ ଜୱାହର ନବୋଦୟ ବିଦ୍ୟାଳୟ ନବରଙ୍ଗପୁରରେ ଅଧ୍ୟକ୍ଷ ଅଛନ୍ତି। ଆଜି ସନ୍ଧ୍ୟା ୬ଟାରେ ତାଙ୍କର ଶେଷଯାତ୍ରା ଘରୁ ବାହାରି ବଲାଙ୍ଗୀର ସାପ୍ତାହିକ ବଜାର ନିକଟ ବିଭୂତି ପଡ଼ା ଶ୍ମଶାନରେ ହୋଇ ଶେଷକୃତ୍ୟ ସମାପନ ହୋଇଛି। ତାଙ୍କର ବଡ଼ ପୁତ୍ର ଡାକ୍ତର ବଳରାମ ପାଣିଗ୍ରାହୀ ମୁଖାଗ୍ନି ଦେଇଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ଆତ୍ମୀୟ ସ୍ୱଜନ ବନ୍ଧୁ ବାନ୍ଧବ ସମେତ ସହର ମାନ୍ୟଗଣ୍ୟ ବ୍ୟକ୍ତି ସାମ୍ବାଦିକ, ଡାକ୍ତର ରାଜନୀତି ବ୍ୟକ୍ତି ବିଶେଷ ତାଙ୍କର ଘରେ ଓ ଶ୍ମଶାନରେ ଉପସ୍ଥିତ ରହି ଶେଷ ସମ୍ମାନ ପ୍ରଦର୍ଶନ କରିଥିଲେ।

# ଖତ ଖାଉଛି ପ୍ରାୟ ୧ କୋଟି ଟଙ୍କାର ଲୁହା କେବିନ

କେନ୍ଦ୍ରାପଡ଼ା, ୨୩/୦୯ (ନି.ପ୍ର): କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ତିନିମୁହାଣୀ ରାସ୍ତା କଡରେ ଭେଡିଂ ଜୋନ ପାଇଁ ୪୮ଟି ଲୁହା କେବିନ୍ ପକା ଯାଇଥିଲା । ଅବ୍ୟବହୃତ ଅବସ୍ଥାରେ ଥିବା ଏହି କେବିନ୍ ଗୁଡିକ କଳଙ୍କି ଖାଇଯିବା ସହ ତା ଉପରେ ଗଛଲତା ମାଡି ଯାଇ ପରିତ୍ୟକ୍ତ ଅବସ୍ଥାରେ ରାସ୍ତା କଡରେ ଥୁଆ ହୋଇଥିବା ଦେଖିବାକୁ ମିଳିଛି । ଉଠା ବ୍ୟବସାୟୀମାନଙ୍କୁ ଥଇଥାନ କରିବା ପାଇଁ ମୁନିସିପାଲିଟି ପକ୍ଷରୁ ଏହି ଲୁହା କେବିନ୍ ଗୁଡିକୁ ପ୍ରାୟ କୋଟିଏ ଟଙ୍କାରେ କିଣା ଯାଇ ରାସ୍ତା କଡରେ ପକାଯାଇ ଥିଲା । ବ୍ୟବସାୟୀମାନଙ୍କୁ ଦେବାପାଇଁ ଲଟେରୀ କରାଯାଇ ଥିଲେ ମଧ୍ୟ ଅତ୍ୟନ୍ତ ଅଣ ଓସାରିଆ ଓ ନିମ୍ନ ମାନର ଏହି ଲୁହା କେବିନ୍ ଗୁଡିକୁ ନେବାପାଇଁ ବ୍ୟବସାୟୀମାନେ ଇଚ୍ଛା ପ୍ରକାଶ କରି ନଥିଲେ । ଫଳରେ ରାସ୍ତା କଡରେ ଖରା ବର୍ଷା ଖାଇ ନିମ୍ନ ମାନର ଲୁହା କେବିନ୍‌ଗୁଡିକ ଭାଙ୍ଗି ରୁଜି ଯାଇ ତା' ଉପରେ ଗଛଲତା ମାଡି ଯାଇଥିବାର ଦେଖିବାକୁ ମିଳୁଛି ।

# ପେଟ୍ରୋଲ ଚୋରି ଘଟଣା ସିସି କ୍ୟାମେରାରେ କଏଦ୍

ଜୟପୁର, ୨୩/୦୯ (ନି.ପ୍ର): ପେଟ୍ରୋଲ ଚୋରି ଘଟଣା ସିସି କ୍ୟାମେରାରେ କଏଦ ହୋଇଛି । ଜୟପୁର ସହର ପାରାବେଡାର ପ୍ରଶାନ୍ତ ସତପଥିଙ୍କ ଘରେ ଦୁର୍ବୃତ ମାନେ ପେଟ୍ରୋଲ ଚୋରି କରୁଥିବା ସିସି କ୍ୟାମେରାରେ କଏଦ ହୋଇଛି । ୨ ଜଣ ଦୁର୍ବୃତ ଗେଟ ଡେଇଁ ପେଟ୍ରୋଲ ଚୋରି କରୁଥିବାର ଦୃଶ୍ୟ ସିସି କ୍ୟାମେରାରେ କଏଦ ହୋଇଛି । ୨ଟି ବାଇକରୁ ଲଗାତାର ଭାବେ ୩ରୁ ୪ ଦିନ ହେବ ପେଟ୍ରୋଲ ଚୋରି ହୋଇଥିବା ଜଣାଯାଇଛି । ଏନେଇ ଘର ମାଲିକ ପ୍ରଶାନ୍ତ ସତପଥି ଜୟପୁର ଏସଡିପିଓ ହରିସ ବିସି ଓ ଟାଉନ ଥାନା ଅଧିକାରି ସତ୍ୟାନନ୍ଦ ପାତ୍ରଙ୍କୁ ଫୋନ ଯୋଗେ ସୂଚନା ଦେଇଛନ୍ତି ।

# ଦ ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ଓଡ଼ିଶା ଲିଟେରାରୀ ଫେଷ୍ଟିଭାଲ୍

ଭୁବନେଶ୍ୱର, ୨୩/୦୯ (ନି.ପ୍ର): ଓଡ଼ିଆ ସମାଜର ଆଜିର ଅବସ୍ଥା କଣ ଏବଂ ମୋ ସମାଜକୁ ଆଗକୁ ନେବା ପାଇଁ ମୋର ଦାୟିତ୍ୱ କଣ ? ମୋର କାମ କଣ, ମୋର ଭବିଷ୍ୟତ କଣ? ଏହା ହିଁ ପରିଚୟର କଳ୍ପନାର ଗୋଟିଏ କାମ ବୋଲି ଶନିବାର ଭୁବନେଶ୍ୱରରେ 'ଦ ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସ ଗ୍ରୁପ'ର ଏକାଦଶ ଓଡ଼ିଶା ଲିଟେରାରୀ ଫେଷ୍ଟିଫାଲ -୨୦୨୩ (ଓଏଲଏଫ)ର ଉଦଘାଟନ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଓଏଲଏଫର ବିଷୟ ବସ୍ତୁ 'ଦ ଆଇଡିଆଜ୍ ଅଫ୍ ଆଇଡେଂଟି' ତଥା 'ପରିଚୟର କଳ୍ପନା' ଉପରେ ମତ ରଖିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଗୋଟିଏ ମଣିଷ, ସଭ୍ୟତା, ଭୌଗୋଳିକ ଅଞ୍ଚଳ କିମ୍ବା ବର୍ଗବିଶେଷର ଏକ ପରିଚୟ ରହିଥାଏ । ଭାଷା, ସଜ୍ଞା, ଆରାଧ୍ୟ ଦେବତାକୁ ନେଇ ପରିଚୟ ତିଆରି ହୋଇଥାଏ ଏବଂ ସ୍ଥାନ, କାଳ, ପାତ୍ର ନେଇ ପରିଚୟ ମଧ୍ୟ ପରିବର୍ତ୍ତିତ ହୋଇଥାଏ । କୌଣସି ନା କୌଣସି ବିଷୟକୁ ନେଇ ସ୍ୱାଭିମାନ ସହ ଚାଲିବା ପାଇଁ ପରିଚୟ ଦରକାର । ଆମେ ଓଡ଼ିଆ ଭାଷାଭାଷୀ ଲୋକମାନଙ୍କ ନାଁ କେତେବେଳେ ବିଭିନ୍ନ ରୂପରେ ରହିଆସିଛି । ଗୋଟିଏ ସଭ୍ୟତା କୌଣସି ନା କୌଣସି ସମନାତା ସହ ବନ୍ଧା ହୋଇଥାଏ । ସେହି ସମାନତା ଅଧିକ ଥିବା କାରଣରୁ ଆମ ସଭ୍ୟତା ଗୋଟିଏ ଜ୍ୱଳନ୍ତ ଜାଜୁଲ୍ୟମାନ ଦୀପ ସଦୃଶ ଭାବରେ ଅଛି। ଗୋଟିଏ ସଭ୍ୟତାର ଚିନ୍ତାର ଫଳାଫଳ କଣ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଶ୍ନ କରିଛନ୍ତି । ଆମ ରାଜ୍ୟ ଓଡ଼ିଶାକୁ ତଥ୍ୟ ଓ ଇତିହାସର ଦୃଷ୍ଟିକୋଣରୁ ଦେଖିଲେ ଆମ ରାଜ୍ୟ ହଜାର ହଜାର ବର୍ଷ ତଳର। ଅନେକ ଉତଥାନ ପତନ ମଧ୍ୟରେ ଗୋଟିଏ ସୁସଂସ୍କୃତ ସମାଜ ତା'ର ନିରନ୍ତରତାକୁ ବଜାୟ ରଖିଥାଏ । କଳିଙ୍ଗ ଯୁଦ୍ଧ ଏବଂ ତାହାର ଶାସନ ପ୍ରଣାଳୀ, କୌଣାର୍କରେ ପଥର ଉପରେ ଖୋଦିତ ଜିରାଫର ଚିତ୍ର ଅତୀତରେ ଆଫ୍ରିକା ସହ ଥିବା ସମ୍ପର୍କ ଥିବାର ପ୍ରମାଣ ଦିଏ। କୋଣାର୍କର ପୂଜକ ଇରାନର ସୂର୍ଯ୍ୟ ମନ୍ଦିରରୁ ଆସିଥିବା ଲୋକକଥା ରହିଛି । ଏହି ସବୁ ଲୋକକଥା ଓଡ଼ିଶାର ଗୌରବକୁ ପ୍ରତିଫଳନ କରେ । କୋଣାର୍କରେ ପ୍ରତିଫଳିତ ଜିରାଫ ଚିତ୍ର ଆମ ସମାଜର ମୋବିଲିଟିର ଏକ ବଡ଼ ସଙ୍କେତ ଦେଉଛି। ଆମ ବିଚାର ହିଁ ଆମର ଚରିତ୍ର । ଆମେ ଓଡ଼ିଆ ଲୋକମାନେ ଆମ ହଜାର ହଜାର ବର୍ଷର ପରମ୍ପରାକୁ ଆଧାର କରି 'ପରିଚୟର କଳ୍ପନା' କରିବା ଦରକାର ଏବଂ ନିଜ ଅଂଚଳକୁ ଆଗକୁ ନେବା ପାଇଁ ଯଥାସାଧ ଉଦ୍ୟମ କରିବା ଦରକାର । କିଛି ଗବେଷକଙ୍କ କହିବାନୁସାରେ, ଗୋଟିଏ ସମୟରେ ଆମ କଳିଙ୍ଗ ରାଜ୍ୟ ସହ ଭାରତର ଅନେକ ରାଜ୍ୟ ସମ୍ପର୍କ ରଖୁଥିଲେ । କଳିଙ୍ଗର ବନ୍ଦର ସମୂହ ଗୁଡିକରେ ଅନ୍ୟ ସାମ୍ରାଜ୍ୟ ଗୁଡିକର ବ୍ୟବସାୟୀ ବେପାର, ବାଣିଜ୍ୟ କରୁଥିଲେ । କଳିଙ୍ଗ ରାଜ୍ୟ ଅଧା ଭାରତକୁ ହାତୀ ଯୋଗାଉଥିବା ନେଇ ମଧ୍ୟ ଇତିହାସକାର ମାନେ ମତ ଦିଅନ୍ତି । ଜଗତସିଂହପୁରରେ ବସତି ସ୍ଥାପନ, ହଜାର ବର୍ଷର କଟକ ସହରର ତାରକସୀ, ପଶ୍ଚିମ ଓଡ଼ିଶାର ଇକତ ଓ ରଘୁରାଜପୁରର ପଟ୍ଟଚିତ୍ରର ଅନନ୍ୟ ପରିଚୟ ରହିଛି । ଏହି ଭୂଖଣ୍ଡର ପରିଚୟ ଅତି କମରେ ଅଢେଇ ହଜାର ବର୍ଷ ତଳର ବୋଲି କୁହାଯାଇପାରେ । ୧୯୦୮ ମସିହାରେ ବ୍ୟାସକବି ଫକୀର ମୋହନ ସେନାପତି ଅରଟ ପ୍ରବନ୍ଧରେ ଲିଭରୋପୁଲ୍ ର ଲୁଣ ଓ ମାଂଚେଷ୍ଟରର ଲୁଗା ପିନ୍ଧାକୁ ନେଇ କରିଥିବା ପ୍ରଶ୍ନକୁ ନେଇ ପରବର୍ତ୍ତୀ ପର୍ଯ୍ୟାୟରେ ମହାତ୍ମା ଗାନ୍ଧୀ ସ୍ୱଦେଶୀ ଆନ୍ଦୋଳନ ମାଧ୍ୟମରେ କହିଥିଲେ । ତେବେ ସେହି ସଭ୍ୟତା ଏକବିଂଶ ଶତାବ୍ଦୀରେ କେଉଁଠି ଅଛି ? ପରିଚୟର କଳ୍ପନା କଣ ହେବା ଦରକାର । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତି ସବୁ ଭାରତୀୟ ଭାଷାକୁ ପ୍ରାଥମିକତା ଦେଉଛି । ସବୁ ଭାଷାକୁ ଆମେ ସମ୍ମାନ ଦେବା ଦରକାର । ଶିଶୁଙ୍କୁ ପ୍ରାରମ୍ଭିକ ଅବସ୍ଥାରେ ମାତୃଭାଷାରେ ପଢାଇବା ପାଇଁ ବାଲବାଟିକାର ବ୍ୟବସ୍ଥା ହୋଇଛି । ପ୍ରଥମରୁ ମାତୃଭାଷାରେ ପାଠ ପଢିଲେ ହିଁ ଶିଶୁଙ୍କର ଅନୁସନ୍ଧାନ, ତର୍କ ଶକ୍ତି ଓ ବୁଝିବାର କ୍ଷମତାରେ ସ୍ୱଷ୍ଟତା ଆସିବ । ମାତୃଭାଷାକୁ ପ୍ରାଥମିକତା ନୂଆ ଶିକ୍ଷା ନୀତିର ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

# ବିଜେପିର 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ ଓ ମିଶ୍ରଣ ପର୍ବ

ରାଜକନିକା/କେନ୍ଦ୍ରାପଡ଼ା, ୨୩/୦୯ (ନି.ପ୍ର): ବିଜେପିର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଆଜି ନିର୍ବାଚନ ମଣ୍ଡଳୀ ଅଧିନ ପଶ୍ଚିମ କନିକା ମଣ୍ଡଳ(ଜୋନ -୨୭)ରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଦେଉଳତରାରେ ସହିଦ କିଶୋର ରାଉତଙ୍କ ସ୍ମୃତିପୀଠରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ନମତରା, ଚରପଡା ଓ ପଣସଗଣ୍ଡ ପଂଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି 'ମୋ ମାଟି ମୋ ଦେଶ ' କାର୍ଯ୍ୟକ୍ରମରେ ସହିଦ ସଚ୍ଚିଦାନନ୍ଦ ମଲ୍ଲିକ ଓ କିଶୋର ରାଉତଙ୍କ ସ୍ମୃତିପୀଠରୁ ଓ ପ୍ରତି ଘରୁ ପବିତ୍ର ମାଟି ସଂଗ୍ରହ କରିଥିଲେ। ଏହା ପରେ ପଣସଗଣ୍ଡ ଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଆଳି ପ୍ରଭାରୀ ତଥା ଜିଲ୍ଲା ସାଧାରଣ ସମ୍ପାଦକ ଅଭିମନ୍ୟୁ ଗୋଛାୟତଙ୍କ ସଂଯୋଜନାରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ଆଳି ନିର୍ବାଚନ ମଣ୍ଡଳୀରୁ ବିଜେଡି ଓ କଂଗ୍ରେସ ଦଳରୁ ଶତାଧିକ କର୍ମୀ ବିଜେପିର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଓ ମୋଦିଜୀଙ୍କ ନେତୃତ୍ୱକୁ ସ୍ୱୀକାର କରି ଶ୍ରୀ ପଣ୍ଡାଙ୍କ ଉପସ୍ଥିତିରେ ବିଜେପିରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମୋ ସହିତ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ଜିଲ୍ଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ରାଜ୍ୟ ପ୍ରବକ୍ତା ତେଜେଶ୍ୱର ପରିଡା, ସଂଜୟ ରଥ, ଲୋକସଭା ବିସ୍ତାରକ ଅନୁପ କୁମାର ପରିଡା ବିଧାନସଭା ବିସ୍ତାରକ ଯାଦବ ତ୍ରିପାଠୀ,ମଣ୍ଡଳ ସଭାପତି ଓମ ପ୍ରକାଶ ପତି, ରାଜେନ୍ଦ୍ର ବେହେରା, ଉମାକାନ୍ତ ନାୟକ,ବିଶ୍ୱକାନ୍ତ ନନ୍ଦ, ପ୍ରଶାନ୍ତ ସେଠୀ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀଧର ପ୍ରଧାନ, ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟ ଦର୍ଶ୍ନନି ନନ୍ଦ, ବିଜେପି ନେତା ବିକ୍ରମ ରାଉତରାୟ, ଜାନକୀ ପ୍ରଧାନ, ସରୋଜ କାନ୍ତ ନାୟକ, ସରୋଜ କାନ୍ତ ସାହୁ, ସଲିମ୍ ଖାଁ, ଭକ୍ତବନ୍ଧୁ ମିଶ୍ର, ପ୍ରଜେଶ ନାୟକ, ଶୁଭରଞ୍ଜନ ସାମଲ, ବରାହ ପଣ୍ଡା, ଯଯାତି ପଟ୍ଟନାୟକ, କାର୍ତ୍ତିକ ଦାଶ, ସରପଂଚ ଉର୍ମିଳା ମଲ୍ଲିକ, ସମିତି ସଭ୍ୟା ସୁଭଦ୍ରା ମଲ୍ଲିକ, ଶୋଭନ ଆଚାର୍ଯ୍ୟ, ଲଳିତ ବେହେରା, ନିହାର ରଞ୍ଜନ ସ୍ୱାଇଁ ପ୍ରମୁଖଙ୍କ ସମେତ ସହସ୍ରାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ବଲାଙ୍ଗୀର ଜିଲ୍ଲା ସିନିୟର ନକଆଉଟ ଫୁଟବଲ ଟୁର୍ଣ୍ଣାମେଂଟ : ଭାଗନେବେ ୧୨୦ ଦଳ

ବଲାଙ୍ଗୀର, ୨୩/୦୯ (ନି.ପ୍ର): ବଲାଙ୍ଗୀର ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ତା. ୨୪.୦୯.୨୦୨୩ ରବିବାର ଠାରୁ ଫୁଟବଲ ଟୁର୍ଣ୍ଣାମେଂଟ ଆରମ୍ଭ ହେବ। ଏଥିରେ ୧୨୦ଟି ଦଳ ଅଂଶ ଗ୍ରହଣ କରିବେ। ୨୪ ତାରିଖ ରବିବାର ପଲ୍ଲିଶ୍ରୀ ଷ୍ଟାଡିୟମ ସାଇଟ ସଦାଇପାଲି ଠାରେ ସାଇଟ ସ୍ପୋର୍ଟ ସୋସାଇଟି ସଦାଇପାଲି ବନାମ ଜେଏଫ୍‌ସି ପରଧିଆପାଲି, କଂଟାବାଞ୍ଜି ରେଲୱେ ପଡିଆ ଠାରେ ଚଟୁଅନକା ବନାମ ବାଜୀରାଉତ ଏଫ୍.ସି., ଜରାସିଂହା ମିନି ଷ୍ଟାଡିୟମ ଠାରେ ବି.ଏନ୍?.ଏ.ଏ. ଜରାସିଂହା ବନାମ ବଡଗୋମୁଣ୍ଡା, ଖପ୍ରାଖୋଲ ପଡିଆରେ ଖପ୍ରାଖୋଲ ବନାମ କୁହାବବାଉଁଶ ଓ ଚୁଡାପାଲି ପଡିଆରେ ଢୁଲୁସର ବନାମ ଡଙ୍ଗାଘାଟ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ହେବ। ୨୫ ତାରିଖ ସୋମବାର ସୁଜିଆ ପଡିଆରେ ସୁଜିଆ ବନାମ ସଲତରପାଲି ଲୋଇସିଂହା ମିନିଷ୍ଟାଡିୟମରେ ଲୋଇସିଂହା ଏ.ଏ. ବନାମ ଏସ୍‌ଆରଏଫ୍‌ଏ ତେନ୍ତୁଲିଖୁଂଟି, ଖୁଜେନପାଲି ପଡିଆରେ ରେଲୱେ ମର୍ଣ୍ଣଂଷ୍ଟାର ବନାମ କୁରୁଲ, ଟିଟିଲାଗଡ ସି.ଟି ସ୍କୁଲ ପଡିଆରେ ଜେ.ତି କ୍ଲବ ଭାଟିପଡା ବନାମ ରାଜୀବ କ୍ଲବ ନାନେଝର, ପାଟଣାଗଡ ପଡିଆରେ କୁତମୁଣ୍ଡା ବନାମ ଭରୁଆମୁଣ୍ଡା ମଧ୍ୟରେ ଖେଳ ହେବ। ୨୬ ତାରିଖ ମଙ୍ଗଳବାର ହଳଦି ପଡିଆରେ ହଳଦି ବନାମ ଢୁଢୁକାପଡା, ଖୋଲାନ ପଡିଆରେ ଖୋଲାନ ବନାମ ମହଗାଁ ଓ ଟାଉନ ହାଇସ୍କୁଲ ବଲାଙ୍ଗିର ପଡିଆରେ ପୋଗ୍ରେସିଭ୍ (ବି) ବନାମ ମାଣିକେଶ୍ୱରୀ କନ୍ଧପାଲି ମଧ୍ୟରେ ଖେଳ ହେବ। ନକ୍ ଆଉଟ ପଦ୍ଧତିରେ ୧୩ ଗୋଟି ପଡିଆରେ ୮ଟି ଗ୍ରୁପରେ ୬ ତାରିଖ ପର୍ଯ୍ୟନ୍ତ ଖେଳ ଗୁଡିକ ହେବ।

ସେହିପରି ଗାନ୍ଧୀ ଷ୍ଟାଡିୟମ ବଲାଙ୍ଗିର ଠାରେ ସୁପର ନକ୍ ଆଉଟ ଅକ୍ଟୋବର ୭ ରୁ ୧୦ ତାରିଖ ପର୍ଯ୍ୟନ୍ତ ହେବ। ୧୧ ତାରିଖ ପ୍ରଥମ ସେମି ଓ ୧୨ ତାରିଖ ଦ୍ୱିତୀୟ ସେମି ଫାଇନାଲ ଖେଳ ହେବ। ୧୪ ତାରିଖ ଗ୍ରାଣ୍ଡ ଫାଇନାଲ ଖେଳ ଗାନ୍ଧୀ ଷ୍ଟାଡିୟମ ଠାରେ ହେବ ବୋଲି କ୍ରିଡା ସଂସଦ ସୂତ୍ରରୁ ପ୍ରକାଶ। ବହୁ ସଂଖ୍ୟାରେ କ୍ରୀଡାପ୍ରେମୀ ଉପସ୍ଥିତ ରହି ଖେଳାଳୀମାନଙ୍କୁ ଉତ୍ସାହିତ କରିବାକୁ ସଂସଦର କାର୍ଯ୍ୟକାରି ସଭାପତି ଡ. ଶ୍ରୀକର ମିଶ୍ର, ସାଧାରଣ ସଂପାଦକ ହରିନାରାୟଣ ପୁଜାରୀ, ଫୁଟବଲ ସଂପାଦକ ହେମନ୍ତ କୁମାର ବେହେରା ଅନୁରୋଧ ଜଣାଇଛନ୍ତି।

# ଅକ୍ସିଜେନ ଥଳି ଧରି ଯିବା ପୂର୍ବରୁ ଗଛଟିଏ ଲଗାନ୍ତୁ, ସୁସ୍ଥ ରୁହନ୍ତୁ

ଭୁବନେଶ୍ୱର, ୨୩/୦୯ (ନି.ପ୍ର): କଳିଙ୍ଗ କଲେଜ ଅଫ କମର୍ସ, ପ୍ରାକ୍ତନ ଯୁବ ରେଡ଼କ୍ରସ ଓ ପ୍ରେରଣା ଗ୍ରୀନ ଆର୍ମିର ମିଳିତ ସହଯୋଗରେ କଲେଜ ପରିସରରେ ଆୟୋଜିତ 'ସବୁଜ ଓଡ଼ିଶା ଗଠନରେ ଯୁବଶକ୍ତିର ଭୂମିକା' ସମ୍ପର୍କିତ କାର୍ଯ୍ୟକ୍ରମରେ ପ୍ରେରଣା ଇଂଟରନ୍ୟାସନାଲ ଗ୍ରୀନ ଆର୍ମିର କମାଣ୍ଡାଂଟ ଇନ୍ ଚିଫ ତଥା ପୂର୍ବତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ମୁଖ୍ୟ ଅତିଥି ରୂପେ ଯୋଗଦେଇ କହିଲେ ଯେ, ବର୍ତ୍ତମାନ ଦିନକୁ ଦିନ ଗାଡ଼ି ମଟର, କଳ କାରଖାନା ଓ ଜନସଂଖ୍ୟା ବଢିବାରେ ଲାଗିଛି। କିନ୍ତୁ ସେହି ଅନୁପାତରେ ବୃକ୍ଷରୋପଣ କରାଯାଉ ନାହିଁ। ପରନ୍ତୁ ଜଙ୍ଗଲ ସୁରକ୍ଷା, ବୃକ୍ଷ ସୁରକ୍ଷା ପରିବର୍ତ୍ତେ ବ୍ୟାପକ ବୃକ୍ଷ ଛେଦନ କରାଯାଉଛି। ଏଣୁ ଅମ୍ଳଜାନର ଅଭାବ ପରିପୂରଣ ପାଇଁ ଯଥେଷ୍ଟ ଗଛ ନଥିବାରୁ ଦିଲ୍ଲୀ, ମୁମ୍ବାଇ ଆଦି ସହରରେ ଅକ୍ସିଜେନ ପାର୍ଲରମାନ ଖୋଲିଲାଣି ଏବଂ ଦୋକାନ ବଜାରରେ ତଥା ଚୀନର ରାଜଧାନୀ ବେଜିଂରେ ୧୮ ଡଲାରରେ ଏକ ଲିଟର ଅମ୍ଳଜାନ ବିକ୍ରି ହେଲାଣି। ଅନୁରୂପ ଭାବରେ ଦିଲ୍ଲୀ, ମୁମ୍ବାଇ ଆଦି ପ୍ରଦୂଷିତ ସହରମାନଙ୍କରେ ଅକ୍ସିଜେନ ଥଳି ଦୋକାନ ବଜାରରେ ବିକ୍ରି ହେବା ଆରମ୍ଭ ହେଲାଣି। ତେଣୁ ଆଗାମୀ ଦିନରେ ଏକ ସଫା ପାଣି ବୋତଲ ସହ ଅକ୍ସିଜେନ ଥଳି ଧରି ଯିବାର ସମୟ ଆସୁଛି। ଏଭଳି ପରିସ୍ଥିତିରେ ଏହି ମହାନ୍ ବିପଦରୁ ରକ୍ଷା ପାଇବା ପାଇଁ ବ୍ୟାପକ ବୃକ୍ଷରୋପଣ ନିତାନ୍ତ ଆବଶ୍ୟକ ବୋଲି ଡଃ ଶ୍ରୀଚନ୍ଦନ କହିଥିଲେ। କଲେଜର ଅଧ୍ୟକ୍ଷ ରଜତ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାର ପ୍ରାରମ୍ଭରେ ଯୁବ ରେଡ଼କ୍ରସ କାଉନସିଲର ସବାନା ନସ୍‌ରିନ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ମହାବିଦ୍ୟାଳୟ ପରିଚ୍ଛଳନା ପରିଷଦର ଅଧ୍ୟକ୍ଷ ଦିପ୍ତୀରଞ୍ଜନ ମିଶ୍ର, ଜୁନିୟର ରେଡ଼କ୍ରସ ଆଲୁମିନି ଆସୋସିଏସନର ସଭାପତି ସିଦ୍ଧାର୍ଥ କୁମାର ମହାନ୍ତି, ସମ୍ପାଦକ ଚନ୍ଦନ ବିଶୋୟୀ, ଉଚ୍ଚଶିକ୍ଷା ବୃତି ପ୍ରଦାନ କମିଟିର ସଭ୍ୟ ଡ. ତନ୍ମୟ ସ୍ୱାଇଁ, ଅଧାପିକା ଶିଳ୍ପା ଶାଣ୍ଡିଲ୍ୟ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ପୃଥିବୀ ପୃଷ୍ଠରେ ଜୀବଜଗତ ବଂଚି ରହିବାକୁ ହେଲେ ସାମ୍ପ୍ରତିକ ସମୟରେ ବୃକ୍ଷରୋପଣ ଏକ ବଳିଷ୍ଠ ମାଧ୍ୟମ। ଏହାପରେ ଛାତ୍ରଛାତ୍ରୀ ମାନେ ଏକ ଶୋଭାଯାତ୍ରାରେ ସ୍ଥାନୀୟ ଅଂଚଳ ପରିକ୍ରମା କରିଥିଲେ ଓ ପରିଶେଷରେ କଲେଜ ବସ୍‌ରେ ଭୁବନେଶ୍ୱର ଉପକଣ୍ଠସ୍ଥ ଧଉଳି ଶାନ୍ତିସ୍ତୁପର ଉଦ୍ୟାନରେ ବୃକ୍ଷରୋପଣ କରିଥିଲେ।

# ସିଦ୍ଧି ବିନାୟକ ପୂଜା କମିଟି ପକ୍ଷରୁ ରକ୍ତଦାନ ଶିବିର, ୬୦ ୟୁନିଟ୍ ସଂଗ୍ରହ

ସମ୍ବଲପୁର, ୨୩/୦୯ (ନି.ପ୍ର): ସମ୍ବଲପୁର ପ୍ରେସ କ୍ଲବ ପରିସରରେ ସିଦ୍ଧି ବିନାୟକ ପୁଜା କମିଟି ପକ୍ଷରୁ ଆଜି ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୨ ବର୍ଷ ଧରି ପ୍ରତ୍ୟେକ ବର୍ଷ ଗଣେଶ ପୂଜା ଅବସରରେ ରକ୍ତଦାନ କରି ଅନୁଷ୍ଠାନର ଯୁବକମାନେ ସମାଜ ପାଇଁ ନିଜର ଉତରଦାୟୀତ୍ୱ ନିର୍ବାହ କରି ଆସୁଛନ୍ତି। ଆୟୋଜିତ ରକ୍ତଦାନ ଶିବିରକୁ ଅନ୍ତରାଷ୍ଟ୍ରୀୟ ଯୁବ ବୈଜ୍ଞାନିକ ଶେଷଦେବ କିସାନ ଉଦଘାଟନ କରିଥିଲେ। ଏହି ଅବସରରେ ସମ୍ବଲପୁର ପ୍ରେସ୍ କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନ ଏବଂ ସାଧାରଣ ସମ୍ପାଦକ ଭବାନୀଶ ଭୋଇ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରୁ ମୋଟ୍ ୬୦ ୟୁନିଟରୁ ଉର୍ଦ୍ଧ୍ୱ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ ସମ୍ବଲପୁର ରକ୍ତଭଣ୍ଡାର ଅଧିକାରୀ ଡ. କକ୍ଷେଶ କକ୍କଡ଼ଙ୍କ ନେତୃତ୍ୱରେ ଅନ୍ୟ କର୍ମକର୍ତାମାନେ ପରିଚାଳନା କରିଥିଲେ। ଶିବିର ଆୟୋଜନରେ ସୁବ୍ରତ କୁମାର ପଣ୍ଡା, ରାମଦାସ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବେହେରା, ହେମନ୍ତ ସାହୁ, ସୂର୍ଯ୍ୟ ସାହୁ, ସୌମ୍ୟ ଦର୍ଶନ ସାହୁ, ମୋନାଲିସା ସାହୁ, ଚିନ୍ତା ବାଗ ସହ ଅନ୍ୟ କର୍ମକର୍ତାଗଣ ସହଯୋଗ କରିଥିଲେ।

# ପାଣିକୋଇଲି କୃଷି ସେବା ସମବାୟ ସମିତି ମଧ୍ୟରେ ଲହଡି ମାରୁଛି ପାଣି

କୋରେଇ, ୨୩/୦୯ (ନି.ପ୍ର): ପାଣିକୋଇଲି ପ୍ରାଥମିକ କୃଷି ସମବାୟ ସମିତି ମଧ୍ୟରେ ଲହଡି ମାରୁଛି ପାଣି । ବାଲି ବସ୍ତା ଉପରେ ଚଢି କାର୍ଯ୍ୟାଳୟ ମଧ୍ୟକୁ ଯିବାକୁ ପଡୁଛି କର୍ମଚାରୀ ଓ ଲୋକମାନଙ୍କୁ। କେବେ ସୁଧୁରିବ ଏ ଅବସ୍ଥା ତାହା ଏବେ ବଡ ପ୍ରଶ୍ନବାଚୀ। ବହୁ ପୁରାତନ ଏହି ସେବା ସମବାୟ ସମିତି ନିଜସ୍ୱ ଗୃହରେ ଚାଲିଛି। ପାଣିକୋଇଲି, ପଥରପଦା ପଂଚାୟତ ଓ ଗୋଳେଇପୁର, କରଦା, ଧନେଶ୍ୱର ପଂଚାୟତର ଆଂଶିକ ଗ୍ରାମ ମାନଙ୍କୁ ନେଇ ଏହି ସେବାସମବାୟ ସମିତିଃ ଗଠିତ । କୋରାଇ ବ୍ଲକର ସବୁଠୁ ଅଧିକ ଚାଷୀ ଏହି ସେବା ସମବାୟ ସମିତିର ସଭ୍ୟ । ଏଠାରେ ମିନିବ୍ୟାଙ୍କ ରହିଛି । ହେଲେ ବହୁ ପୂର୍ବରୁ ନିର୍ମିତ ଏହି ସେବାସମବାୟ ସମିତି ଗୃହ ଠାରୁ ରାସ୍ତା ଉଚ୍ଚତା ବଢି ଯାଇଛି । ଡ୍ରେନେଜ ସବୁଧା ନଥିବାରୁ ଅସରାଏ ପାଣି ହେଲେ ସମବାୟ ସମିତି କାର୍ଯ୍ୟାଳୟ ମଧ୍ୟରେ ପାଣି ପଶୁଛି। କାର୍ଯ୍ୟାଳୟ ସମ୍ମାରେ ପାଣି ରହିବାରୁ ଏହାକୁ ପୋତି ଦିଆଯାଇଛି । ମାତ୍ର ଅସରାଏ ବର୍ଷା ହେବା ଫଳରେ କାର୍ଯ୍ୟାଳୟ ମଧ୍ୟରେ ପାଣି ପସୁଛି । ଯାହାକୁ ନିଷ୍କାସନ କରିବାର କୌଣସି ବ୍ୟବସ୍ଥା ମଧ୍ୟ ନାହିଁ । ଫଳରେ ଏହି କାର୍ଯ୍ୟାଳୟ ମଧ୍ୟକୁ ଯିବା ପାଇଁ ହେଲେ ବାଲି ବସ୍ତା ଉପରେ ଡେଇଁ ଡେଇଁ ଯିବାକୁ ପଡୁଛି। କାର୍ଯ୍ୟାଳୟ ପରିସରରେ ସମବାୟ ସମିତିର ଜମି ରହିଛି । ସେହି ସ୍ଥାନରେ ନୂତନ ଗୃହ ନିର୍ମାଣ କରିବା ସହ ପୁରାତନ ଗୃହକୁ ଭାଙ୍ଗିଦେଇ ନୂତନ ଗୃହ କରାଯିବାର ଆବଶ୍ୟକତା ଦେଖାଦେଇଛି । ଏ ଦିଗରେ ବିଭାଗ ପକ୍ଷରୁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ପଂଚଶାସନୀ ବ୍ରାହ୍ମଣ ସମାଜର ନୂଆଁଖାଇ ଭେଟ୍ ଘାଟ

ସମ୍ବଲପୁର, ୨୩/୦୯ (ନି.ପ୍ର): ସମ୍ବଲପୁର ଚାରଭାଟି ସ୍ଥିତ ପଂଚଶାସନୀ ବ୍ରାହ୍ମଣ ସମାଜ ଭବନ ପରିସରରେ ହର୍ଷ ଉଲ୍ଲାସର ସହିତ ନୂଆଁଖାଇ ଭେଟଘାଟ୍ ଅନୁଷ୍ଠିତ ହୋଇଯାଇଛି। ପଂଚଶାସନୀ ବ୍ରାହ୍ମଣ ସମାଜର କାର୍ଯ୍ୟକାରୀ ସଭାପତି ତଥା ପଣ୍ଡିତ ମହାସଭାର ପୂର୍ବତନ ସଭାପତି ଲକ୍ଷ୍ମଣ କୁମାର ବେହେରା ମାଁ ସମଲେଶ୍ୱରୀ, ପ୍ରଭୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା ଓ ଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପଂଚଶାସନୀ ବ୍ରାହ୍ମଣ ସମାଜର ଦିବଙ୍ଗତ କର୍ମକର୍ତାଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସଦସ୍ୟଗଣ ନୂଆଁଖାଇ ଉପରେ ବିଭିନ୍ନ କବିତା ଓ ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକାରୀ ସଭାପତି ଲକ୍ଷ୍ମଣ କୁମାର ବେହେରା, ସାଧାରଣ ସମ୍ପାଦକ ସରୋଜ କୁମାର ଧର, ଅବସର ପ୍ରାପ୍ତ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପ୍ରଦୀପ୍ତ ନାଥ, ଜଗଦୀଶ ତ୍ରିପାଠୀ, ଶ୍ୟାମସୁନ୍ଦର ଧର, ଅନନ୍ତରାମ ପଣ୍ଡା ପ୍ରମୁଖ ଅତିଥି ମଂଚାସୀନ ଥିଲେ। ନୂଆଁଖାଇର ମହତ୍ୱ ଓ ଉଦ୍ଦେଶ୍ୟ ଉପରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅପରାହ୍ନରେ ଗୁରୁଜନ ଓ ବୟୋଜ୍ୟେଷ୍ଠ ମାନଙ୍କୁ ଭେଟି ସମ୍ମାନ ପ୍ରଦାନ କରିବା ଉପରେ ସଦସ୍ୟଗଣ ଗୁରୁତ୍ୱାରୋପ କରିଥିଲେ । ଆଜିର କାର୍ଯ୍ୟକ୍ରମରେ କାମିନୀ ମୋହନ ଶର୍ମା, ଶ୍ୟାମସୁନ୍ଦର ଧର, ତ୍ରିଲୋଚନ ତ୍ରିପାଠୀ, ପଙ୍କଜିନୀ ନାୟକ, ତୃଷ୍ଣାମୟୀ ନାଥ, ହେମନ୍ତ ପାଢ଼ୀ ନୂଆଁଖାଇ ଉପଲକ୍ଷେ କବିତା ଆବୃତି କରିଥିଲେ କ୍ଷ ହରିବନ୍ଧୁ ସେନାପତି, ଶ୍ରୀକାନ୍ତ ବିଶ୍ୱାଳ, ଅଜିତ ଧର, ଦେବେନ୍ଦ୍ର ପ୍ରସାଦ ନାଥ,ଟିଙ୍କୁ ନାୟକ,ହୃଷିକେଶ ବେହେରା ସହଯୋଗ କରିଥିଲେ।କାର୍ଯ୍ୟକ୍ରମକୁ ସହ ସମ୍ପାଦକ ନିଶିକାନ୍ତ ବିଶ୍ୱାଳ ପରିଚାଳନା କରିଥିଲେ। ଶେଷରେ ସମାଜର ସାଧାରଣ ସମ୍ପାଦକ ସରୋଜ ଧର ଧନ୍ୟବାଦ ଅର୍ପଣ କରିଥିଲେ।

# ଇଣ୍ଟରନେଟ୍ ଆସକ୍ତିର କୁପ୍ରଭାବ



**ବର୍ତ୍ତମାନ ଯୁଗ ହେଉଛି ଇଣ୍ଟରନେଟ୍ର ଯୁଗ । ଏହା ବିନା ଆଜିକାର ମନୁଷ୍ୟ ପାଦଟିଏ ଆଗେଇ ପାରୁନି । ପ୍ରକୃତରେ ଏଥିଯୋଗୁଁ ସାରା ପୃଥିବୀଟା ନିଜ ହାତ ପାଆନ୍ତାରେ ଥିବା ପରି ଲାଗୁଛି । ମାତ୍ର ଏହି ଇଣ୍ଟରନେଟ୍ର ବହୁଳ ବା ଅତ୍ୟଧିକ ବ୍ୟବହାର ଯୋଗୁ ଅଧିକାଂଶ ସମୟରେ ଯୁବପିଢ଼ିଙ୍କ ସାମାଜିକ ଓ ପାରିବାରିକ କ୍ଷତି ମଧ୍ୟ ଘଟୁଛି । ଅତ୍ୟଧିକ ଆସକ୍ତି ଦ୍ୱାରା ଶରୀର ଉପରେ ଏହାର ବିଶେଷ କୁପ୍ରଭାବ ପଡୁଥିବା ଜଣାପଡ଼ିଛି ।**

କୋମଳମତି ଶିଶୁମାନେ ଏହି ମୋବାଇଲ ଓ ଇଣ୍ଟରନେଟ୍ ବ୍ୟବହାର କରିବା ଠାରୁ ଦୂରେଇ ରହିପାରୁ ନାହାନ୍ତି । ଶିଶୁମାନେ ମୋବାଇଲ ବ୍ୟବହାର କରି ପାଠ ପଢୁଛନ୍ତି ଓ ଏହାଦ୍ୱାରା ଅନେକ ଜ୍ଞାନ ଆହରଣ କରୁଛନ୍ତି । ମାତ୍ର ସେମାନେ ଏହାର ବ୍ୟବହାରେ ସମୟରେ ବିଭିନ୍ନ ଅଶ୍ଳୀଳ ଛବି ମଧ୍ୟ ଦେଖୁଛନ୍ତି । ନିଜ କାର୍ଯ୍ୟ ଯଥା - ପାଠପଢ଼ା ଏବଂ ଚାକିରି ଆଦିରେ ନିଜର କର୍ତ୍ତବ୍ୟ ଭୁଲି ସେଥିରେ ମନ ବିନିଯୋଗ କରୁଛନ୍ତି । ତେଣୁ ସେମାନଙ୍କ ମାନସିକ ଅବସ୍ଥାର ବିଭିନ୍ନ ପରିବର୍ତ୍ତନ ଘଟୁଛି । ସମୟେ ସମୟେ ଏହି ଯୁବପିଢ଼ିମାନେ ନିଜର ସେଲଫି ଉଠାଇବା ନିଶାରେ ଅନେକ ଦୁର୍ଘଟଣା ଘଟୁଥିବା ଜଣାପଡ଼ିଛି । ଆଜିକାଲି ଯୁବକ ମୋବାଇଲରେ ସମୟ କାଟୁଛନ୍ତି । ଫଳରେ ସେମାନଙ୍କ ଦୃଷ୍ଟିଶକ୍ତି ହ୍ରାସ ପାଉଛି । ଏହି ମୋବାଇଲ ଓ ଇଣ୍ଟରନେଟ୍ ବ୍ୟବହାର ଯୋଗୁ ଦୂରରେ ଥିବା ସାଙ୍ଗ ଓ ଆତ୍ମୀୟସ୍ୱଜନଙ୍କ ସହ ସମ୍ପର୍କ ଯୋଡ଼ି ପାରୁଛନ୍ତି । ମାତ୍ର ନିଜ ପାଖରେ ଥିବା ସାଙ୍ଗ, ବାପା ମାଆ ଓ ଭାଇ ଭଉଣୀଙ୍କ ସହିତ କଥାବାର୍ତ୍ତା ହେଉନାହାନ୍ତି । ଗୋଟିଏ ଗୋଟିଏ ପରିବାରକୁ ଦେଖିଲେ ଜଣାଯାଏ, ସମସ୍ତେ ମୋବାଇଲ ଧରି ଫେସବୁକ, ଇଣ୍ଟରନେଟ୍, ହ୍ୱାଟସଆପ, ଭିଡ଼ିଓ ଚାଟିଂ ଆଦି କରିବାରେ ବ୍ୟସ୍ତ । ନିଜ ପରିବାର ମଧ୍ୟରେ କାହାରିକୁ କାହାରି ସହ କଥା ପଦେ କହିବାକୁ ଫୁର୍ସତ୍ ମିଳୁନାହିଁ । ଫଳରେ ପରିବାରରେ ନାନା ଅଶାନ୍ତି ସୃଷ୍ଟି ହେଉଛି । ଯେଉଁମାନେ ଇଣ୍ଟରନେଟ୍ ବ୍ୟବହାର କରନ୍ତି ସେମାନଙ୍କ ମଧ୍ୟରୁ ପ୍ରାୟ ୪ ରୁ ୧୦ ପ୍ରତିଶତ ଇଣ୍ଟରନେଟ୍ ଆସକ୍ତିରେ ପ୍ରଭାବିତ ହୁଅନ୍ତି ।





କାରଣ: ମଦ, ଗଞ୍ଜେଇ, ଭାଙ୍ଗ, ବ୍ରାଉନସୁଗାରଓ ଅନ୍ୟାନ୍ୟ ମାଦକଦ୍ରବ୍ୟ ଭଳି ଏହା ଏକ ନିଶା । ଏଥିପ୍ରତି ଅତିମାତ୍ରାରେ ଆସକ୍ତି ଆସତଲେ ଛାଡ଼ିବା କଷ୍ଟସାଧ୍ୟ । ଅନ୍ୟାନ୍ୟ ନିଶା ସେବନ କରିବାର କିଛିଦିନ ପରେ ଯେପରି ମସ୍ତିଷ୍କରେ ଅସନ୍ତୁଳନ ସୃଷ୍ଟିହୁଏ, ସେପରି ଇଣ୍ଟରନେଟ୍ର ଅତ୍ୟଧିକ ବ୍ୟବହାର କଲେ ମସ୍ତିଷ୍କରେ ରାସାୟନିକ ବିଶୃଙ୍ଖଳା ହୁଏ । ଫଳରେ ମନୁଷ୍ୟ ରୋଗାକ୍ରାନ୍ତ ହୁଏ । ଏହାର ବ୍ୟବହାରରେ ଆଇନଗତ ପ୍ରତିବନ୍ଧକ ନଥାଏ । ବାସ୍ତବ ଦୁନିଆରେ ଯାହା ଅପ୍ରକାଶ୍ୟ ତାହା ସେ ନିଃସଙ୍କୋଚରେ ଇଣ୍ଟରନେଟ୍ ମାଧ୍ୟମରେ ପ୍ରକାଶ କରିପାରେ । ଏହା ବ୍ୟୟସାପେକ୍ଷ ହୋଇ ନଥିବାର ଲୋକଟି ଆର୍ଥିକ ଚାପରେ ମଧ୍ୟ ନଥାଏ । ଏହିସବୁ କାରଣରୁ ଲୋକଟି ଇଣ୍ଟରନେଟ୍ର ମନଇଚ୍ଛା ବ୍ୟବହାର କରେ ।

ଲକ୍ଷଣ: ଯେଉଁମାନେ ଇଣ୍ଟରନେଟ୍ ବ୍ୟବହାର କରିବେ ବୋଲି ସବୁବେଳେ ଭାବୁଥାନ୍ତି ସେମାନେ ଅଧିକାଂଶ ସମୟ ଏଥିରେ ବିତାନ୍ତି । ଚେଷ୍ଟା କଲେବି ଇଣ୍ଟରନେଟ୍ ବ୍ୟବହାର କରିବାର ସମୟକୁ କମ୍ କରିପାରନ୍ତି ନାହିଁ । ଆଗରୁ ଯେତେ ସମୟ ଭାବିଥିବେ, ତାହାଠାରୁ ଯଥେଷ୍ଟ ଅଧିକ ସମୟ କମ୍ପ୍ୟୁଟର ଓ ମୋବାଇଲ ସହ ବିତାଇ ଥାନ୍ତି । ମନ ଅସ୍ଥିର, ଛାନିଆ ଓ ବିଷାଦଗ୍ରସ୍ତ ରହେ । ନିଦ ମଧ୍ୟ ଠିକ୍ ଭାବେ ହୁଏନାହିଁ । ସେମାନେ ଏଥିରେ ଏତେ ମଜ୍ଜି ଯାଇଥାନ୍ତି ଯେ ଚାକିରି ଚାଲିଯିବାର, ବିବାହ ବିଚ୍ଛେଦ ହେବାର ଓ ସମାଜଠାରୁ ଦୂରେଇ ଯିବାର ଭୟ ମଧ୍ୟ ଥାଏ । କେତେଜଣ ନିଜକୁ ଦୋଷୀ ମଧ୍ୟ କରନ୍ତି । ସେମାନେ କେତେ ସମୟ ବ୍ୟବହାର କରୁଛନ୍ତି, ତାହା ମଧ୍ୟ ଅନ୍ୟମାନଙ୍କ ଠାରୁ ଲୁଚାନ୍ତି । ଏହିସବୁ ଲକ୍ଷଣ ଛଡ଼ା ଶାରୀରିକ ଲକ୍ଷଣ ଯେପରି ମୁଣ୍ଡ ବିନ୍ଧା, ମେରୁଦଣ୍ଡ ସମସ୍ୟା, ହାତଗଣ୍ଠି ଓ ଆଙ୍ଗୁଳି ବିନ୍ଧିବା ଆଦି ଦେଖାଯାଇପାରେ । ବେଳେବେଳେ ଇଣ୍ଟରନେଟ୍ ବିବାହର ମଧ୍ୟସ୍ଥ ଭାବେ କାମ କରେ । କେତେକ ଯୁବକ ଓ ଯୁବତୀମାନେ ପ୍ରେମରେ ପଡ଼ନ୍ତି । ବିବାହ କରିବାକୁ ଇଚ୍ଛା ମଧ୍ୟ କରନ୍ତି । ମାତ୍ର କେତେଜଣ ଏହାର ଅପବ୍ୟବହାର ମଧ୍ୟ କରିଥାନ୍ତି । ସେମାନେ ନିଜର ପ୍ରକୃତ ବ୍ୟକ୍ତିତ୍ୱ ଓ ଚରିତ୍ରକୁ ଲୁଚାନ୍ତି । ଏହା ଭବିଷ୍ୟତର ମାନସିକ ଚାପ ପକାଇଥାଏ । କେବଳ ଏତିକି ନୁହେଁ ଇଣ୍ଟରନେଟ୍ରେ ଛାଡ଼ିଥିବା ନିଜ ଫଟୋଟିକୁ କିଏ ପସନ୍ଦ କଲା ଓ କିପରି ଭାବେ ସମାଲୋଚନା କଲା, ଏଥିପାଇଁ ମଧ୍ୟ ବନ୍ଧୁଙ୍କ ମଧ୍ୟରେ ମନୋମାଳିନ୍ୟ ହେବାର ନଜର ଅଛି ।







ପ୍ରକାର:

-ସାଇବର ସେକ୍ସ ଆସକ୍ତି: ଯୌନ ଉଦ୍ଦୀପକ ଚିତ୍ର ଦେଖନ୍ତି ।

- ସାଇବର ରିଲେସନାଲ ଆଡ଼ିକସନ: କମ୍ପ୍ୟୁଟର ଦୁନିଆରେ ନିଜ ବନ୍ଧୁ ଓ ପରିବାର ସହିତ ଅଧିକ ବିତାନ୍ତି ।

- ଇନଫରମେସନ ଓଭରଲୋଡ଼: ସବୁବେଳେ ଇଣ୍ଟରନେଟ୍ରେ ରାଜନୈତିକ ଖବର, ଚଳଚ୍ଚିତ୍ର ଓ ଅର୍ଥନୈତିକ ଖବର ଆଦି ରଖିବାକୁ ବ୍ୟଗ୍ର ହୁଅନ୍ତି ।

- ନେଟ୍ କମ୍ପଲସିଭିଙ୍ଗ: ନିଜର ଆବେଗକୁ ନିୟନ୍ତ୍ରଣ କରି ନପାରି ସବୁବେଳେ ଇଣ୍ଟରନେଟ୍ କରନ୍ତି ।

- କମ୍ପ୍ୟୁଟର ନନ ଇଣ୍ଟରନେଟ ଆସକ୍ତି: ଏମାନେ ଅଧିକାଂଶ ସମୟ ଇଣ୍ଟରନେଟ୍ ବନ୍ଦ କରି କମ୍ପ୍ୟୁଟରରେ ଖେଳନ୍ତି ।

ମୋବାଇଲ କିମ୍ବା ସେଲଫୋନ କମ୍ପଲସନ: ଏମିତି ବି କେତେଜଣ ଅଛନ୍ତି ଯାହାକୁ ମୋବାଇଲ ନିଶାଥାଏ । ସେମାନେ ବିନା କାରଣରେ ନିଜର ବନ୍ଧୁଙ୍କୁ ବାରମ୍ବାର ଫୋନ କରନ୍ତି । ଫୋନ୍ କରିବାର କିଛି ନିର୍ଦ୍ଦିଷ୍ଟ କାରଣ ଦିଅନ୍ତି ନାହିଁ । ଯେଉଁମାନେ ନିଜକୁ ଏକାକୀ ମନେ କରନ୍ତି, ସେମାନେ ଏପରି ବ୍ୟବହାର କରନ୍ତି ।

ଚିକିତ୍ସା: ଏହି ରୋଗର ଲକ୍ଷଣ ଦେଖାଯିବା ମାତ୍ରେ ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଉଚିତ । ମନସ୍ତାତ୍ତ୍ୱିକ ଓ ବ୍ୟବହାରିକ ଚିକିତ୍ସା ରୋଗର ଉପଶମ ପାଇଁ ସାହାଯ୍ୟ କରେ । ଲୋକଙ୍କୁ ଉତ୍ତମ ସାମାଜିକ ବ୍ୟବହାର ଶିଖାଇବା ଉଚିତ । ବନ୍ଧୁଙ୍କ ସହିତ ସମୟ ଅତିବାହିତ କରିବାକୁ ଉତ୍ସାହିତ କରାଯାଏ । କମ୍ପ୍ୟୁଟର ଦୁନିଆରେ ନ ରହି ବାସ୍ତବ ଦୁନିଆ ସହୀତ ଯୋଡ଼ି ରହିବାକୁ ପରାମର୍ଶ ଦିଆଯାଏ । ସେଥିପାଇଁ ବିଭିନ୍ନ ବିବାହ ଭୋଜି ଓ ସାମାଜିକ କାର୍ଯ୍ୟକ୍ରମରେ ଭାଗ ନେବାକୁ ଉତ୍ସାହିତ କରାଯାଏ । ଏହାଦ୍ୱାରା ରୋଗୀର ଭାବନା ଓ ବ୍ୟବହାରରେ ପରିବର୍ତ୍ତନ ଆସେ । ଦରକାର ବେଳେ ଔଷଧର ସାହାଯ୍ୟ ନିଆଯାଏ ।



## ଏକାଥରକେ ଅନେକ ରୋଗର ମୂଳପୋଛ କରିପାରେ ତେଜପତ୍ର

ରୋଷେଇ ଘରେ ଆମେ ବିଭିନ୍ନ ପ୍ରକାରର ମସଲା ବ୍ୟବହାର କରିଥାଉ । ସେଥିମଧ୍ୟରୁ ଜେତପତ୍ର ଅନ୍ୟତମ । ଏହା ହେଉଛି ସବୁଠାରୁ ଶକ୍ତିଶାଳୀ ମସଲା । ତେଜପତ୍ରର ସ୍ୱାଦ ଏବଂ ସୁଗନ୍ଧ ଯୋଗୁ ଏହା ରୋଷେଇରେ ଖୁବ୍ ଅଧିକ ବ୍ୟବହୃତ ହୁଏ । କିନ୍ତୁ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ହଜମ ପାଇଁ ଏହା ଏହା ଔଷଧ ପରି କାମ କରେ । ଅନେକ ଗବେଷଣାରୁ ତେଜପତ୍ରର ଉପକାରିତା ବିଷୟରେ ଜାଣିବାକୁ ମିଳିଛି । ଏହି ପତ୍ରରେ ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟି କ୍ୟାନସର, ଆଣ୍ଟି ବ୍ୟାକ୍ଟେରିଆ ଏବଂ ଆଣ୍ଟି-ଇନ୍‌ଫ୍ଲାମେଟୋରି ଗୁଣ ରହିଛି । ଅନେକ ପୁଷ୍ଟିକର ଉପାଦାନ ଥିବାରୁ ଏହି ପତ୍ର ସଂକ୍ରମଣ ଏବଂ ଉଚ୍ଚ ରକ୍ତଶର୍କରାକୁ ନିୟନ୍ତ୍ରଣ କରିବାରେ ଅତ୍ୟନ୍ତ ପ୍ରଭାବଶାଳୀ । ରୋଷେଇ ବ୍ୟତୀତ ଆପଣ ଚା'ରେ ମଧ ଏହି ପତ୍ର ବ୍ୟବହାର କରିପାରିବେ । ମଧୁମେହ ରୋଗୀଙ୍କ ପାଇଁ ପତ୍ର ଖୁବ୍ ଉପକାରୀ । ଏହା ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବା ସହ ଏଥିରେ ଥିବା ପଲିଫେନୋଲ ରକ୍ତରେ ଶର୍କରା ଓ କୋଲେଷ୍ଟ୍ରୋଲକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । କିଛି ଅନୁସନ୍ଧାନରେ କୁହାଯାଇଛି ଯେ ତେଜପତ୍ର ଏହି କର୍କଟ କୋଷଗୁଡ଼ିକର ବୃଦ୍ଧିକୁ ବନ୍ଦ କରିପାରେ । ଜୀବାଣୁ ଫୁସଫୁସକୁ ଅଧିକ ଟାର୍ଗେଟ କରନ୍ତି, ଯାହା ଶ୍ୱାସକ୍ରିୟାରେ ସମସ୍ୟା ଉପୁଜାଏ । ଯଦି ଆପଣଙ୍କର ନିଶ୍ୱାସ ନେବାରେ ଅସୁବିଧା ହେଉଛି ତ ଜେତପତ୍ର ପକାଇ ଫୁଟା ପାଣି ପିଅନ୍ତୁ । ଅନେକ ଲୋକ ତେଜପତ୍ରକୁ ବ୍ୟବହାର କରି କେଶ ଝଡ଼ିବା ସମସ୍ୟାକୁ ବି ଏଡ଼େଇ ପାରିଛନ୍ତି । ବିଶ୍ୱାସ କରାଯାଏ ଯେ ତେଜପତ୍ରରେ କେଶ ଧୋଇଲେ କେଶର ଚେର ମଜବୁତ୍ ହୋଇଥାଏ ।

## ଜଡ଼ା ତେଲ ମାଲିସ କଲେ ଆପଣଙ୍କ ତ୍ୱଚା ଦିଶିବ ଯୁବା, ପ୍ରତିଦିନ ଲଗାଇବା ଖୁବ୍ ଭଲ



ସୌନ୍ଦର୍ଯ୍ୟ ରୁଟିନ୍ରେ ସବୁଠାରୁ ଅଧିକ ବ୍ୟବହୃତ ହୋଇଥାଏ ଜଡ଼ା ତେଲ । ଏହାର ଶରୀରକୁ ଓଦାଳିଆ ରଖିବା ଓ ପୁଷ୍ଟିକର ଗୁଣ ଯୋଗୁଁ ଏହାକୁ ପ୍ରତିଦିନ ଚର୍ମରେ ବ୍ୟବହାର କଲେ ବି ଚଳିବ । ଶୁଷ୍କ କିମ୍ବା ସୂକ୍ଷ୍ମ ଚର୍ମ ପାଇଁ ଏହା ଏକ ଭଲ ବିକଳ୍ପ । କାରଣ ଏଥିରେ ଫ୍ୟାଟି ଏସିଡ୍ ଭରପୂର ରହିଛି, ଯାହା ଚର୍ମକୁ ମଶ୍ଚରାଇଜ୍ ଏବଂ କୋମଳ କରିଥାଏ । ଜଡ଼ା ତେଲରେ ଥିବା ଆଣ୍ଟିଅକ୍ସିଡାଣ୍ଟଗୁଡିକ ବାର୍ଦ୍ଧକ୍ୟର ପ୍ରଭାବକୁ ହ୍ରାସ କରିପାରେ । ମୁଖର କୁଞ୍ଚନ ପାଇଁ ଜଡ଼ା ତେଲ ଏକ ପ୍ରାକୃତିକ ଏବଂ ଶସ୍ତା ଚିକିତ୍ସା । ଏହା ଚର୍ମକୁ ତେଲିଆ ରଖିଥାଏ । ନିୟମିତ ପ୍ରୟୋଗ ଫଳରେ କୁଞ୍ଚନ ଏବଂ ସୂକ୍ଷ୍ମ ରେଖା ହ୍ରାସ କରିବାରେ ସାହାଯ୍ୟ କରିଥାଏ ଏହି ତେଲ, ଯାହା ଚର୍ମକୁ ଅଧିକ ଶକ୍ତିଶାଳୀ ବନାଇବା ସହ ବୟସ କମ୍ ଜଣାପଡ଼େ । ଜଡ଼ା ତେଲର କ୍ଷମତା ସୂକ୍ଷ୍ମ ଚର୍ମ ପାଇଁ ଖୁବ୍ ଭଲ । ଏହା ବ୍ୟତୀତ ଏହି ତୈଳ ଚର୍ମକୁ କୋମଳ କରିବା ସହ ଫୁଲୁକା ଫୁଲୁକା ବନାଇଥାଏ । ନିୟମିତ ଏହି ତୈଳ ମାଲିସ କଲେ ବାର୍ଦ୍ଧକ୍ୟର ଛାପ ଦିଶେନାହିଁ । ଏହି ତେଲ ହାଇପରପିଗମେଣ୍ଟେସନର ଲକ୍ଷଣକୁ ହ୍ରାସ କରିପାରେ । କୁଞ୍ଚନ ଏବଂ ସୂକ୍ଷ୍ମ ରେଖାକୁ ଜଡ଼ା ତେଲରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଦୂରେଇ ଦେବାରେ କାମ କରେ । ଜଡ଼ା ତେଲ ମୁହଁରେ ଆର୍ଦ୍ରତା ବଜାୟ ରଖେ । ଏହାକୁ ପ୍ରତିଦିନ ଗାଧେଇ ସାରିବା ପରେ ମାଲସ କଲେ ଖୁବ୍ ଭଲ । ରାତିରେ ଶୋଇବା ବେଳେ ବି ଏହି ତେଲକୁ ମୁହଁରେ ଲଗାଇ ଶୋଇପାରିବେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପୁନରାବୃତ୍ତି...

ମହିଳାମାନଙ୍କ ପାଇଁ ସଂସଦ ଏବଂ ରାଜ୍ୟମାନଙ୍କ ବିଧାନସଭାଗୁଡ଼ିକରେ ସ୍ଥାନ ସଂରକ୍ଷଣ ବିଲ୍ ରାଜ୍ୟମାନଙ୍କ ବିଧାନସଭାରେ ଉଲ୍ଲେଖନୀୟ ଭାବରେ ଅଧିକ ସଂଖ୍ୟକ ମହିଳାଙ୍କ ଉପସ୍ଥିତି ଦ୍ୱାରା ଏହି ବିଲ୍ ଉପରୋକ୍ତ ବ୍ୟବସ୍ଥାପିକାଗୁଡ଼ିକର ସଂରଚନାରେ ସାମଗ୍ରିକ ଭାବରେ ଏକ ବଡ଼ ଧରଣର ପରିବର୍ତ୍ତନ ଆଣିବାର ପ୍ରତିଶ୍ରୁତି ବହନ କରୁଛି। ତେବେ ମଜାର କଥା ହେଉଛି, ଏହି ବିଲ୍ ଉପରେ ସଦନରେ ବିତର୍କ ଏକ ପୁରାତନ ତ୍ରୁଟି ରେଖାର ପୁନରାବିର୍ଭାବ ସମ୍ପର୍କରେ ଉଲ୍ଲେଖ କରିଛି ଯାହା ଏକଦା ୨୦୧୦ରେ ରାଜ୍ୟସଭାରେ ଏକ ମହିଳାଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ ବିଲ୍ ପାରିତ ହେବା ସମୟରେ ବ୍ୟାଘାତ ସୃଷ୍ଟି କରିଥିଲା । ଅନ୍ୟ ଦଳଗୁଡ଼ିକ ମଧ୍ୟରେ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି), ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ କଂଗ୍ରେସ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ମାନଙ୍କ ପାଇଁ ଉପ-କୋଟା ବା ସ୍ଥାନ ସଂରକ୍ଷଣ ସମ୍ବନ୍ଧରେ ଦାବି କରିଥିଲେ । ବର୍ତ୍ତମାନ ଯେହେତୁ ଦଳମତ ନିର୍ବିଶେଷରେ ମହିଳାଙ୍କ ପାଇଁ ଏକ-ତୃତୀୟାଂଶ ସ୍ଥାନ ସଂରକ୍ଷଣ ବିଲ୍ ସ୍ୱଚ୍ଛନ୍ଦରେ ପାରିତ ହେବା ନିମନ୍ତେ ସମର୍ଥନ ଲାଭ କରିଛି, ବ୍ୟବସ୍ଥାପିକାଗୁଡ଼ିକରେ ତଫସିଲଭୁକ୍ତ ଜାତି (ଏସ୍‌ସି) ଏବଂ ତଫସିଲଭୁକ୍ତ ଜନଜାତି (ଏସ୍‌ଟି)ମାନଙ୍କୁ ଯେଉଁ ଧାରାରେ ସଂରକ୍ଷଣ ପ୍ରଦାନ କରାଯାଉଛି, ସେହି ଧାରାରେ ଓବିସିମାନଙ୍କୁ ସଂରକ୍ଷଣ ପ୍ରଦାନ କରାଯିବା ନିମନ୍ତେ ଦାବି ହେବାର ପ୍ରଶ୍ନ ଉଠିଛି। ଏହି ଦାବିକୁ ମଧ୍ୟ ସମୟର ଦାବି ବୋଲି କୁହାଯାଇପାରେ, କାରଣ ପୂର୍ବରୁ ମହିଳାମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ସହିତ ଏ ସମ୍ପର୍କିତ ଦାବି ଉଠି ସାରିଛି । ଭାରତର ସମ୍ବିଧାନ ଏହାର ସମସ୍ତ ନାଗରିକଙ୍କ ପାଇଁ ସାମାଜିକ, ଅର୍ଥନୀତିକ ଏବଂ ରାଜନୀତିକ ନ୍ୟାୟ ହାସଲ କରିବାର ଏକ ପ୍ରତିଶ୍ରୁତି ସହିତ ଆରମ୍ଭ ହୋଇଥିଲା । ଭାରତ ତଫସିଲଭୁକ୍ତ ଜାତି ଏବଂ ଜନଜାତିମାନଙ୍କ ପାଇଁ ଶିକ୍ଷା ଏବଂ କର୍ମନିଯୁକ୍ତି ତଥା ବ୍ୟବସ୍ଥାପିକାଗୁଡ଼ିକରେ ସଂରକ୍ଷଣ ବ୍ୟବସ୍ଥାକୁ ପ୍ରଚଳନ କରି ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ନିମିତ୍ତ ପ୍ରାରମ୍ଭିକ ଉଦ୍ୟମ କରିଥିଲା । ଏହି ବ୍ୟବସ୍ଥା କରାଯିବାର ପ୍ରାୟ ୪୦ ବର୍ଷ ପରେ ଦେଶ ମଣ୍ଡଳ କମିଶନଙ୍କ ସୁପାରିସଗୁଡ଼ିକକୁ କାର୍ଯ୍ୟକାରୀ କରିବାକୁ ଯାଇ ସଂରକ୍ଷଣ ବ୍ୟବସ୍ଥାକୁ ସମ୍ପ୍ରସାରିତ କରି ଓବିସିମାନଙ୍କ ନିମନ୍ତେ ସଂରକ୍ଷଣକୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମଲେଖା କ୍ଷେତ୍ରରେ ଏବଂ ସରକାରୀ ଚାକିରିଗୁଡ଼ିକ କ୍ଷେତ୍ରରେ ଲାଗୁ କଲା । ତେଣୁ ବ୍ୟବସ୍ଥାପିକା ସଂସ୍ଥାଗୁଡ଼ିକରେ ଓବିସିମାନଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ ପାଇଁ ଦାବି କରାଯିବା ପୂର୍ବ ପନ୍ଥାର ଏକ ସ୍ୱାଭାବିକ ଅନୁସରଣକାରୀ ପଦକ୍ଷେପ ବୋଲି କୁହାଯାଇପାରେ । ଏକ ବର୍ଗର ଲୋକମାନଙ୍କ ପାଇଁ ସଂରକ୍ଷଣର ବ୍ୟବସ୍ଥା କରିବା ପଛରେ ଯୌକ୍ତିକତା ହେଉଛି, ବିଭିନ୍ନ ବର୍ଗର ଲୋକମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବା କ୍ଷେତ୍ରରେ ରାଷ୍ଟ୍ରର ବିଫଳତା। ଏହା ମଧ୍ୟ ଏକ ଆପ୍ତବାକ୍ୟ ଉପରେ ପ୍ରତିଷ୍ଠିତ ଯେ ଏକ ଗଣତନ୍ତ୍ରରେ ସବୁ ଲୋକ ସମାନ ସୁଯୋଗ ପାଇବା ଉଚିତ। ଓବିସିମାନେ ରାଷ୍ଟ୍ରର ପ୍ରତ୍ୟେକ କ୍ଷେତ୍ରରେ ସମାନ ସୁଯୋଗ ଲାଭ କରିଛନ୍ତି କି ନାହିଁ, ତାହା ଜାଣିବା ନିମନ୍ତେ ଭାରତ ଏ ପର୍ଯ୍ୟନ୍ତ ଏକ ଜାତିଭିତ୍ତିକ ଜନଗଣନା କାର୍ଯ୍ୟ କରିନାହିଁ । ଏହି କାରଣରୁ ବିଭିନ୍ନ କ୍ଷେତ୍ରରେ ଓବିସିମାନଙ୍କ ପ୍ରତିନିଧିତ୍ୱ ସମ୍ପର୍କିତ ତଥ୍ୟ ଉପଲବ୍ଧ ନୁହେଁ । ତେବେ ସାମ୍ପ୍ରତିକ ସମୟରେ ଯେଉଁ ବ୍ୟାପକ ଆଲୋଚନା ହୋଇଛି, ସେଥିରୁ ଯେ କୌଣସି ବ୍ୟକ୍ତିଙ୍କ ମନରେ ସ୍ୱତଃ ସହଜରେ ଧାରଣାଟିଏ ସୃଷ୍ଟିହେବ ଯେ ପଛୁଆ ବର୍ଗମାନେ ସେମାନଙ୍କର ଯାହା ପାଇବାର ହକ୍, ତାହା ଏଯାଏଁ ପାଇ ନାହାନ୍ତି। ସମ୍ବିଧାନ ବ୍ୟବସ୍ଥାପିକା ସଂସ୍ଥାଗୁଡ଼ିକରେ ଏସ୍‌ସି ଏବଂ ଏସ୍‌ଟିମାନଙ୍କ ନିମନ୍ତେ ୧୦ ବର୍ଷ ପର୍ଯ୍ୟନ୍ତ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରିଥିଲା, ଏଇ ଆଶାରେ ଯେ ରାଜନୀତି ନିଜକୁ ତୃଣମୂଳ ସ୍ତରରେ ପୁନରୁଦ୍ଧାର କରାଇବ ଏବଂ ସର୍ବାଧିକ ଦଳିତ ଶ୍ରେଣୀର ଲୋକମାନଙ୍କୁ ମଧ୍ୟ ରାଜନୀତିକ କାର୍ଯ୍ୟକଳାପଗୁଡ଼ିକ କ୍ଷେତ୍ରରେ ସମ୍ମୁଖ ଭାଗକୁ ଆଣିବ । ଆଉ ତା'ପରେ ସେହିସବୁ ବର୍ଗର ଲୋକମାନଙ୍କର ପ୍ରତିନିଧିତ୍ୱ ନିମନ୍ତେ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ଆଦୌ ଆବଶ୍ୟକ ହେବନାହିଁ । ପରନ୍ତୁ, ଏହାର ୭୩ ବର୍ଷ ପରେ ଆମେମାନେ ଏ ଦିଗରେ ବିଶେଷ କିଛି ଆଗେଇ ପାରିନାହେଁ, ଯଦିଓ ସମୟ ଅତିବାହିତ ହେବା ସହିତ ଲୋକସଭା ଏବଂ ରାଜ୍ୟମାନଙ୍କର ବିଧାନସଭାଗୁଡ଼ିକରେ ଏସ୍‌ସି ଏବଂ ଏସ୍‌ଟିମାନଙ୍କ ନିମନ୍ତେ ସଂରକ୍ଷଣ ବ୍ୟବସ୍ଥାର ପର୍ଯ୍ୟାୟକ୍ରମିକ ସମ୍ପ୍ରସାରଣ ସାମ୍ବିଧାନିକ କି ନୁହେଁ, ତା'ର ତର୍ଜମା କରିବା ନିମନ୍ତେ ସୁପ୍ରିମ୍‌କୋର୍ଟ ସମୟାନ୍ତରରେ ଆଗେଇ ଆସିଛନ୍ତି । ଏହା ହେଉଛି ସେହିପରି ଏକମାତ୍ର କଥା ଯେ ସମ୍ବିଧାନ ଏବଂ ଆଇନ ସମାଜର ସବୁ ବର୍ଗର ଲୋକମାନଙ୍କ ପାଇଁ ସାମାଜିକ ନ୍ୟାୟ ପ୍ରଦାନକୁ ସୁନିଶ୍ଚିତ କରି ପାରିବ। ବସ୍ତୁତଃ, ଏହା ଏକ ରାଜନୀତିକ ସମସ୍ୟା ଯାହାକୁ ରାଜନୀତିକ ସ୍ତରରେ ସମାଧାନ କରାଯିବା ଉଚିତ । କିନ୍ତୁ ଏଭଳି ଏକ ସମୟ ଆସିବା ପର୍ଯ୍ୟନ୍ତ ସାମ୍ବିଧାନିକ ଏବଂ ଆଇନଗତ ପ୍ରତିକାରମୂଳକ ବ୍ୟବସ୍ଥାଗୁଡ଼ିକ ଏକମାତ୍ର ବିକଳ୍ପ ଥିଲା । ସମୟ ଉପଗତ ହୋଇଛି, ସମଗ୍ର ରାଷ୍ଟ୍ର ଏହି ଧାରାରେ ସବୁ ବର୍ଗର ଲୋକମାନଙ୍କ ନିମନ୍ତେ ଚିନ୍ତା କରିବା ଉଚିତ ।



# ଖାଲିସ୍ତାନୀଙ୍କ ସୁରକ୍ଷାରେ ଟ୍ରୁଡୋ ପରିବାର

**ସୌମେନ୍ଦ୍ର ଜେନା**

କାନାଡାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ବିଚାର ଓ ବ୍ୟବହାରକୁ କେନ୍ଦ୍ରକରି ଏବେ ଚର୍ଚ୍ଚା ସବୁଠି ଚାଲିଛି। ଏମିତି ଦେଖିବାକୁ ଗଲେ ଟ୍ରୁଡୋ ନିଜର ଆପାରଗପଣିଆକୁ ଅନେକ ସମୟରେ ସାଧାରଣରେ ପ୍ରଦର୍ଶିତ କରି ଦେଶ ଭିତରେ ଏବଂ ବାହାରେ ବାରମ୍ବାର ଉପହସିତ ହୋଇଛନ୍ତି। ଚୀନର ରାଷ୍ଟ୍ରପତି ଏକଦା ଟ୍ରୁଡୋଙ୍କୁ କଠୋର ଶବ୍ଦରେ ଗାଳିଦେବାର ଭିଡିଓ ଅତୀତରେ ସାରା ପୃଥିବୀରେ ଲୋକେ ଦେଖିବାକୁ ପାଇଥିଲେ । ଦେଶ ଭିତରେ କାନାଡାର ସାଧାରଣ ଲୋକେ ଭିନ୍ନ ଭିନ୍ନ ସମୟରେ ଟ୍ରୁଡୋଙ୍କୁ ସମାଲୋଚନା କରି ଗାଳି ଦେବାର ଅନେକ ଭିଡିଓ ପୂର୍ବରୁ ପ୍ରସାରିତ ମଧ୍ୟ ହୋଇଛି । କ୍ଷମତାକୁ ମୁଠେଇ ଧରିଥିବା ଟ୍ରୁଡୋ ନିଜର ରାଜନୈତିକ ଦୁର୍ବଳ ସ୍ଥିତି ପାଇଁ ଚିନ୍ତିତ ଥିବାରୁ କାନାଡାର ଖାଲିସ୍ତାନୀ ସମର୍ଥକଙ୍କ ଦଳ ନେସନାଲ ଡେମୋକ୍ରାଟିକ ପାର୍ଟିର ନେତା ଜଗମିତ ସିଂହ ତାଙ୍କ ଉପରେ ଚାପ ପ୍ରୟୋଗ କରିବାରେ ଲାଗିଛନ୍ତି । ଯେଉଁଥିପାଇଁ କାନାଡାରେ ଅବସ୍ଥାପିତ ଭାରତୀୟ ଅଧିକାରୀ ପବନ କୁମାର ରାୟଙ୍କୁ କାନାଡା ଛାଡିବାଲାଗି ଟ୍ରୁଡୋ ସରକାର କହିବା ପରେ ଭାରତ ସରକାର ମଧ୍ୟ ନୂଆଦିଲ୍ଲୀରେ ଥିବା କାନାଡାର ଜଣେ କୂଟନୀତିଜ୍ଞଙ୍କୁ ପାଞ୍ଚଦିନ ମଧ୍ୟରେ ଭାରତ ଛାଡିଯିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣା ପରେ ଉଭୟ ଦେଶ ନିଜନିଜର ଦେଶବାସୀଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିଛନ୍ତି । ବାହାରେ ଗସ୍ତ କରିବା ସମୟରେ ଅଧିକ ସତର୍କ ରହିବା ପାଇଁ ସେମାନଙ୍କୁ କୁହାଯାଇଛି । ଭାରତ ଆଉପାଦେ ଆଗକୁ ଯାଇ କାନାଡାବାସୀଙ୍କ ପାଇଁ ଭାରତୀୟ ଭିସା ପ୍ରଦାନ ବ୍ୟବସ୍ଥାକୁ ବନ୍ଦ କରିଦେଇଛି। ଭାରତରେ କାନାଡାର ଅଧିକାରୀଙ୍କ ସଂଖ୍ୟା ହ୍ରାସ କରିବାକୁ କୁହାଯାଇଛି । ୟୁକ୍ରେନ ପରି ଭାରତର ଅନେକ ଛାତ୍ରଛାତ୍ରୀ ପ୍ରତିବର୍ଷ କାନାଡାକୁ ପାଠପଢିବାକୁ ଯାଉଛନ୍ତି । ୨୦୨୩ରେ ପ୍ରାୟ ୨ଲକ୍ଷ ୩୦ ହଜାରରୁ ଅଧିକ ଛାତ୍ରଛାତ୍ରୀ କାନାଡାକୁ ପଢିବାକୁ ଯିବା ଲାଗି ଭିସା ପାଇଁ ଆବେଦନ କରିଛନ୍ତି। ଏଥିରୁ ପାଞ୍ଚ ବିଲିଅନ ଡଲାର କାନାଡା ସଂଗ୍ରହ କରିସାରିଛି ।

କାନାଡା ପ୍ରଧାନମନ୍ତ୍ରୀ ଟ୍ରୁଡୋ ଜି୨୦ ବୈଠକ ପାଇଁ ଆସି ନୂଆଦିଲ୍ଲୀରୁ କାନାଡାକୁ ଠିକଣା ସମୟରେ ଫେରିପାରି ନଥିଲେ ତାଙ୍କ ବିମାନରେ ତ୍ରୁଟି ଯୋଗୁ ଭାରତ ସରକାର ଏୟାର ଇଣ୍ଡିଆ ୱାନ ସ୍ୱତନ୍ତ୍ର ବିମାନରେ କାନାଡାକୁ ଫେରିବା ପାଇଁ ଟ୍ରୁଡୋଙ୍କୁ କହିଥିଲେ ମଧ୍ୟ ସେ ତାହା ଗ୍ରହଣ କରିନଥିଲେ । କିନ୍ତୁ ଏବେ ଖବରଆସିଛି ଯେ ଟ୍ରୁଡୋ ଆସିଥିବା ବିମାନରେ ନିଶାଦ୍ରବ୍ୟ ରହିଥିଲା । ଯାହାକୁ ଅଧିକ ଯାଞ୍ଚ କରାଯାଇ ଅଟକାଇ ରଖାଯାଇଥିଲା । ବୋଧହୁଏ ଖାଲିସ୍ତାନୀମାନେ ଭାରତକୁ ଏହି ନିଶାଦ୍ରବ୍ୟ ପଠାଇଥିବା ସନ୍ଦେହ କରାଯାଉଛି । କିନ୍ତୁ ଜି ୨୦ ବୈଠକ କାଳରେ ଅନ୍ୟ ରାଷ୍ଟ୍ରର ମୁଖ୍ୟମାନଙ୍କ ତୁଳନାରେ ଟ୍ରୁଡୋ କମ୍ ଗୁରୁତ୍ୱ ପାଇଥିବା ବିଷୟ କାନାଡା ଏବଂ ଭାରତର ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା । ଏକଥା ସତ ଯେ ବାଣିଜ୍ୟିକ ଏବଂ ଶୈକ୍ଷିକ ସଂପର୍କକୁ ଛାଡିଦେଲେ ଭାରତ-କାନାଡା ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ସେତେଟା ଭଲନାହିଁ। କାରଣ ଦୀର୍ଘ ୪୫ବର୍ଷ ହେଲା କାନାଡା ଖାଲିସ୍ତାନୀ ସନ୍ତ୍ରାସବାଦୀଙ୍କ ପାଇଁ ବିଦେଶୀ ସ୍ୱର୍ଗ ହୋଇଛି । ଏମିତି ଆମେରିକା, ବ୍ରିଟେନ ଏବଂ ଅଷ୍ଟ୍ରେଲିଆ ମଧ୍ୟ କାନାଡା ପରି ସେଠାକାର ଖାଲିସ୍ତାନୀମାନଙ୍କ ବିରୋଧରେ ବହୁତ କିଛି ପଦକ୍ଷେପ ଗ୍ରହଣ କରନ୍ତି ନାହିଁ । ତାର କାରଣ ହେଲା ଏହି ଚାରୋଟି ଯାକ ରାଷ୍ଟ୍ରର ମୂଳବାସିନ୍ଦାମାନେ ବ୍ରିଟେନରୁ ଯାଇଥିବା ହେତୁ ସେମାନଙ୍କ ମଧ୍ୟରେ ରକ୍ତଗତ ସଂପର୍କ ରହିଆସିଛି । ସେମିତି ଏହି ଚାରିଗୋଟି ରାଷ୍ଟ୍ରରେ ଶିଖଙ୍କ ପ୍ରବେଶ ମୂଳରେ ଏକଦା ବ୍ରିଟେନ ପ୍ରଶାସନର ସହଯୋଗ ରହିଥିଲା । ଭାରତରେ ୧୮୫୭ ସଂଗ୍ରାମକୁ ବିଫଳ କରିବା ପାଇଁ ପଞ୍ଜାବୀ ଲୋକେ ବ୍ରିଟିଶ ସରକାରଙ୍କୁ ମନପ୍ରାଣ ଦେଇ ସମର୍ଥନ କରିବା ପରେ ଅଧିକରୁ ଅଧିକ ପଞ୍ଜାବବାସୀ ଇଂରେଜମାନଙ୍କ ସେନାବାହିନୀରେ ନିଯୁକ୍ତି ପାଇବା ସହ ସେମାନଙ୍କର ଅତିବିଶ୍ୱସ୍ତ ହୋଇ ଭିନ୍ନ ଭିନ୍ନ ବ୍ରିଟିସ ଉପନିବେଶଗୁଡିକୁ ଯାତ୍ରା କରିଥିଲେ ସୁରକ୍ଷା ଦେବାକୁ । ଏହି ସୁଯୋଗରେ ଚାକିରୀ ପରେ କାନାଡାରେ ରହିଯିବାକୁ ସେନା ଯବାନମାନେ ଅଧିକ ଆଗ୍ରହ ପ୍ରକାଶ କରିଥିଲେ । ପରବର୍ତ୍ତୀ କାଳରେ ସେମାନେ ପଞ୍ଜାବରେ ଥିବା ଭାଇ-ବନ୍ଧୁ-କୁଟୁମ୍ବଙ୍କୁ କାନାଡା ଚାଲିଯିବା ପାଇଁ ସହଯୋଗ ଏବଂ ପ୍ରୋତ୍ସାହିତ କରିଥିଲେ । ଏପରିକି ଆଜି ମଧ୍ୟ ବେଆଇନ ମାନବ ଚାଲାଣକାରୀ ଦଲାଲଙ୍କ ସହଯୋଗକ୍ରମେ ପ୍ରତିଦିନ ପଞ୍ଜାବରୁ ଅନେକ ଯୁବକ କାନାଡାରେ ପ୍ରବେଶ କରୁଛନ୍ତି । ଏହାବାଦ୍ ଖାଲିସ୍ତାନୀ ସମର୍ଥକମାନଙ୍କ ବିରୁଦ୍ଧରେ ସେମାନେ ଜାଲ ପାସପୋର୍ଟ ଅନ୍ୟ ଦେଶରୁ ପ୍ରସ୍ତୁତ କରି କାନାଡାକୁ ଯାଉଛନ୍ତି । ଏକ ଯୋଜନାବଦ୍ଧ ଭାବରେ ମାନବ ଚାଲାଣ ଯୋଗୁ ଆଜି କାନାଡାରେ ଥିବା ମୋଟ ୧୮ଲକ୍ଷ ଭାରତ ମୂଳର ଲୋକଙ୍କ ମଧ୍ୟରୁ ୮ଲକ୍ଷ କେବଳ ପଞ୍ଜାବୀ ରହିଛନ୍ତି ।

ଜି୨୦ ବୈଠକରେ ନିଜସ୍ୱ କରିସ୍ମା ଦେଖାଇବାରେ ବିଫଳ ଟ୍ରୁଡୋଙ୍କୁ କାନାଡାର ବିରୋଧୀଦଳ ଏବଂ ଗଣମାଧ୍ୟମରେ ସମାଲୋଚନା କରାଯିବା ପରେ ଏବଂ ସେ ଖାଲିସ୍ତାନୀଙ୍କ ସହାନୁଭୂତି ଏବଂ ସମର୍ଥନ ପାଇଁ ଗତ ଜୁନ ୧୮ରେ ଭାଙ୍କୋଭରଠାରେ ମୃତ ଖାଲିସ୍ତାନୀ ନିଜ୍ଜରକୁ କାନାଡାର ନାଗରିକ କହିବା ସହ ତା ହତ୍ୟା ପଛରେ ଭାରତର ହାତ ରହିଥିବା ଅଭିଯୋଗ ଆଣିଛନ୍ତି। ଖାଲିସ୍ତାନ ଟାଇଗର ଫୋର୍ସ (କେଟିଏଫ)ର ହରଦୀପ ସିଂହ ନିଜ୍ଜର ନାମରେ ଅନେକ ଅଭିଯୋଗ ଭାରତରେ ଥିବାରୁ ଭାରତ ସରକାର ତାର ପ୍ରତ୍ୟର୍ପଣ ପାଇଁ ପାଞ୍ଚବର୍ଷ ପୂର୍ବେ କାନାଡା ସରକାରଙ୍କୁ ଲେଖିଥିଲେ । ତା ବିରୁଦ୍ଧରେ ଇଣ୍ଟରପୋଲର ରେଡକର୍ନର ନୋଟିସ ରହିଥିଲା । ଭାରତ ସରକାର ତାକୁ ଧରିବା ପାଇଁ ଆର୍ଥିକ ପୁରସ୍କାର ଘୋଷଣା କରିଥିଲେ।

ଜି୨୦ ଆଲୋଚନା ସମୟରେ ଭାରତର ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଅଷ୍ଟ୍ରେଲିଆ, ବ୍ରିଟେନ, ଏବଂ କାନାଡାର ସୁରକ୍ଷା ଅଧିକାରୀଙ୍କ ସହ ଆଲୋଚନା ବେଳେ ସେମାନଙ୍କ ଦେଶରେ ଥିବା ଭାରତର ସଂପତ୍ତିର ସୁରକ୍ଷା ଏବଂ ଶିଖ ମୌଳବାଦ ସଂକ୍ରାନ୍ତ ବିଷୟ ଉଠାଇଥିଲେ। ବ୍ରିଟେନ ଏବଂ ଅଷ୍ଟ୍ରେଲିଆର ଅଧିକାରୀ ଭାରତର ବିଷୟକୁ ଗୁରୁତ୍ୱ ଦେଲାବେଳେ କାନାଡା ଅଧିକାରୀ ଏହାକୁ ଶୁଣିନଥିଲେ । ଟ୍ରୁଡୋଙ୍କ ସରକାରର ସ୍ଥାୟିତ୍ୱ ପଛରେ ଖାଲିସ୍ତାନୀ ସମର୍ଥକଦଳ ଜଗମିତ ସିଂହର ନିଉ ଡେମୋକ୍ରାଟିକ ପାର୍ଟିର ସମର୍ଥନ ରହିଥିବା ହେତୁ କାନାଡାର ସରକାର ଭାରତର ଚିନ୍ତାପ୍ରତି ଗୁରୁତ୍ୱ ଦେବାକୁ ଚାହୁଁନାହାନ୍ତି। ଆମେରିକାର ଶିଖ ଫର ଜଷ୍ଟିସ ସଂଗଠନ ଆଇଏସ୍‌ଆଇ ଏବଂ ମୁସଲିମ ସଂଗଠନ ସହ ମିଶି ହିନ୍ଦୁ ବିରୋଧୀ ପ୍ରଚାର ଚଳାଇଛି । କାନାଡାରେ ଏହି ସଂଗଠନ ସେଠାରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ, ଦୁଇ କନ୍‌ସଲ ଜେନେରାଲଙ୍କ ଫଟୋ ଛାପି ସେମାନଙ୍କ ହତ୍ୟା ପାଇଁ ଘୋଷଣା କରିଛି । ଏବେ ନେସନାଲ କାଉନସିଲ ଅଫ୍ କାନାଡିଆନ୍ ମୁସଲିମ ବିଶ୍ୱ ଶିଖ ସଂଗଠନ ସହ ମିଶି ଭାରତରୁ କାନାଡାର ରାଷ୍ଟ୍ରଦୂତଙ୍କୁ ଫେରାଇନେବା, କାନାଡାରୁ ଭାରତର ରାଷ୍ଟ୍ରଦୂତଙ୍କୁ ହଟାଇବା ଭାରତ-କାନାଡା ବାଣିଜ୍ୟିକ ଆଲୋଚନା ରଦ୍ଦ କରିବା ସହ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଉପରେ ପ୍ରତିବନ୍ଧକ ଲଗାଇବାକୁ ଦାବି କରିଛି । କାନାଡାରେ ଥିବା ନିଶା ବ୍ୟବସାୟୀ, ଗ୍ୟାଙ୍ଗଷ୍ଟାର, ଜାଲି ପାସ୍‌ପୋର୍ଟଧାରୀ ଶିଖଙ୍କ ସଂପର୍କରେ କିଛି କହୁନଥିବା ଟ୍ରୁଡୋ ଓଟାୱାରେ ଅବସ୍ଥାପିତ ଭାରତର ଅଧିକାରୀଙ୍କୁ ନିଷ୍କାସିତ କଲାପରେ ଭାରତ ସରକାର ଓଲିଭର ସିଲଭେଷ୍ଟର ନାମକ କାନାଡାର ଗୁଇନ୍ଦା ସଂସ୍ଥାର ମୁଖ୍ୟ ଯିଏକି ଭାରତରେ ନିଯୁକ୍ତ ଥିଲେ ତାଙ୍କୁ ପାଞ୍ଚଦିନରେ ଭାରତ ଛାଡିବାକୁ କହିଛନ୍ତି । ଅଥଚ ଅର୍ଶ ଦଲ୍ଲାପରି ଗ୍ୟାଙ୍ଗଷ୍ଟର କାନାଡାରେ ରହି ଭାରତରେ ହତ୍ୟାକାଣ୍ଡ ଘଟାଉଥିଲେ ମଧ୍ୟ ସେ ସଂପର୍କରେ କାନାଡାର ସରକାର କିଛି କହୁନାହାନ୍ତି । ନିକଟରେ ମୋଗା ଜିଲ୍ଲା (ପଞ୍ଜାବ)ର ଅଜିତୱାଲ ବ୍ଲକ କଂଗ୍ରେସ ଅଧକ୍ଷ ବଲଜିନ୍ଦର ସିଂହ ବଲ୍ଲିଙ୍କ ହତ୍ୟା ପଛରେ ଦଲ୍ଲାର ହାତ ରହିଥିବା କୁହାଯାଉଛି । କାନାଡାରେ ଥିବା ଅର୍ଶବୀର ସିଂହ, ରିଙ୍କୁ ବିହଲା, ଗୋଲ୍‌ଡୀ ବ୍ରାର, ଅଷ୍ଟ୍ରେଲିଆରେ ଥିବା ଗୁରୁଜନ୍ତସିଂହ, ପାକ୍‌ରେ ଥିବା ଲଖବୀର ସିଂହ ରୋଡେ ପରି ଗ୍ୟାଙ୍ଗଷ୍ଟର ବିଦେଶରେ ରହି ପଞ୍ଜାବରେ ହତ୍ୟାକାଣ୍ଡ, ଅସ୍ତ୍ରଶସ୍ତ୍ର ଚାଲାଣ, ନିଶାଦ୍ରବ୍ୟ ଯୋଗାଣରେ ସଂପୃକ୍ତ ରହିଆସିଛନ୍ତି । କାନାଡାରେ ଥିବା ଦଲ୍ଲା ବିରୋଧରେ ୩୭ଟି ମାମଲା ଭାରତରେ ରହିଛି । ୮ଜୁଲାଇ ୨୦୨୦ରେ ଜଳନ୍ଧରରୁ ମିଳିଥିବା

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)



# ମଧ୍ୟବିତ୍ତଙ୍କ ପ୍ରତି ଧ୍ୟାନ ଦିଅ

**ସୌଭାଗ୍ୟ ରଂଜନ ମହାନ୍ତି**

ଏହା ସତ୍ୟ ଯେ, ଆମ ଦେଶରେ ଗରିବ ଓ ଧନୀଙ୍କ ମଧ୍ୟରେ ତାରତମ୍ୟ ବର୍ଷକୁ ବର୍ଷ ବଢିଚାଲିଥିବାବେଳେ ସମାଜକୁ ସାଧାରଣ ଚାରୋଟି ବର୍ଗରେ ତଥା ଗରିବ, ନିମ୍ନ ମଧ୍ୟବିତ, ମଧ୍ୟବିତ ଓ ଧନୀକ ଶ୍ରେଣୀରେ ବିଭାଜନ କରାଯାଇଥାଏ। ଏବେ ଦେଶରେ ମଧ୍ୟବିତଙ୍କ ସଂଖ୍ୟା ଦେଶର ଆର୍ଥୀକ ଅଭିବୃଦ୍ଧି ଦେଇ ଗତି କରୁଥିବା ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ୯୦ ଦଶକରେ ଦେଶରେ ଆର୍ଥୀକ ସଂସ୍କାର ଆରମ୍ଭ ଏହାର ପ୍ରଭାବ ଅଭିବୃଦ୍ଧି, ଦ୍ରବ୍ୟର କାରବାର ବ୍ୟବହାର, ସହରୀକରଣ ଏବଂ ସାମାଜିକ ବ୍ୟବସ୍ଥା ଉପରେ ଅଧିକ ମାତ୍ରାରେ ପଡିଛି। ୨୦୦୪-୦୫ରୁ ଆର୍ଥୀକ ଅଭିବୃଦ୍ଧି ଆଉ ଏକ ପର୍ଯ୍ୟାୟ ଆରମ୍ଭ ହୋଇଥିବାବେଳେ ଲୋକଙ୍କ ଆର୍ଥୀକ ସ୍ଥିତିରେ ଆକାଶଛୁଆଁ ପରିବର୍ତ୍ତନ ଆଣିଛି। ବିଶେଷ କରି ଏହାର ପ୍ରଭାବରେ ଦେଶରେ ମଧ୍ୟବିତଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି। ଥିଙ୍କଟ୍ୟାଙ୍କ ପ୍ରାଇସ, ସର୍ବେକ୍ଷଣ ସଂସ୍ଥାର ରିପୋର୍ଟ ଅନୁଯାୟୀ ଦେଶରେ ମଧ୍ୟବିତଙ୍କ ସଂଖ୍ୟା ଦ୍ୱିଗୁଣିତ ହୋଇଛି। ଯାହାକି ଦେଶର ପରିବାର ସଂଖ୍ୟାର ୩୦ ପ୍ରତିଶତ। ଏହି ସଂସ୍ଥାର ରିପୋର୍ଟ ଅନୁଯାୟୀ ଦେଶରେ ପ୍ରତି ୩ ଜଣରେ ଜଣେ ମଧ୍ୟବିତ। ଯେଉଁମାନଙ୍କର ୨୦୨୦-୨୧ରେ ବାର୍ଷିକ ଆୟ ୫ଲକ୍ଷରୁ ୩୦ ଲକ୍ଷ ଟଙ୍କା। ଦେଶର ୧୪୦ କୋଟି ଲୋକଙ୍କ ମଧ୍ୟରୁ ଏହି ମଧ୍ୟବିତଙ୍କ ସଂଖ୍ୟା ପ୍ରାୟ ୪୬କୋଟି। ଏହି ବର୍ଗର ଆୟର ଦେଶର ମୋଟ ଆୟର ୫୦ ପ୍ରତିଶତ ହୋଇଥିବାବେଳେ ୪୮ ପ୍ରତିଶତ ହେଉଛି ବ୍ୟୟ, ଏବଂ ୫୬ ପ୍ରତିଶତ ହେଉଛି ସଂଚୟ। ମଧ୍ୟବିତ ବର୍ଗ ଉଭୟ ଅର୍ଥନୀତି ଓ ସମାଜ ଏବଂ ଆର୍ଥୀକ ଅଭିବୃଦ୍ଧି ସହ ଜଡିତ। ଆର୍ଥୀକ ଉଦାରୀକରଣର ତିନି ଦଶନ୍ଧି ପରେ ଦେଶର ମୋଟ ପରିବାରର ୩୦ ପ୍ରତିଶତ ମଧ୍ୟବିତଙ୍କ ସଂଖ୍ୟା ହୋଇଥିବାରୁ ଏହା ନୈରାଶ୍ୟଜନକ ବୋଲି କୁହାଯାଇପାରେ। ଏହା ନିଶ୍ଚିତ ଯେ, ଦେଶରେ ବହୁ ଦରିଦ୍ରଙ୍କ ଆର୍ଥୀକ ସ୍ଥିତିରେ ଉନ୍ନତି ଘଟିଛି। ସରକାରଙ୍କର ବିଭିନ୍ନ ଜନହିତକର ଏବଂ ଦାରିଦ୍ର୍ୟ ଦୂରିକରଣ ଯୋଜନାରୁ ଯେତକି ଫାଇଦା ସେମାନେ ଉଠାଇବା କଥା ଉଠାଇପାରିନାହାଁନ୍ତି। ଯୋଜନାର ସୁଫଳ ସେମାନଙ୍କର ନିକଟରେ ପହଁଚିପାରିନାହିଁ। ତେବେ ମହାମାରୀ କରୋନା ଏଥିରେ ବଡ ପ୍ରତିବନ୍ଧକ ସୃଷ୍ଟି କରିଛି। ମହାମାରୀର ଚାରି ଚାରି ଥର ଲହର ଏବଂ ଦୀର୍ଘ ତାଲାବନ୍ଦ ସାଙ୍ଗକୁ କଠୋର କଟକଣା, ଏବଂ ବିମୁଦ୍ରାୟନ ଯୋଗୁଁ ଦେଶରେ ଗରିବଙ୍କ ସଂଖ୍ୟା ବଢିଛି, ବେରୋଜଗାରୀ ବଢିଛି, ଲୋକଙ୍କ ଆୟ କମିଛି, ବୋଧହୁଏ ଏଥିରେ କେହି ଦ୍ୱିମତ ହେବେ ନାହିଁ। ଯାହାର ପରିଣାମ ସ୍ୱରୁପ ଦେଶରେ ମୋଟ ସଂଚୟ କ୍ଷେତ୍ରରେ ୬୭ ପ୍ରତିଶତ ପରିବାର ଅଂଶ ହେଉଛି ମାତ୍ର ୧ ପ୍ରତିଶତ। ଅନ୍ୟପକ୍ଷରେ ମହାମାରୀର ତାଣ୍ଡବ ସତ୍ୱେ, ଦେଶରେ ଧନୀକଙ୍କ ସଂଖ୍ୟା ବଢିଥିବା ବେଳେ ସେମାନଙ୍କ ସମ୍ପତିର ଆକାର ମଧ୍ୟ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ପ୍ରାଇସ'ର ଆକଳନ ଅନୁଯାୟୀ ଯଦି ଭାରତ ଆବଶ୍ୟକ । ରାଜନୈତିକ ଓ ଆର୍ଥୀକ ଉଦାରୀକରଣ ପ୍ରକ୍ରୀୟା ଠିକ୍ ଭାବେ ଅନୁସରଣ କରେ ତେବେ ୨୦୪୭ ବେଳକୁ ଏହି ମଧ୍ୟବିତଙ୍କ ହାର ୬୩ ପ୍ରତିଶତକୁ ବୃଦ୍ଧି ପାଇବ। କିନ୍ତୁ କ୍ଷୋଭର ବିଷୟ ଯେ, ଦେଶରେ ରାଜନୈତିକ ଦଳମାନଙ୍କର ମାଗଣା ସାମଗ୍ରୀ ବଂଟନ ରାଜନୀତି ଯୋଗୁଁ ମାଗଣାଖିଆଙ୍କ ସଂଖ୍ୟା ବୃଦ୍ଧି ପାଇଛି। ମାଗଣା ସମାଗ୍ରୀ ପାଇଁ ଗରିବ ଓ ମଧ୍ୟବିତଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି। ଦେଶରେ ସଂରକ୍ଷଣ ସୁବିଧା ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ପାଉଥିବାବେଳେ ଏହି ବର୍ଗରେ ସାମିଲ ହେବା ପାଇଁ ଯେପରି ପ୍ରତିଯୋଗିତା ଚାଲିଛି ସେହିପରି ମାଗଣା ସାମଗ୍ରୀ ପାଇବା ପାଇଁ ପ୍ରତିଯୋଗିତା ଚାଲିଥିବା ମନେହୁଏ। ମହାମାରୀ କରୋନା ସମୟରେ ସରକାର ଦେଶର ଗରିବ ତଥା ଜାତୀୟ ଖାଦ୍ୟ ସୁରକ୍ଷାର ଯୋଜନାରେ ଅନ୍ତର୍ଭୁକ୍ତ ପରିବାରକୁ ମାଗଣା ରାସନ ଯୋଗାର ଏବେ ମଧ୍ୟ ଜାରି ରଖିଛନ୍ତି। କେବେ ଏହି ମାଗଣା ସାମଗ୍ରୀ ତଥା ରିହାତି ଦରରେ ଖାଦ୍ୟ ସାମଗ୍ରୀ ପାଇବା ପାଇଁ ଏବେ ଯେଭଳି ଆବେଦନକାରୀଙ୍କ ସଂଖ୍ୟା ବଢିଚାଲିଛି। ଏଥିରୁ କିପରି ପ୍ରତିଯୋଗିତା ବଢିଚାଲିଛି, ବେଶ ଅନୁମାନେ କରାଯାଇପାରେ। ଏହା କିନ୍ତୁ ନିଶ୍ଚିତ ଯେ, ମହାମାରୀ କରୋନା ଯୋଗୁଁ ଗରିବ ଏବଂ ବହୁ ମଧ୍ୟବିତ ନିମ୍ନ ମଧ୍ୟବିତଙ୍କ ଆର୍ଥୀକ ମେରୁଦଣ୍ଡ ଦୋହଲି ଯାଇଛି। ତେଣୁ ସେମାନଙ୍କୁ ମାଗଣା ରାସନ ବଂଟନ ଏକ ଯଥାର୍ଥ ପଦକ୍ଷେପ ଥିଲା, ଏଥିରେ ସନ୍ଦେହ ନାହିଁ। ମାତ୍ର ରାଜନୈତିକ ଫାଇଦା ପାଇଁ ଏହାକୁ ଅଧିକ କାଳ ଚାଲୁ ରଖିବାର ଉଚିତ ନୁହେଁ। ଯେଉଁଥିପାଇଁ କି ଏହାର ପ୍ରଭାବ ନେଇ ଅର୍ଥନୈତିକ ବିଶାରଦମାନେ ସତର୍କବାଣୀ ଶୁଣାଇ ସାରିଲେଣି। ମଧ୍ୟବିତ ଯେପରି ଆର୍ଥୀକ ଦେଶର ଆର୍ଥୀକ ପ୍ରଗତିରେ ଅଧିକରୁ ଅଧିକ ସହାୟକ ହୋଇପାରିବେ, ନୀତି ପ୍ରଣୟନକାରୀ ସେଥିପ୍ରତି ଯଥେଷ୍ଟ ଧାନ ଦେବା ସମୟ ଏବେ ଆସିଛି।

+ ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
(ମୋ) ୯୪୩୭୯୯୪୩୭୯




## ଅପରୂପା କାଶତଣ୍ଡୀ...

**ରାମଚନ୍ଦ୍ର ବେହେରା**

ଶରତ ପରଶେ ତଟିନୀ ସଲିଳ
ନିରିମଳ ଦିଶିଲାଣି
ନଦୀର ପଠାରେ ଗହିର ହୁଡାରେ
କାଶତଣ୍ଡୀ ହସିଲାଣି।
ବର୍ଷା ଆଗମନେ ଜନମି ଥିଲା ସେ
ବଢିଲା ବରଷା କାଳେ
ଶରତ ଆସନ୍ତେ ତା' ସୁନ୍ଦର ପୁଷ୍ପ
ଲୋଟିଲା ଧରଣୀ କୋଳେ।
ପୂର୍ବେଇ ବାଆରେ ଦୋଳି ସେ
ଖେଳୁଛି
ଅପୂର୍ବ ଲାଗୁଛି ଶୋଭା
ପଥିକ ନଜର ଫେରାଇ ପାରୁନି
ଦିଶୁଅଛି ମନଲୋଭା।
କେତେବେଳେ ରୁହେ ନିରବ ନିଶ୍ଚଳ
ଶାନ୍ତ ଶୁଭ୍ର ତା' ଚେହେରା
ବାଡି ବଗିଚାରେ ନପାଇ ବି ସ୍ଥାନ
ତା' ପାଇଁ ହସଇ ଧରା।
ରାସ୍ତା ଦୁଇପଟେ ସଜେଇ ହୋଇ ସେ
କିଣିନିଏ ଜନମନ
ଧୋବ ଫରଫର ଚଉଁରୀଟି ପରି
ହଲୁଥାଏ ରାତିଦିନ।
ତା'ର ଆମନ୍ତ୍ରଣେ ଦୁର୍ଗା ମା' ଆସନ୍ତି
ପାପର ବିନାଶ ହୁଏ
ତା ରୂପ ଲାବଣ୍ୟ ସାରା ଜଗତରେ
ସ୍ନେହ ଶ୍ରଦ୍ଧା ଭରିଦିଏ।
ହସି ଖେଳି ସେହି ସଭିଂକ ପରାଣେ
ଖୁସିର ବାରତା ବାଣ୍ଟେ
ତା ସ୍ନେହ ପରଶେ ନିର୍ମଳ ଶରତ
ହର୍ଷ ଉଲ୍ଲାସରେ ବିତେ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ମୁଁ ମଧ୍ୟବିତ୍ତ

**ସୁବ୍ରତ କୁମାର ଜେନା**

ସକାଳରୁ ରାତି ଆଉ ରାତିରୁ ସକାଳ,
ମୁଁ ଖାଦ୍ୟ କମ ଖାଏ,
ତା ତୁଳନାରେ ଅଧିକ ଖାଏ ଗଞ୍ଜଣା,
ଏମିତିରେ ସବୁଠି ମତେ ମିଳେ ନିରାଶାର ମୁଖ,
ଘରେ ବି ଯେମିତି ବାହାରେ ବି ସେମିତି,
ସତେ ଯେମିତି ମୋର ଜନ୍ମ ଏତିପାଇଁ।

ରାତିରେ ଶୋଇଲେ ଆଖିରେ ଅନେକ ସ୍ୱପ୍ନ,
ଅନେକ ଚିନ୍ତା,
କାଲିର ଖାଦ୍ୟ ଯୋଗାଡର,
ପରିବାର ଲାଗି କପଡାର ଚିନ୍ତା,
ଉଡି ଯାଇଥିବା ଚାଳକୁ ଛପର ଚିନ୍ତା,
ବିଲରେ ସାର ପକାଇବାକୁ ଅର୍ଥର ଚିନ୍ତା,
ସବୁ ପରେ ପିଲାଙ୍କ ଭବିଷ୍ୟତ,
କୁଣିଆ ଘରର ବେଭାର ଚିନ୍ତା,
ଏମିତିରେ ମୁଁ କଣ ଶାନ୍ତିରେ ଶୋଇ ପାରେନା,
ଖାଇ ପାରେ..
ଏତେ ସବୁକୁ ମୁଣ୍ଡେଇ ମୁଣ୍ଡେଇ,
ତଥାପି ଖୋଜୁଥାଏ ଟିକେ ଶାନ୍ତି ।

ଯେତେବେଳେ ପର୍ବ ଆସେ ଆମ ଗାଁକୁ,
କେତେ କଣ କରନ୍ତି ଧନୀ ଥିଲା ବାଲା ଲୋକେ,
ମୋ ପିଲାଙ୍କ ମୁହଁରେ ସେଇ ସଂଘର୍ଷର ଚିହ୍ନ,
ଗଣ୍ଡେ ଖାଇବା, ଖଣ୍ଡେ ପିନ୍ଧା ଲୁଗା ପାଇଁ,
ଏଥିରେ ସେମାନେ କେମିତି ସମାନ ହେବେ,
ପାଖ ପଡ଼ୋଶୀଙ୍କ ଖୁସିରେ,
ମୁଁ ବୁଝାଏ ସେମାନଙ୍କୁ ଆମର କଣ ଅଛି ଯେ,
ସେମାନଙ୍କ ଖୁସି ସେମାନଙ୍କର,
ଆଉ ଆମ ଖୁସି ବେଲାଏ ପଖାଳ ଆଉ କେଇ ପାଖୁଡା
ପିଆଜରେ,
ଏଥିରେ ସେମାନଙ୍କୁ କେମିତି ସ୍ୱପ୍ନ ଦେଖାଇବି
ଦାମୀ ରେଷ୍ଟୁରାଣ୍ଟରେ ଦାମୀ ଖାଦ୍ୟର ।

ଋତୁ ସବୁ ଆସେ ଥିଲା ବାଲାଙ୍କ ପାଇଁ,
ଶୀତ ଆଣେ ରଙ୍ଗୀନ ପୋଷାକର ଆସର,
ଆମର ଛିଣ୍ଡା ପେଣ୍ଟ, ଜାମାକୁ ରାଇଜ ନାହିଁ,
ବର୍ଷା ଆସେ ରଙ୍ଗୀନ ଛତା, ରେନିକୋଅଟକୁ,
ଆମର ଛିଡା ପଖିଆ, ମୁଣ୍ଡ ଉପରେ ଖଣ୍ଡେ ଜରିରେ କାଫି,
ଖରା ଆସିଲେ ସେମାନଙ୍କ ଲାଗି ଦାମୀ ପାଉଡର ଆଉ ଶୀତ
ତାପ ନିୟନ୍ତ୍ରିତ ଯନ୍ତ୍ର,
ଆମର ଗଛ ମୂଳ ଖୋଲା ପବନ,
ତଥାପି ଏ ଜୀବନ କୋଉ ଛାଡେକି,
ଭାଗ୍ୟ ଆଣି ଲଦିଦିଏ କେତେ ପ୍ରକାର ରୋଗ,
କେବେ ଥଣ୍ଡା, କେବେ କୁପୋଷଣ, କେବେ ରକ୍ତହୀନତା
ଆହୁରି କେତେ କଣ..
ଏମିତିରେ ମୁଁ କେମିତି କହିବି ମୋ ଜୀବନଟା ଗୋଟେ ସୁଖର
ମୁହୂର୍ତ୍ତ,
ତଥାପି ମୁଁ ହାରେନି କି ଦୁଃଖରେ ଭାଙ୍ଗି ପଡେନି,
ନିତି ନିତି ଲାଗିଥାଏ ମୋର ପରିଚୟ ଟିକକ ଲାଗି,
ମୁଁ ଗୋଟେ ମଧ୍ୟବିତ୍ତ ।

ଶୁରଡିହ, ନନ୍ଦିପୁର, ଯାଜପୁର
ମୋ: ୯୭୭୬୨୦୮୯୩୦

## ତୁମ ନୀରବତା

**ସନ୍ତୋଷ କୁମାର ଅଦାବର**

ତୁମ ନୀରବତା କରିଦିଏ ମୋତେ
ବିଦଗ୍ଧ ଭାବୁକଟିଏ
ମୁସ୍କିଲ୍ ମୁସ୍କିଲ୍ କେତେ ଯେ ସପନ
ଛାଇ ନିଦ ଭାଙ୍ଗିଦିଏ ।
ପ୍ରଶ୍ନ ଅସୁମାରି ଉଙ୍କିମାରେ ମନେ
ନ ଥାଏ ତା'ର ଉତ୍ତର
ଭାବନାର ଢେଉ କେତେ ଆସେ
ଯାଏ
ମନ୍ଥି ମନ ପାରାବାର ।
ମାନ ଅଭିମାନ ଭରି ରହିଛି କି
ତୁମର ନୀରବତାରେ
ଫିକା ପଡ଼େ ଫଗୁଣର ରଙ୍ଗ ସତେ
ଅଦିନର ବରଷାରେ ।
ତୁମ ନୀରବତା ପ୍ରକାଶ କରୁଛି
ଅନେକ ଅକୁହା ଭାଷା
ତୁମ ସମସ୍ୟାରେ ତୁମେ ସମାଧାନ
ଏଇ ମୋ ଅବ୍ୟକ୍ତ ଆଶା ।

ବୀରମହାରାଜପୁର,
ଜି-ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

## ଆଇନା...

**ଜଗଦୀଶ ପଣ୍ଡା**

କଥାରେ ଅଛି ଆଇନା
କେବେ ମିଛ କୁହେନା
ଭାବେ ବସି ବେଳେ ବେଳେ
ସେ କେବେ ସତ କହେ।
ଜୀବନର ଆଇନାରେ
ମାପକାଠି ଧରି ସବୁ ମାପେ
ପ୍ରତିଟି ମଣିଷର ମନରେ
ଆଇନାକୁ ଧରି ତା ପ୍ରତିବିମ୍ବ
ଦେଖେ।
ଆଖିର ଆଇନାରେ ଦେଖେ
ମନ ମନ୍ଦିରେ କିଛି ଲୁଚାଇ ରଖି
ଆଖିର ଧାରେ ବହିଥିବା
ଲୁହ ଟୋପେ ଆଉ କିଛି କହେ।
ଆଇନା ପୁଣି ସତ କହେ।
ମିଛ ପ୍ରହେଳିକା ଓଠରେ କହେ
ଲୁହ ଧରି ଆଖିର ଧାରେ
ଆଇନା ପୁଣି ସତ କହେ।
ଆଇନାର ସେ ପାର୍ଶ୍ୱରେ ଯେବେ
ନିଜ ପ୍ରତିବିମ୍ବ ଦେଖେ
ଓଠରେ ହସ ଭରି ଆଖିର ଧାରେ
ଲୁଚିଥିବା ଲୁହକୁ ପଚାରେ।
ଆଇନା କେବେ ମିଛ କୁହେନା
ସବୁବେଳେ ସତ କହେ....

ଅଲାଡିଗାଁ, ଗଂଜାମ

# ସ୍ୱୀକାରୋକ୍ତି



ଲଳିତ ମୋହନ ମିଶ୍ର



ବେଳେ ବେଳେ ମନୁଷ୍ୟ ଅନ୍ୟର କଥାକୁ ଅତିଶୀଘ୍ର ସ୍ୱୀକାର କରେ । ଅନ୍ୟର କେତେ ଗୁଡ଼ିଏ କଥାକୁ ଗଣ୍ଠି କରି ଧରେ । ଆଉ ନିରବତା ଅବଲମ୍ବନ କରେ ସତେ ଯେମିତି ସେ କିଛି ଜାଣି ନାହିଁ। ସେହି ନିରବତା ମନୁଷ୍ୟର ଅସ୍ତିତ୍ୱକୁ ଧ୍ୱଂସ କରିଦିଏ । ନିଜକୁ ଜାଣିବା ପାଇଁ ମଣିଷର ପ୍ରକୃଷ୍ଟ ସମୟ ନିରବ ମୂହୁର୍ତ୍ତ ହେଲେ ମଧ... । ପରିପକ୍ୱ ରତୁ ପରି ନିରବତା ଉଜାଡି ଦେଇଥିଲା ପ୍ରଚେତା ଜୀବନରେ । ପ୍ରତାରଣା କ'ଣ କେବେ ପ୍ରେମକୁ ଅକ୍ଳେଶରେ ଧୋଇ ଦେଇପାରେ ? ଜୀବନଟା ଏତେ ସହଜ ସରଳ ନୁହେଁ ? ସାମାନ୍ୟ ଘଟଣା ଦୁର୍ଘଟଣାକୁ ନେଇ ଗଣ୍ଠିକରି ବସିଲେ..... କ'ଣ ଜୀବନ ସଫଳ ହେବ ? ମାନ ଅଭିମାନ କ୍ଷଣିକ ହେବା ଦରକାର । ଚିରସ୍ଥାୟୀ ହେଲେ ନିଶ୍ଚିତ ଘର ସଂସାର ଉଜାଡି ଦେବ । କୁଆଡେ ଗଲା ପ୍ରଚେତାର ସ୍ଥିତପ୍ରଜ୍ଞ ଆଉ ପ୍ରତିସ୍ୱନର ପ୍ରତିଶ୍ରୁତି । କେତେଦିନ ହେବ ସୁଜାତା ଦେବୀଙ୍କ ପାଖରେ ରହୁଛି ଝିଅ ପ୍ରଚେତା । ବିବାହ ପୂର୍ବରୁ ଚାକିରୀ କରିବାର ଇଚ୍ଛା ନ ଥିଲା । ପରବର୍ତ୍ତୀ ସମୟରେ ପ୍ରତିଯୋଗିତା ମୂଳକ ପରୀକ୍ଷା ଦେଇ ବ୍ୟାଙ୍କ ମ୍ୟାନେଜର ପଦବୀ ପାଇଛି । ସ୍ୱାଇଁ ପ୍ରତିସ୍ୱନଙ୍କ ସହିତ କୌଣସି ନା କୌଣସି କଥାରେ ତାର ମନୋମାଳିନ୍ୟ । ତେଣୁ ପ୍ରଚେତା ଆଉ ପ୍ରତିସ୍ୱନଙ୍କ ପାଖକୁ ଯିବାକୁ ଇଚ୍ଛା କରୁନାହିଁ । ସୁଜାତାଙ୍କର ଏକ ମାତ୍ର କନ୍ୟା ପ୍ରଚେତା । ପ୍ରଚେତାର ବିବାହ ପରେ ବିମ୍ବାଧର ବାବୁ ହୃଦଘାତରେ ଆରପାରିକୁ ଚାଲିଗଲେ । ଏତେ ବଡ ଘରଟିରେ ଚାକର ବାକରଙ୍କୁ ନେଇ ଏକା ରହୁଥିଲେ ସୁଜାତା ଦେବୀ । ଏବେ ପ୍ରଚେତା ଆସି ରହୁଛି ।

ପ୍ରତିସ୍ୱନଙ୍କ କଥା କହିଲେ ଚିଡି ଚିଡି ହେଉଛି । କ'ଣ ହୋଇଛି କେଜାଣି ? ସେ ବି ଦିନେ ଆସୁ ନାହାଁନ୍ତି ? ତାଙ୍କୁ ଫୋନ୍ ଲଗାଇଲେ ଏହି ନମ୍ବରଟି କାହାକୁ ଦିଆଯାଇ ନାହିଁ କହୁଛି । ପ୍ରଚେତାକୁ ଫୋନ୍ ନମ୍ବର ମାଗିଲେ ନାହିଁ କହୁଛି । ଅଧିକ ପଚାରିଲେ ବିରକ୍ତ ହୋଇ କହୁଛି "ତୁ ବ୍ୟସ୍ତ ହୁଅନା, ସେ ଆସିବେ ଆପେ ଆପେ । ଏହା ଭିତରେ "ଏକ ବର୍ଷ ବିତି ଗଲାଣି । ଧର୍ମସଂକଟରେ ପଡିଛନ୍ତି ସୁଜାତା ଦେବୀ । ଝିଅ ଘରେ ରହିବାରେ କୌଣସି ଆପତ୍ତି ନାହିଁ । ପ୍ରତିସ୍ୱନଙ୍କ ଠାରୁ ଅଲଗା ରହିବାକୁ ସହଜରେ ଗ୍ରହଣ କରି ପାରୁନାହାଁନ୍ତି । ତଥାପି ଝିଅକୁ ତା ବାପାଙ୍କ ଆଦର୍ଶରେ ଗଢିବାକୁ ଚେଷ୍ଟାକଲେ । ତାକୁ ଶିଖାଇଲେ ଚାଲିବାକୁ ନିଜ ଗୋଡରେ । ମାଟି ତାଡିବାକୁ ନିଜ ଶିଂଘରେ । ଝିଅ ମଧ ବଞ୍ଚିଲା ତା ନିଜ ଆଦର୍ଶରେ । ସରଳ ଜୀବନଚର୍ଯ୍ୟା କିନ୍ତୁ ଉଚ୍ଚଭାବନା । ସୀମିତ ଆଶା, ସୀମିତ ସ୍ୱପ୍ନ । କାହା ପାଖରେ ଅନୁନୟ ନାହିଁ । ଦେବତା ବା ଭାଗ୍ୟ ପାଖେ ସମର୍ପଣ ନାହିଁ । ତେବେ ବେଳେବେଳେ ଡରହୁଏ ସୁଜାତା ଦେବୀଙ୍କର ।

ଏତେ ସରଳତା ଏବଂ ଖୋଲାପଣ ନେଇ କଣ ବଞ୍ଚିପାରିବ ? ଏ ଜଟିଳ ଦୁନିଆରେ ? ବାହାଘରର ବର୍ଷେ ପର୍ଯ୍ୟନ୍ତ ସବୁ ଚାଲିଲା ଠିକ୍‌ରେ । ମନେ ମନେ ଖୁସୀ ହୁଅନ୍ତି ସୁଜାତା ଦେବୀ । ମଝିରେ ମଝିରେ ଦୁଇଜଣ ଯାକ ଆସନ୍ତି ଘରକୁ । ଖୁସୀରେ ଉଚ୍ଛୁଳି ଉଠେ ଘର । ମାଆ ମାଆ ବୋଲି ତାଙ୍କର ପିଛା ଛାଡନ୍ତିନି ପ୍ରତିସ୍ୱନ । ତେବେ କଣ ହେଲା କେଜାଣି, ଦିନେ ଝଡ ଭଳି ଆସି ପହଞ୍ଚିଲା ପ୍ରଚେତା । ମାଆକୁ ଶୁଣାଇ ଦେଲା, ସେ ନିକଟ ଭବିଷ୍ୟତରେ ଯିବନାହିଁ ପ୍ରତିସ୍ୱନଙ୍କ ପାଖକୁ । ସମୟ ଗଡିଚାଲେ, ପ୍ରତିସ୍ୱନ ଆସନ୍ତିନି। ତଥାପି ଆଶା ରଖନ୍ତି ନିଶ୍ଚୟ ପ୍ରତିସ୍ୱନ ଦିନେ ଆସିବେ । ଆଉ ନେଇ ଯିବେ ପ୍ରଚେତାକୁ ତାଙ୍କ ସାଙ୍ଗରେ ।

ଏହା ଭିତରେ ଅନେକ ଦିନ ବବିତିଗଲାଣି । କଥାରେ ଅଛି - ବିନାଶ୍ରୟେ ନ ବର୍ତନ୍ତେ... କବିତା ବନିତା ଲତା । ପ୍ରଚେତା ନିଜ ଗୋଡ଼ରେ ଠିଆ ହେବ ବୋଲି ପ୍ରତିଜ୍ଞା କଲା । ହେଲେ ସମାଜ ପରିବେଶ ପରିସ୍ଥିତି କ'ଣ ନିଜ ଗୋଡ଼ରେ ଠିଆ କରେଇ ଦେଉଛି । ଲୋକ ମାନଙ୍କର ଡାହାଣିଆ ଆଖି ଗୁଡିକ ପଡୁଛି ପ୍ରଚେତା ଉପରେ । ମନେପଡେ ସେଦିନର କଥା -ନୂଆ ନୂଆ କରି ବିମ୍ବାଧର ବାବୁଙ୍କ ଅଫିସ୍‌ରେ ଚାକିରୀ ପାଇଥିଲେ ପ୍ରତିସ୍ୱନ । ସେତେବେଳେ ଏମ୍ ବିଏ ଫାଇନାଲ୍ ପ୍ରଚେତାର । ବିମ୍ବାଧର ବାବୁଙ୍କ ସାଥିରେ ଥରେ ଥରେ ପ୍ରତିସ୍ୱନ ଆସନ୍ତି ଘରକୁ । ବିମ୍ବାଧର ବାବୁ ତାଙ୍କୁ ବହୁତ ଭଲ ପାଆନ୍ତି । କିଛି ଦିନ ଭିତରେ ସତେକି ଘରର ଜଣେ ସଦସ୍ୟ ହୋଇଗଲେ । ବିମ୍ବାଧର ବାବୁଙ୍କୁ ପ୍ରତିସ୍ୱନ ଭାରି ସମ୍ମାନ କରନ୍ତି । ଘରେ ବେଳେ ବେଳେ ଖିଆ ପିଆ କରନ୍ତି । ଘରର ଗାଡି ନେବା, ସୁଖ ଦୁଃଖରେ ସେ ବିମ୍ବାଧର ବାବୁଙ୍କ ସହଯୋଗୀ ।

ଏହା ଭିତରେ ପ୍ରତିସ୍ୱନଙ୍କ ସରଳତା ଏବଂ ସହୃଦୟତା ଲାଗି ମୁଁ ମନେ ମନେ ଭଲ ପାଇ ବସିଲା ପ୍ରଚେତା । ଏ କଥା ମଧ୍ୟ ଅଛପା ରହିଲା ନାହିଁ ପ୍ରତିସ୍ୱନଙ୍କୁ । ଦୁହେଁ ଦୁହିଁଙ୍କୁ ଲୁଚି ଲୁଚି ଭଲ ପାଉଥିଲେ । କିଏ କାହାକୁ ଭାଷାରେ ବ୍ୟକ୍ତ କରି ପାରୁ ନ ଥିଲୁ । ଦିନକର ଘଟଣା ପ୍ରଚେତାର ମାଉସୀ ଝିଅ ଭଉଣୀର ବିବାହ ଥାଏ । ପ୍ରଚେତାର ବାପା ମାଆ ଆଗରୁ ପଳାଇ ଯାଇଥିଲେ । ପ୍ରଚେତାର ସେଦିନ ପରୀକ୍ଷା ଥାଏ । ପରୀକ୍ଷା ଦେଇ ଫେରିଲା ବେଳକୁ ପାଞ୍ଚଟା ହୋଇ ଯାଇଥିଲା । ବିମ୍ବାଧର ବାବୁ ପ୍ରତିସ୍ୱନଙ୍କୁ କାର୍ ଚାବି ଦେଇ ଯାଇଥିଲେ । ପ୍ରଚେତାକୁ ନେଇ ସାଥୀ ହୋଇ ଆସିବାକୁ କହିଥିଲେ । ପ୍ରଚେତାକୁ ଅପେକ୍ଷା କରି ଥିଲେ ପ୍ରତିସ୍ୱନ ।

ପ୍ରଚେତା ପରୀକ୍ଷା ଦେଇ ଆସିଲା ପରେ ସାଥି ହୋଇ ଯାଇଥିଲେ କାର୍‌ରେ । ସନ୍ଧ୍ୟା ହୋଇ ଆସୁଥାଏ । ଦୁହେଁ ନିରବ, ଅଧା ରାସ୍ତା ପରେ ଗୋଟେ ସଟକଟ୍ ରାସ୍ତା ଅଛି । ନିଛାଟିଆ ରାସ୍ତା । ସନ୍ଧ୍ୟା ପରେ ସେ ରାସ୍ତାରେ ସେତେ କେହି ଯାଆନ୍ତି ନାହିଁ । ସେଇ ରାସ୍ତାରେ ପ୍ରତିସ୍ୱନ ଗାଡି ମୁହାଁଇଲେ । ପ୍ରଚେତା ଅସ୍ତ ବ୍ୟସ୍ତ ହୋଇ କହିଲା - ଇଆଡ଼େ କୁଆଡେ ଯାଉଛ । ପ୍ରତିସ୍ୱନ ଗାଡି ଚଲାଇ ପଛକୁ ଅଧା ଚାହିଁ କହିଲେ - ଏମିତି ବ୍ୟସ୍ତ ହେଉଛ କାହିଁକି ?

ମୁଁ ତୁମ ପାଇଁ ଅଜଣା ନା.... ତୁମେ ମୋ ପାଇଁ... । ସେ ଶୂନଶାନ ରାସ୍ତାରେ ଫାଙ୍କା ଜାଗା ଦେଖି ଗାଡି ରଖିଲେ । ପ୍ରଚେତା ଭାବିଲା ଗାଡି ରଖିଲେ - ବୋଧହୁଏ ପାସ୍ ଯିବେ । ଦୁହେଁ ଚୁପ ଚାପ ଗାଡିକୁ ଆଉଜି ଜହ୍ନ କୁ ଚାହିଁଥାଉ । ଦୁହେଁ ପରସ୍ପର କୁ ସ୍ୱର୍ଶ ନକରି ମଧ ଦୁହେଁ ମୃଦୁ କମ୍ପନରେ ବିଚଳିତ । ପ୍ରଚେତା ଚାହିଁ ପାରୁନି ପ୍ରତିସ୍ୱନକୁ । କିଏ କାହାକୁ ନିଜ ମନର କଥା କହି ନାହାଁନ୍ତି । କେତେ ଦିନର ସମ୍ପର୍କ । ଶରୀର ନୁହେଁ ଆତ୍ମା ର । ପ୍ରତାରଣା ର ନୁହେଁ ଶାଶ୍ୱତ ପ୍ରେମର । କେହି କାହାରିକୁ କେବେ ଛୁଇଁ ନାହାଁନ୍ତି । ଉଭୟଙ୍କ ନିଶ୍ୱାସ ପ୍ରତିମୁହୂର୍ତ୍ତ ରେ ଉଭୟ ଙ୍କୁ ସ୍ୱର୍ଶ କରେ । କେତେ ମହାନ୍ ସ୍ୱର୍ଗୀୟ ପ୍ରେମ । ଗଭୀର ବିଶ୍ୱାସ, ନିଶବ୍ଦ ପ୍ରତିଶୃତି, ଅକମ୍ପ ଆକର୍ଷଣ, ଆକଳନ୍ତା ଭଲ ପାଇବା । ସମସ୍ତଙ୍କ ଅଜାଣତରେ ହୁଏ ସେମାନଙ୍କ ଆତ୍ମାର ମିଳନ । ପାଟି ଖୋଲି କଥା ନହେଲେ ମଧ ଉଭୟ ଉଭୟଙ୍କ ଆଖିରେ ବୁଝି ଯାଉଥିଲେ ହୃଦୟର ଭାଷା ଯାହା ଚିରନ୍ତନ। କାହିଁକି ନାଁ ହୃଦୟ କେବେ ମିଛ କହେନି କି ଆଖି କେବେ ଭୁଲ ବୁଝେନି ।

ଆଜି ଶୂନଶାନ ରାସ୍ତା ର ନିସ୍ତବ୍ଧ ରାତିରେ ଦୁହେଁ ପାଖା ପାଖି । ଗାଡିକୁ ଆଉଜି କଇଁ ଫୁଲିଆ ଜହ୍ନକୁ ଚାହିଁଛନ୍ତି । ଅଛି ଖଣ୍ଡ ଖଣ୍ଡ କଳା ବାଦଲ ଜହ୍ନକୁ ଲୁଚେଇ । ଏମାନଙ୍କୁ ଅନ୍ଧାରରେ ଛାଡି ଦେଇଛି । ସେ ଅନ୍ଧାର ରେ ପ୍ରତିସ୍ୱନ ପ୍ରଚେତାକୁ ଚାହୁଁଛି । ଝାଉଁ ଗଛର ଶିରି ଶିରି ଶବ୍ଦ ସାଙ୍ଗକୁ ସୁଲୁସୁଲିଆ ଶୀତଳ ପବନ । ଉଷ୍ମ ହୋଇ ସେମାନଙ୍କୁ ଆହୁରି ଉଷ୍ମ କରି ଦେଉଛି । କେହି କାହାରିକୁ ସ୍ୱର୍ଶ ନକଲେ ମଧ ଉଭୟ ସ୍ୱାୟବିକ ଉତେଜନା ରେ ଅସ୍ତବ୍ୟସ୍ତ । ପ୍ରତିସ୍ୱନ ପ୍ରଚେତାକୁ ଏତେ ପାଖରେ କେବେ ଦେଖି ନଥିଲା । ସେ ବାରମ୍ବାର ପ୍ରଚେତାକୁ ଚାହୁଁ ଥାଏ ।

ପ୍ରଚେତା ଅନ୍ଧାରରେ ଜହ୍ନଠୁ ବି ଉଜ୍ଜ୍ୱଳ ଦେଖା ଯାଉଛି । ପ୍ରତିସ୍ୱନ ଧୀରେ ନିଜ ବାଁ ହାତକୁ ପ୍ରଚେତାର ଡାହାଣ ହାତର ପାପୁଲିକୁ ସ୍ୱର୍ଶ କରେ । ପ୍ରଚେତା ଚିଇଙ୍କି ଉଠି ହାତ ଛାଟି ନେଲା । ନିଜକୁ ସଜାଡ଼ିଲା ପରି ଛିଡା ହୋଇ କହିଲା ଚାଲ ଯିବା । ଏଠି କେହି ନାହାନ୍ତି । ଏତେ ରାତି ହେଲାଣି । ତା ପାଟିରୁ କଥା ଛଡେଇ ନେଇ ପ୍ରତିସ୍ୱନ କହିଲେ - ମୁଁ ତ ଅଛି । ତୁମକୁ କ'ଣ ଡର ଲାଗୁଚି । ନାଁ ମୋ ଉପରେ ତୁମର ବିଶ୍ୱାସ ନାହିଁ । ପ୍ରଚେତାର ଡାହାଣ ହାତ ପାପୁଲିକୁ ଆଣିଲା । ନିଜ ଦି ପାପୁଲିର ଆଙ୍ଗୁଠି ଭିତରେ ଛନ୍ଦି କହିଲେ - ମାନୁଛି ! ମୁଁ ତୁମକୁ ଆଜିଯାଏ କହି ପାରିଲିନି । କି ମୁଁ ତୋତେ ପାଗଳ ଙ୍କ ପରି ଭଲ ପାଏ ବୋଲି । ପ୍ରଚେତା ସ୍ଥିର ହୋଇ ସବୁ ଶୁଣୁଥିଲା । ଶେଷରେ କହିଲା ଚାଲ ଯିବା ବାପା ମାଆ କ'ଣ ଭାବିବେ... ସତରେ ବାପା ମାଆଙ୍କ ମନରେ ସେଦିନ ଏକ ଭାବନା ସୃଷ୍ଟି ହୋଇଥିଲା । ଦିନେ ରାତିରେ ମାଆ ବାପାଙ୍କୁ ଧୀରେ ଧୀରେ କହୁଥିଲେ - ଶୁଣୁଛ ! ଆମ ଝିଅ ପ୍ରତିସ୍ୱନକୁ ଭଲ ପାଉଛି । ବାପା ହସିହସି କହିଲେ ତୁମେ ମା ହେଲେ ମୁଁ ବାପା ପରା। ହଁ ମତେ ବି ସେୟା ଲାଗୁଛି । ନ ହେଲେ ଦେଖୁନ ପ୍ରଚେତା ଲୁଚି କରି ତାର କଥା ଶୁଣୁଛି ଏବଂ ବାରମ୍ବାର ଦେଖୁଛି । ଦୁହିଁଙ୍କ ଭିତରେ ସତରେ ପ୍ରେମ ହୋଇଗଲାଣି ।

ଆଉ କିଛି ହେବା ଆଗରୁ ଆମେ ଦୁହିଁଙ୍କୁ ଛନ୍ଦି ଦେଲେ କେମିତି ହୁଅନ୍ତା ? ମାଆ କହିଲା - ଆମେ ତାଙ୍କ ଘରକୁ ଯାଇ ପ୍ରସ୍ତାବ ରଖିବା । ଆଶା ତାଙ୍କ ଘରେ ନିଶ୍ଚିତ ରାଜି ହେବେ । ବାପା କହିଲେ .. ଧୀରେ ଧୀରେ କୁହମ ! ଝିଅ ଶୁଣୁଥିବ । ମୋ ମନ ଖୁସିରେ ଶିହରି ଗଲା । ରାତିରେ ନିଦ ହେଲାନି ମୋ କାନରେ ଖାଲି ଯୋଡ଼ି ମହୁରୀର ଶବ୍ଦ । ଆଉ ଆଶାର ତାଜମହଲ । ମୁଁ ତୁମ ଭିତରେ ଏକ ସରଳ ନିଷ୍କପଟ ପୁରୁଷକୁ ଆବିଷ୍କାର କରୁଥିଲି । ଆମର ବିବାହର ହୋଇଗଲା ।

ବିବାହ କରି ସୁଖରେ କିଛି ଦିନ ବିତାଇବା ପରେ ମନୋମାଳିନ୍ୟ । ସାମାନ୍ୟ କେତେଗୁଡିଏ ଫଟୋକୁ ନେଇ ଦୁଇ ଜଣକୁ ଅଲଗା କରିଦେଲା । ଦୁଇଜଣଙ୍କର ସମ୍ମାନ ଅଛି, ପ୍ରତିପତ୍ତି ଅଛି । ସମାଜରେ ଅନ୍ୟ ମାନଙ୍କଠାରୁ ପ୍ରଶ୍ନ ବାଣର ଶୀକାର ହେଉଛନ୍ତି । ଦୁଇଜଣ ଯାକ ମନକୁ ବୁଝାଇ ପାରୁନାହାଁନ୍ତି । ଅଲଗା ହେବା କଥା କିମ୍ବା ଦ୍ୱିତୀୟ ବିବାହ କରିବା କଥା ମନକୁ ଆସୁନାହିଁ । ପ୍ରଚେତା ବ୍ୟାଙ୍କ ମ୍ୟାନେଜର ସଦା ବ୍ୟସ୍ତ । ଏପଟେ ପ୍ରତିସ୍ୱନ ପ୍ରମୋଶନ ପାଇ ବ୍ଲକ୍ କୃଷି ଅଧିକାରୀ । ଦୁଇ ଜଣ ଦୁଇଜଣଙ୍କ ପାଇଁ ସମର୍ପିତ ହେଲେ ମଧ ମିଶିବାର ସାହସ କରି ପାରୁ ନାହାଁନ୍ତି । ଏହା ଭିତରେ ପାଞ୍ଚବର୍ଷ ବିତିଗଲାଣି । ଅଭିମାନ, ସ୍ୱାଭିମାନ, ଉଚ୍ଚ ସମ୍ମାନ, ପଦ ପଦବୀ ଦୁଇଜଣଙ୍କୁ କ୍ଷତାକ୍ତ କରୁଛି । ସ୍ତ୍ରୀର ଅହଂକାର ପୁରୁଷର ସ୍ୱାଭିମାନ ଦୁହିଁଙ୍କୁ ମିଶାଇ ଦେଇ ପାରୁ ନାହିଁ ।

ଦିନେ ହଠାତ୍ ଦୁଇ ଜଣ ଦୁଇଜଣଙ୍କୁ ଦେଖାହେଲେ ଏକ ସପିଂ ମଲ୍‌ରେ । ପ୍ରଚେତାଙ୍କର ସାଥିରେ ଥାଆନ୍ତି ସୁଜାତା ଦେବୀ । ଶାଶୁ ମାଆଙ୍କୁ ଦେଖି ପାଦ ସ୍ୱର୍ଶ କରି ଅଭିବାଦନ ଜଣାଇଲେ ପ୍ରତିସ୍ୱନ । ଅଭିମାନରେ ପଛକୁ ଘୁଞ୍ଚି ଗଲା ପ୍ରଚେତା । ସୁଜାତା ଦେବୀ ଜୋଇଁ ପୁଅକୁ କେତେ କ'ଣ ତୁନି ତୁନି କହିଲେ । ଶେଷରେ ତାଙ୍କର ଆଖିରୁ ଲୋତକର ଧାର ବହିଗଲା । କିଛି ସମୟ ପାଇଁ ଶାଶୁମାଆଙ୍କ ହାତରେ କଥାବାର୍ତ୍ତା । ତାପରେ ପ୍ରଣାମ ଜଣାଇ ମଲ୍‌ରୁ ଚାଲିଯାଇଥିଲେ ପ୍ରତିସ୍ୱନ । ଘରକୁ ଫେରିବା ବାଟରେ ପ୍ରଚେତାକୁ ବହୁତ ବୁଝାଇ ଥିଲେ ସୁଜାତା ଦେବୀ ।

ପ୍ରଚେତା ନିଜକୁ ଅନୁତପ୍ତ ଅଗ୍ନିରେ ଦଗ୍ଧୀଭୂତ ହେଉଥାଏ । ପଶ୍ଚାତାପ କରୁଥାଏ କେଉଁଠି ନା କେଉଁଠି ମୋର ଭୁଲ୍ ରହିଗଲା । ଦୁଇ ଦିନ ପରେ ଏକ ଅଜଣା ନମ୍ବରରୁ ଫୋନ୍ କଲ୍ ଆସିଲା । ରାତି ସେତେବେଳକୁ ଆଠ ନଅ ହେବ । ଫୋନ୍ ଉଠାଇବାକୁ ଇଚ୍ଛା ନ ଥିଲେ ମଧ ବାଧ୍ୟ ହୋଇ ଉଠାଇଲା । ସେପଟରୁ ଭାସି ଆସିଲା ମଧୁର କଣ୍ଠ - ପ୍ରଚେତା ! ! ! ଜଣା ଶୁଣା କଣ୍ଠ ଲାଗୁଥିଲେ ମଧ ପୁରୁଣା । କିଏ କହୁଥିଲେ ପ୍ରଶ୍ନ । ସେପଟରୁ ନିରବତା । ବାରମ୍ବାର କିଏ କହୁଥିଲେ... ଶେଷରେ ସେପଟରୁ ଉତ୍ତର ଆସିଲା ! ମୁଁ ପ୍ରତିସ୍ୱନ...

ଏହା ଭିତରେ ପ୍ରତିସ୍ୱନର କଣ୍ଠ ମଧ୍ୟ ଭୁଲି ଗଲେଣି ପ୍ରଚେତା । କିଛି ସମୟର ନିରବତା । ଉଭୟ ଉଭୟଙ୍କୁ କ'ଣ କହିବେ କେଉଁଠୁ ଆରମ୍ଭ କରିବେ..... ଶଙ୍କା ରେ ପଡିଥାନ୍ତି । ଆରମ୍ଭ କଲେ ପ୍ରତିସ୍ୱନ - ମୋତେ ତୁମେ ଭୁଲ୍ ବୁଝିଛ ପ୍ରଚେତା । ଆମ ଭୁଲ୍ ବୁଝାମଣା ଯୋଗୁଁ ଏହା ଭିତରେ ପାଞ୍ଚ ଛଅ ବର୍ଷ ବିତିଗଲାଣି । ଜୀବନର ଅପରାହ୍ନ ଆଡକୁ ଗତି କରୁଅଛେ । ତୁମ ପ୍ରେମର ସ୍ମୃତି କୁ ଧରି ମୁଁ ଆଉ ବିବାହ କରି ପାରିଲିନି । ମୋ ବାପା ଦୁଇବର୍ଷ ତଳେ ଚାଲିଗଲେ । ଭଉଣୀ ବାହାହୋଇ ତା ସୁଖ ସଂସାରରେ ରହିଛି । ବୋଉ ମୋର ତୁମକୁ ମନେ ପକାଉଛି । ମୁଁ ବର୍ତ୍ତମାନ ବ୍ଲକ୍ କୃଷି ଅଧିକାରୀ । ବୋଉ ରହୁଛି ମୋ ପାଖରେ । କାଲି ମଲ୍ ରେ ତୁମକୁ ଦେଖିଲା ପରେ ତୁମେ ଅନୁତପ୍ତ ଥିବା ଲକ୍ଷ୍ୟ କଲି । ସେଥିପାଇଁ ତୁମକୁ ଆଜି ଫୋନ୍ କଲି । ଆଶା... ତୁମ ମନରେ ସନ୍ଦେହ ଘୃଣା ଅବିଶ୍ୱାସ ଆଉ ନ ଥିବ ବୋଲି । ଏ ଘର ଏ ହୃଦୟ ତୁମ ଛଡ଼ା ଆଉ କାହାକୁ ଗ୍ରହଣ କରିପାରିନି । ଖୋଲା ପଡ଼ିଛି ତୁମ ପାଇଁ ଏସବୁ । ତୁମର ମନ....

କିଛି ସମୟର ନିରବତା ପରେ ପ୍ରଚେତା କହିଲା - ଅପରାଧୀ ପରି ସତ୍ୟକୁ ସାମ୍ନା କରିବାକୁ ସାହସ ନାହିଁ । ପାଞ୍ଚ ଛଅ ବର୍ଷଧରି ମୁଁ ଯେଉଁ ଆତ୍ମଗ୍ଳାନିରେ ଯନ୍ତ୍ରଣା ପାଉଛି । ତାକୁ ତୁମକୁ କହିବାକୁ ଆଜି ସୁଯୋଗ ମିଳିଛି । ମନର ସବୁ କଥା ଫୋନରେ କହି ପାରିବିନି ତଥାପି କହିବି । ଯେଉଁ ଚିତ୍ରପଟକୁ ପାଞ୍ଚ ବର୍ଷ ହେଲା ଛାତିରେ ଧରି ରଖିଛି । ଯାହାଙ୍କ ପାଖରେ ଅକ୍ଷମଣୀୟ ଭୁଲ୍ କରିଛି । ସେଇ ଅହଂ ମିଶା ସ୍ୱାଭିମାନୀ ଆଶାର କେବେଠାରୁ ମୃତ୍ୟୁ ହେଇଯାଇଛି । ଗୁମୁରି ଗୁମୁରି କାନ୍ଦୁଛି ସେଇ ଅହଂକାରୀ ଝିଅଟା ।

ମନେପଡେ ସେଦିନ କଥା - ତୁମର ସାଙ୍ଗ ଅରୁନ୍ଧତୀକୁ ବଜାରରେ ମିଶିଥିଲି । ସେ ପ୍ରଥମେ ତୁମ ବିଷୟରେ ଭଲ ମନ୍ଦ ପଚାରିଲା । ତା'ପରେ ତାଙ୍କର ଘରକୁ ଡାକିନେଲା । ଘରକୁ ଯିବା ଭିତରେ ଭାବୁଥିଲି । ଏ ମୋ ପାଇଁ ସୌଭାଗ୍ୟ ଆଣିବ ନା ଦୁର୍ଭାଗ୍ୟ ? ତାଙ୍କର ଘରେ ବସି ବହୁ ସମୟ କଥା ହେଲୁ । ସେ ତୁମକୁ ଭଲ ପାଉଥିଲା ବୋଲି କହିଲା । ବିଭିନ୍ନ ପୋଜରେ ଫଟୋ ଉଠାଇ ଥିବାର ଦେଖାଇଲା। ଶେଷରେ କେତୋଟି ଅସଜ୍ଞତ ଅବସ୍ଥାରେ ଥିବା ଫଟୋ ଦେଖାଇଲା । ଫଟୋସବୁ ଦେଖି ମୋ ମୁଣ୍ଡ ଗରମ ହେଇଗଲା। କ୍ରୋଧ ମୋର ତାଳୁରୁ ତଳିପା ପର୍ଯ୍ୟନ୍ତ ସଞ୍ଚରିଗଲା। ହିତାହିତ ଜ୍ଞାନ ଲୋପ ଭୁଲିଗଲଟି । ତୁମ ପ୍ରତି ପ୍ରଚଣ୍ଡ ଘୃଣା ଆସିଲା। ଭାବିଲି ତୁମେ ମୋ ସାଙ୍ଗରେ ପ୍ରବଞ୍ଚନା କଲ। ତୁମେ ଜଣେ ଠକ ପ୍ରତାରକ । ମୋ ସହିତ ପ୍ରେମ ଅଭିନୟ କରିଥିବା ଧାରଣା ଦୃଢ଼ୀଭୂତ ହେଲା। ଚିନ୍ତା କରିବା ଶକ୍ତି ହରାଇ ଦେଲି । ନାରୀର ଯାହା ସ୍ୱାଭାବିକ ଲକ୍ଷଣ ତାହା ମୋ ଠାରେ ଦେଖାଗଲା । କାରଣ ନାରୀ ସବୁ ସହିପାରେ । ନିଜର ପ୍ରେମିକା ବା ସ୍ୱାମୀ........ ପର ସ୍ତ୍ରୀ ସାଥିରେ ସମ୍ପର୍କ ରଖିବା କେବେ ସହ୍ୟ କରିପାରେ ନାହିଁ।

ମୁଁ କେତେବଡ଼ ଭୁଲ୍ କଲି ଆଜି ଚିନ୍ତା କରୁଛି। ସେତେବେଳେ ଯଦି ଏତିକି....। ସଦା ନିଃସଙ୍ଗତା ହେତୁ ମାଆ ଦିନେ ରାଣ ପ୍ରମାଣ କରି ସବୁକଥା ପଚାରିଲା । ମନର କଥା ମନରେ କେତେ ଦିନ ଲୁଚାଇ ରଖିପାରିବି ? ମାଆକୁ ବାଧ୍ୟ ହୋଇ ସବୁ କଥା କହିଲି । ସମସ୍ତ ଫଟୋ ମଧ ଦେଖାଇଲି । ମାଆ ସେସବୁ ଫଟୋ ଦେଖି ମୋତେ କହିଲା । ଝିଅ ମୋତେ ଲାଗୁଛି - ଏଥିରେ ଏସବୁ କ୍ୟାମେରା ବାହାଦୂରୀ । ଅଥବା କମ୍ପୁଟରର ଚାତୁରୀ । ତୁ ଏତେ ରାଗିଲେ ଚଳିବ ? ରାଗି ପାଇଲୁ କ'ଣ ? ମୁଁ କିନ୍ତୁ ମୋ ନିଷ୍ପତ୍ତିରେ ଅଟଳ ଥିଲି । 'କ୍ରୋଧ ସୁଦୁର୍ଜୟ ଶତ୍ରୁ' ....... କ୍ରୋଧ ରୂପକ ଶତ୍ରୁକୁ ବିଜୟ ଲାଭ କରିବା ଏତେ ସହଜ ନୁହେଁ । ଶାନ୍ତ ହୁଅ । ଧୀର ସ୍ଥିର ଚିତ୍ତ ଶାନ୍ତ ମନରେ ଚିନ୍ତା କର.... ଭଲ କ'ଣ ଖରାପ କ'ଣ ? ସବୁ ପାଇଲି କିନ୍ତୁ ଜୀବନଟା ନିଃସଙ୍ଗତା ଭିତରେ ବିତୁଛି । ତୁମ ପାଖରେ କ୍ଷମା ମାଗିବାକୁ ସାହାସ ନାହିଁ ମୋର । ଯଦି ପାର କ୍ଷମା କରିଦେବ। ବୟସର କୃଷ୍ଣଚୂଡ଼ା ଫିକା ପଡ଼ିଆସୁଛି, ହାତରେ ମେହେନ୍ଦି ସଜାଇବା ଆଶାଟିଏ ଆଶା ଭିତରେ ପୁଣି ଉଙ୍କି ମାରୁଛି ଆଜି । ତୁମ ଶୂନ୍ୟତାରେ ପୁଣି ବସନ୍ତର ରଙ୍ଗ ଭରିବାକୁ ମନ ଚାହୁଁଛି । କ'ଣ ସୁଯୋଗ ଦେବ ନା ? ସ୍ଥାନଟିଏ ଚାହୁଁଛି ତୁମ ହୃଦୟରେ । ସ୍ୱପ୍ନଟିଏ ଚାହୁଁଛି ତୁମ କୋଳରେ । ଆତ୍ମଗ୍ଳାନିର ଯନ୍ତ୍ରଣା ଆଉ ସହିପାରିବିନି ।

ସେଦିନ ରାତିରେ ତୁମ ଘରକୁ ବୋହୁ ହୋଇ ଯିବା । ମଧୁଶଯ୍ୟାର ଦୃଶ୍ୟ, ତୁମ ବାହୁ ବନ୍ଧନରେ ମୋର ଦେହ । ତୁମର ଅନୁରାଗ ବୋଳା ଚୁମ୍ବନ ... ଭାବୁଥିଲି ରାତିଟା ଆଉ ଟିକିଏ ଲମ୍ବା ହୁଅନ୍ତା କି ? ଯାହାର ସତ୍ୟତା ଏବେ ଉପଲବ୍ଧି କରୁଛି । ଛନ୍ଦାୟିତ ଝରଣାପରି ମୋ ଯୌବନର ଚଉହଦିକୁ ତୁମେ ଅନୁରାଗ ବାରିରେ ପ୍ଲାବିତ କରିଦେଇଥିଲ । ତୁମର ପ୍ରଥମ ଚୁମ୍ବନ ଆଜି ବି ମୁଁ ସାଇତି ରଖିଛି ମନ ସିନ୍ଦୁକରେ । ତୁମ ଚୁମ୍ବନରେ ଏକ ଶୀହରଣ ବିଜୁଳି ପରି ଖେଳି ଯାଇଥିଲା ମୋ ଦେହରେ । ମନରେ ଶତ କଦମ୍ବର ରୋମାଞ୍ଚ । ଆଉ ତୁମ ଗାଲରେ ସ୍ୱୀକୃତି ଦେଇଥିଲା ମୋ କମ୍ପିତ ଓଠ । ରାତିସାରା ପ୍ରେମର ଶୀହରଣରେ ଶୋଇ ପାରି ନ ଥିଲି । ଏବେ ବି ସେ ଅଭୁଲା ସ୍ମୃତି ମନ ଭିତରେ ରୋମନ୍ଥନ ହେଉଅଛି । ଆଶା ରଖିଛି.. ଆମ ସମ୍ପର୍କରେ କିଛି ଦିନ ପାଇଁ ପାଚେରୀ ଉଠିଗଲା । ସେ ପାଚେରୀ ଭାଙ୍ଗି ଆମେ ପୁଣି ନୂତନ ଘର କରିବା । ମୁଁ ପରେ ମୋର କେତେକ ବାନ୍ଧବୀଙ୍କଠାରୁ ଅରୁନ୍ଧତୀ ବିଷୟରେ ଜାଣିଥିଲି । ସେ ଏକ ନଷ୍ଟ ଚରିତ୍ରର ଝିଅ । ପର ଘର ଭାଙ୍ଗିବା ତାର ସ୍ୱଭାବ । ପଛ କଥା ପଛରେ ଥାଉ । ଆମେ ମିଶି ପୁଣି ଆମର ଘର ସଂସାର କରି ପାରିବା ନା..... ପ୍ରତିସ୍ୱନ ସେପଟରୁ କୋହ ଆବେଗଭରା କଣ୍ଠରେ କହିଥିଲେ ତୁମେ ଚାହିଁଲେ ସବୁ ସମ୍ଭବ.... ।

+ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଚନ୍ଦ୍ରଗିରି, ଗଜପତି, ୯୪୩୭୯୮୫୮୬୬

# ଚିଠିର କରାମତି

ସୁନନ୍ଦା ମହାନ୍ତି



ଛୋଟ ଛୋଟ ଅଙ୍କା ବଙ୍କା ଅକ୍ଷରରେ ପୋଷ୍ଟ କାର୍ଡରେ ଲେଖା ଚିଠିଟେ ପାଇଥିଲେ ମା । ଝିଅ ଲେଖିଥିଲା ମୋର ସବୁ ସାଙ୍ଗ ମାନେ ତାଙ୍କ ମାଆ କୋଳରେ ନାନାବାୟା ଗୀତ ଶୁଣି ଶୋଇପଡୁଥିଲା ବେଳେ ମତେ ଆଇମା ଡାହାଣୀ ଆଲୁଅ ଦେଖାଇ ଶୁଆଇ ଦେଉଛନ୍ତି ମାମା । ତୁ କୁଆଡେ ଯାଇଛୁ ? କୋଉଠି ଅଛୁ ? ମୋ ପାଖକୁ ଆସୁନୁ କାହିଁକି ? ମୁଁ ତତେ ବହୁତ ଖୋଜୁଛି ମାମା । ମୋ ଚିଠି ପାଇ ଶୀଘ୍ର ଆସିବୁ । ଟିକି ଝିଅ ସୋନାର ବାପା ମାଆର ଠିକଣା ଲେଖିଦେଇଥିଲେ, ଆଉ ଚିଠିଟିକୁ ଆଇମାଆ ପଢି ନେଇ କୋଳେଇ ନେଉଥିଲେ ସୋନାକୁ । କହିପାରୁନଥିଲେ, ସୋନାକୁ ତା ମାଆ ଏ ଚିଠି ପାଇବକି ନା ଜଣା ନାହିଁ, ଆଉ ଯଦି ପାଇବ ପଢିବ କି ନାହିଁ କି ବୁଝିବ କି ନାହଁ ।

ସତରେ ମାଆଟି ଚିଠିଟିକୁ ପାଇ ପଚାରୁଥିଲା ସମସ୍ତଙ୍କୁ କଣ ଏଇଟା ? ମେଣ୍ଟାଲ ହସ୍ପିଟାଲ କର୍ମଚାରୀମାନେ କହନ୍ତି ପୋଷ୍ଟକାର୍ଡ ତ ମାଆଟି କହେ ଡାହାଣୀ ଆଲୁଅ କଣ ? ଡାକ୍ତର ପହଞ୍ଚି ଇଞ୍ଜେକ୍ସନ ଦେଇ ଶୁଆଇ ପକାନ୍ତି ଶିଳାଙ୍କୁ । ଦୁର୍ଘଟଣା ପରେ ମସ୍ତିଷ୍କ କାମ କରୁନି ତାଙ୍କର, ସେ ସିନା ମନେପକେଇ ପାରୁନାହାଁନ୍ତି ସୋନାକୁ, ଝିଅ ସୋନା କିନ୍ତୁ ବୟସ ବଢିବା ସଙ୍ଗେ ସଙ୍ଗେ ଝୁରୁଛି ମାଆକୁ । ଆଇମା ଯେତେ ସ୍ନେହ ଶ୍ରଦ୍ଧା ଦେଲେ ବି ନିଅଣ୍ଟ ପଡେ ତାକୁ । ତା ଛଡା ଆଜିକାଲି ଆଇମାଆ ମଧ ତାକୁ ଛାଡ଼ି ଚାଲିଗଲେଣି ତାଙ୍କ ଘରକୁ ତ ସୋନା ଲେଖେ ଦୁଇ ଖଣ୍ଡ ଚିଠି ଗୋଟେ ମାଆ ପାଖକୁ ଆଉ ଖଣ୍ଡେ ଆଇମାଆଙ୍କ ପାଖକୁ । ମାଆର କିଛି ପ୍ରତିକ୍ରିୟା ନଥାଏ ସିନା । ଚିଠି ପାଇ ଆଇମାଆ ଝୁରୁଥାଆନ୍ତି କହି କହି ମୋ ସୋନା ମୋ ସୋନା । ମୋ ସୋନାଲୋ । ସୋନାକୁ ମେଣ୍ଟାଲ ହସ୍ପିଟାଲରୁ ଦୂରେଇ ରଖିଥିଲେ ବାପା ହେଲେ ଏବେ ଏବେ ତା ଅଝଟ ପଣ ବଢିବାରୁ ନେଇ ଯାଇଥିଲେ ସାଙ୍ଗରେ । ଶିଳା ତାକୁ ଦେଖି କହିଲେ ଏ କିଏ ? ଡାହାଣୀ ଆଲୁଅ ? ସେଇ ଦିନଠୁ ଆଉ ମାଆ ପାଖକୁ କେବେ ଯିବାକୁ ଚାହିଁନି ସୋନା । ମଝିରେ ମଝିରେ ଆଇମାଆ ଆସନ୍ତି ଆଉ କିଛି ଦିନ ରହି ଫେରିଯାଆନ୍ତି ତାଙ୍କ ଘର ଦେଖାଶୁଣା କରିବାକୁ କେହି ନଥିବାରୁ, କାରଣ ଶିଳା ତାଙ୍କର ଏକମାତ୍ର କନ୍ୟା ଅଟେ । ଏ ଭିତରେ ସୋନାର ନୂଆ ମାଆ ଆସିଛନ୍ତି ପୁଣି କୁନି ଭାଇ ମଧ । ତାକୁ ଖେଳେଇବା, ଖୁଆଇବା, ଧରିବା ଦାଇତ୍ୱ ସମ୍ଭାଳିବାକୁ ପଡୁଛି ତ, ବେଳେ ବେଳେ ସାନାଭାଇକୁ ଯେବେ କହେ ଦେଖ ଦେଖ ଡାହାଣୀ ଆଲୁଅ, ଶୋଇପଡ଼େ । କୁନି ଭାଇ ଶୋଇପଡ଼େ ସତ ସେ କିନ୍ତୁ ଭାବୁଥାଏ ତା ମାଆ ଓ ଆଇମାଆ କଥା । ସେ ପଢା ପଢ଼ିରେ ମନ ଦେଇ ପାରୁନି । ଅଭିଯୋଗ କରି ଆଇମାଆ ଆସୁନ କାହିଁକି ଚିଠି ଲେଖିଲେ ମଧ ସମ୍ପର୍କରେ ଦୂରୀ ଓ ଫାଟ ତଥା ବାର୍ଦ୍ଧକ୍ୟଜନିତ ରୋଗ ଯୋଗୁଁ ଆଇମାଆ ଆସିପାରନ୍ତିନି । ସେମିତି ସେମିତିରେ ସୋନା ବଡ଼ ହୁଏ । ଚିଠି ଲେଖିବା ଯୁଗ ସରିଯାଇଥିଲେ ବି ଚିଠି ଲେଖେ ଆଇମାଆଙ୍କ ନିକଟକୁ । ଆଇଙ୍କୁ ଚିଠିର ଜବାବ ମାଗି ପାଏନା କେବେ । ଆଇମାଆ କିନ୍ତୁ ଚିଠି ପାଇ କୋଟିନିଧି ପାଇବା ପରି ମନେକରନ୍ତି । ସାଇତି ରଖନ୍ତି । ଡକାବାଲାକୁ ପଚାରୁଥାନ୍ତି ତାଙ୍କ ଚିଠି ଅଛି କି ? ଏ ଭିତରେ ସୋନା ବଡ଼ ହୋଇଯାଇଥିଲା । ବାହାଘର ଠିକ ହୋଇଯାଇଥିଲା । ତା ଅନୁରୋଧ ରଖି ବାପା ହସ୍ପିଟାଲରୁ ମାଆକୁ ଓ ଗାଁରୁ ଆଇମାଆଙ୍କୁ ଆଣିଥିଲେ । ସୋନା ମାମାର କୋଳରେ କଇଁ କଇଁ କାନ୍ଦୁଥିଲା ତ ଆଇମାଆ, ସେ ଡାହାଣୀ ଆଲୁଅର କୋଉ ବୁଝିବା ଶକ୍ତି ଅଛି କହି ସୋନାକୁ ସାନ୍ତ୍ୱନା ଦେଉଥିଲେ । ହଠାତ ଶିଳା ଡାକିଲେ ସୋନା ମୋ ଝିଅ ସୋନା, ତୁ ଡାହାଣୀ ଆଲୁଅ ନୁହଁ ମୋ ଝିଅ, ହଁ ମୋ ଝିଅ ସମସ୍ତେ ଆଶ୍ଚର୍ଯ୍ୟ । ଆଇମାଆ ଭୋଭୋ ରଡି ପକାଉଥିଲେ । ଦୁଃଖ ଓ ସୁଖ ମିଶ୍ରିତ ବାତାବରଣ ଭିତରେ ଦୂରରୁ ସୋନା ବର ରୋଷଣୀ ଜାଳି ଆସୁଥିବା ଦୃଶ୍ୟ ଦେଖି ଆଇମାଆ ଖୁସିରେ କହିଥିଲେ ମୋ ସୋନାର ଡାହାଣୀ ଆଲୁଅ ଆସିଗଲା, କଥା ଛଡେଇ ଶିଳା କହୁଥିଲେ ନାହିଁ ମାଆ ଏ ରୋଷଣୀ । ଆଉ ସୋନା ଖୁସିରେ ଫାଟି ପଡୁଥିଲା ବେଳେ ସାନାଭାଇ ନାଚି ଚାଲିଥିଲା ଅପା ବାହାଘରରେ । ଶିଳାଙ୍କୁ ନେଇ ଆଇମାଆ ଫେରିଥିଲେ ତାଙ୍କ ଘରକୁ, ବାହାଘର ପରେ । ଗୋଟି ଗୋଟି ଝିଅର ଚିଠି ପଢି ବଞ୍ଚିଥିଲେ ଶିଳା ଆଉ ଅପେକ୍ଷା କରିଥିଲେ ପରବର୍ତ୍ତୀ ଚିଠିକୁ । ସେଇ ଚିଠି ପଢି ପଢି ସେ ତାଙ୍କ ମାନସିକ ସ୍ଥିତି ଫେରିପାଇଛନ୍ତି ବୋଲି ଶୁଣାଯାଏ ।

+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ରାଉରକେଲା ସହକାରୀ ଜିଲ୍ଲାପାଳଙ୍କ ମୃତ୍ୟୁ ମାମଲା: ପୋଷ୍ଟମର୍ଟମ ରିପୋର୍ଟ ଆସିବାରେ ବିଳମ୍ବ

ରାଉରକେଲା, ୨୩/୦୯ (ନି.ପ୍ର): ରାଉରକେଲା ଏଡିଏମ ଅଫିସରେ ସହକାରୀ ଜିଲ୍ଲାପାଳ ଭାବେ କାମ କରୁଥିବା ସସ୍ମିତା ମିଂଜ (୩୫)ଙ୍କ ଶବ ଆରଏସପି ୭ ତାଲା ସମ୍ମୁଖ ପାର୍କର ଏକ ପୋଖରୀରୁ ମିଳିବା ଘଟଣା ଦିନକୁ ଦିନ ଯେତିକି ସନ୍ଦେହଘେରକୁ ଯାଉଛି , ପୋଷ୍ଟମର୍ଟମ ରିପୋର୍ଟ ୨ ଦିନ ଭିତରେ ଆସିବାରେ ନିୟମ ଥିବା ସତ୍ତ୍ୱେ ଏଯାଏ ରିପୋର୍ଟ ନଆସିବାରୁ ମାମଲାଟି ଅଧିକରୁ ଅଧିକ ସନ୍ଦେହଘେର ଭିତରକୁ ଜିବାରେ ଲାଗିଛି। ଏପରିକି କୁହାଯାଉଛି ଏହାର ପର୍ଦ୍ଦାଫାସ ହେବ ନାଁ କେବଳ ତଦନ୍ତ ଭିତରେ ହଜିଯିବ ।ମୃତକ ସସ୍ମିତା ବିବାହିତା ଥିଲେ। ତାଙ୍କର ପାରିବାରିକ ସମସ୍ୟା ଅଦାଲତରେ ଚାଲିଥିଲା। ଫଳରେ ସେ ତାଙ୍କ ବାପଘରେ ରାଜଗାଙ୍ଗପୁର ରମାବାହାଲରେ ରହୁଥିଲେ । ତେବେ ଚଳିତ ମାସ ୧୬ ତାରିଖରେ ସେ ଆରଏମସିର ଏକ ମିଟିଂ ସାରି ଆଉ ଘରକୁ ଯାଇନଥିବାରୁ ତାଙ୍କ ପରିବାର ଲୋକେ ଏକ ନିଖୋଜ ମାମଲା ପ୍ଲାଂଟସାଇଡ ଥାନାରେ ଦେଇଥିଲେ । ୧୯ ତାରିଖ ତାଙ୍କ ମରଶରୀର ମିଳିବା ସହ ତାଙ୍କ ପାଖରୁ ଏକ ହୋଟେଲ ଚାବି ମିଳିଥିଲା ଯାହା ସେହି ଥାନା ଅଂଚଳରେ ଅବସ୍ଥିତ । ତେବେ ତାଙ୍କ ପରିବାର ଲୋକେ କହିବା କଥା ସେ ଭାରି ମାନସିକ ଚାପରେ ରହୁଥିଲେ, ଗୁରୁଣ୍ଡିଆ ବିଡିଓ ତାଙ୍କ ଘରକୁ ଆସି କୁଆଡେ କହିଥିଲେ ଜିଲ୍ଲାପାଳ ଚାହିଁଲେ ଏସବୁର ସମାଧାନ ହୋଇଯିବ, ସେପଟେ ମୃତକଙ୍କ ମା ଓ ଭାଇ ଥାନାରେ ତାଙ୍କ ଭଉଣୀ ଓ ଝିଅର ମୃତ୍ୟୁ ଲାଗି ସୁନ୍ଦରଗଡ ଜିଲ୍ଲାପାଳ, ରାଉରକେଲା ଏଡିଏମ ଓ ଗୁରୁଣ୍ଡିଆ ବିଡିଓଙ୍କୁ ଦାୟୀ କରିଛନ୍ତି। କିନ୍ତୁ ପୁଲିସ ଏଯାଏ ସେମାନଙ୍କ ନାମରେ ମାମଲା ରୁଜୁ କରିନଥିବା ବେଳେ ପଦେ ହେଲେ ସେମାନଙ୍କୁ ପଚରା ଉଚରା କରିନାହିଁ କିମ୍ବା ତଦନ୍ତ ପରିସରକୁ ନେଇନାହିଁ । ଯଦି ତାଙ୍କ ମା ଓ ଭାଇ କହୁଛନ୍ତି ସେ ମାନସିକ ଚାପରେ ଥିଲେ, ଖୋଦ ଜିଲ୍ଲାପାଳ ଏହାର ସମାଧାନ କରିଦେବେ ବୋଲି ବିଡିଓ ଆଶ୍ୱାସନା ଦେଇଥିଲେ, ତେବେ କିପ୍ରକାର ମାନସିକ ଚାପ, କେଉଁ ସମୟରେ କିଏ ଦେଉଥିଲା ଏଭଳି ଚାପ, ଫୋନରେ ନାଁ ଆଉ କେଉଁ ମାଧ୍ୟମରେ ଆସୁଥିଲା ଚାପ, ସେ ଚାପ ପଛର ବାସ୍ତବ କାହାଣୀ କଣ, କିଏ ସେହି ଚାପ ଦେଉଥିବା ବ୍ୟକ୍ତି ମାନେ, ଯାହା ଲାଗି ଆଜି ଜଣେ ଶିକ୍ଷିତା ମହିଳାଙ୍କ ଜୀବନ ଅକାରଣରେ ଚାଲିଗଲା। ଏହିଭଳି ଅନେକ ପ୍ରଶ୍ନ ଏବେ ଜାଣିବା ଶୁଣିବା ମହଲରେ ଆଲୋଚନା ଜୋର ଧରିଛି । କିନ୍ତୁ, ବଡ ଦୁଃଖର ବିଷୟ ଏହିକି ଯେ, ପୋଷ୍ଟମର୍ଟମ ରିପୋର୍ଟ ୨ ଦିନ ଭିତରେ ଆସିବାର ନିୟମ ଥିଲେ ବି ଅନେକ ମାମଲାରେ ଏହି ରିପୋର୍ଟ ଆସିବନାହିଁ, ୧୫ ଦିନ ମାସେ ଲାଗିବ। ୬ ମାସ ଲାଗିବ କହି ପୋଲିସ ଅନେକ ମାମଲା ଉପରୁ ଲୋକଙ୍କର ଆଖିକୁ ହଟାଇ ଦେଇଥାଏ, ତେଣୁ ରିପୋର୍ଟକୁ ନେଇ ଖୋଦ ଏଡିଏମଓ ପାନପୋଷ ସାଧାରଣ ଜନତାଙ୍କୁ ଉତର ଦେବାର ଆବଶ୍ୟକତା ରହିଛି ଓ ପୁଲିସ ମଧ୍ୟ ଏହାର ରିପୋର୍ଟକୁ ସର୍ବସାଧାରଣ ଜାଣିବା ଲାଗି ମିଡିଆକୁ ଜଣାଇବା ଉଚିତ ବୋଲି କୁହାଯାଉଛି । ଏଭଳି ମାନସିକ ଚାପ ଦେବାରେ ରାଉରକେଲା ଏଡିଏମ ଅଫିସ ର ଆଗରୁ ଅନେକ କାହାଣୀ ରହିଛି। ଅତିତରେ ଜଣେ ବାବୁ ନିଶାରେ ରହି ଅଫିସ ଭିତରେ ପିଜା ମଗାଇ କିଛି ଯୁବତୀଙ୍କୁ ଆପ୍ୟାୟିତ କରିବା, ସେମାନଙ୍କ ଭିତରୁ କିଛି ଜଣଙ୍କୁ ନିଜ କ୍ଷମତାରେ ବାନ୍ଧି ରଖିବା ଭଳି କଥା ପଦାକୁ ଆସିବା ପରେ ତାଙ୍କର ଏଠାରୁ ବଦଳି ହୋଇଥିଲା । ତେବେ ତାହାର କିଛି ବର୍ଷ ପରେ ଏଡିଏମ ଅଫିସରେ ଜଣେ ପୁର୍ଣକାଳିନ ଏଡିଏମ ନାହାନ୍ତି, ସେଠି କଣ କାମ ହୁଏ, କିଏ ମାନସିକ ଚାପ କାହାକୁ ଦିଏ, କିଭଳି ମନମାନି ଚାଲେ ତାହା ଏବେ ଦାଣ୍ଡରେ ପଡି ହାଟରେ ଗଡିବା ଆରମ୍ଭ କରିଛି ।

# ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଆର୍ଥିକ ଅବରୋଧ

କେନ୍ଦ୍ରାପଡ଼ା, ୨୩/୦୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଜିଲ୍ଲା ମେଡିକାଲ କଲେଜ ପ୍ରତିଷ୍ଠା ମିଳିତ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ଚାଲିଥିବା ଆନ୍ଦୋଳନ ସହିତ ଆଜି ଦୁହୁରିଆ ଠାରେ ହରିଦାସପୁର- ପାରାଦ୍ୱିପ ଜାତୀୟ ରାଜପଥ ଓ କଟକ-ଚାନ୍ଦବାଲି ଜାତୀୟ ରାଜପଥ କୁ ଅବରୋଧ କରାଯାଇ ଆର୍ଥିକ ଅବରୋଧ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଏହି ୬ ଘଣ୍ଟିଆ ଅବରୋଧ ସକାଳୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କରାଯାଇ ଥିଲା । ଏହି ଆନ୍ଦୋଳନ ରେ କଂଗ୍ରେସ, ବିଜେପି, ଆପ୍, ସିପିଆଇ, ସିପିଏମ ପ୍ରଭୃତି ରାଜନୈତିକ ଦଳର ସ୍ଥାନୀୟ କର୍ମକର୍ତ୍ତା ମାନେ ଯୋଗ ଦେଇ ମେଡିକାଲ କଲେଜ ଓ ହସପିଟାଲ ସ୍ଥାପନା ଦାବିକୁ ଦୃଢ ସମର୍ଥନ ଜଣାଇଛନ୍ତି । କ୍ରୀୟାନୁଷ୍ଠାନ କମିଟି ସଭାପତି ଅଧ୍ୟାପକ ଅଜୟ ସାମଲ, ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ, ଗୟାଧର ଧଳ, ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ, ଆଦିକନ୍ଦ ରାଉଳ, ଆମ ଆଦମି ପାର୍ଟିର ସନ୍ଦିପ୍ତ ଦାସ, ସୂର୍ଯ୍ୟକାନ୍ତ ପରିଡା, କେଦାର ସ୍ୱାଇଁ, ଚିତରଞ୍ଜନ ଦାସ ପ୍ରଭୃତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଆଜିର ଅର୍ଥନୈତିକ ଅବରୋଧ ଆନ୍ଦୋଳନ ପରିଚାଳିତ ହୋଇଥିଲା। ରାଜ୍ୟର ଅନ୍ୟ ଜିଲ୍ଲା ମାନଙ୍କରେ ୩ରୁ ୧୩ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଇଥିବା ବେଳେ କେନ୍ଦ୍ରାପଡା ପ୍ରତି ରାଜ୍ୟ ସରକାର ଆଖି ବୁଜିଦେବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ଆଜି ଆନ୍ଦୋଳନ ରେ ସାମିଲ ହୋଇଥିବା ରାଜନୈତିକ ନେତୃବୃନ୍ଦ ମାନେ ମତବ୍ୟକ୍ତ କରିଛନ୍ତି। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ପୂର୍ବତନ ବିଧାୟକ ଅଲେଖ ଚନ୍ଦ୍ର ଜେନା, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ବିଜେପିର ବରିଷ୍ଠ ନେତା ତେଜେଶ୍ୱର ପରିଡା, ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା, ଆମ୍ ଆଦମୀ ପାର୍ଟିର ଜିଲ୍ଲା ସଭାପତି ସନ୍ଦୀପ୍ତ ଦାସ, ସମ୍ପାଦକ ସୂର୍ଯ୍ୟକାନ୍ତ ପରିଡା, ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା, ସାହିତ୍ୟିକ ବାସୁଦେବ ଦାସ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇ କେନ୍ଦ୍ରାପଡା ଜିଲ୍ଲା ପ୍ରତି ରାଜ୍ୟ ସରକାରଙ୍କ ଉଦାସୀନତା ଓ ଅବହେଳା ବିରୋଧରେ ତୀବ୍ର ସମାଲୋଚନା କରିଥିଲେ। ଦୁହୁରିଆ ଠାରେ କଟକ- ଚାନ୍ଦବାଲି ରାଜ୍ୟ ରାଜପଥ, ୫ନମ୍ବର(କ) ଜାତୀୟ ରାଜପଥ ଏବଂ ହରିଦାସପୁର- ପାରାଦୀପ ରେଳ ପଥକୁ ସମ୍ପୂର୍ଣ୍ଣ ଅବରୋଧ କରିବା ଫଳରେ ସେହିସବୁ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଟ୍ରକ, ବସ, କାର, ମିନିଟ୍ରକ ସମେତ ମାଲବାହୀ ରେଳ ଗୁଡିକ ଠପ ହୋଇଯାଇଥିଲା। ଏହି ଆନ୍ଦୋଳନରେ କେନ୍ଦ୍ରାପଡା ପୌରା ଳରୁ ମୁକ୍ତାର ଖାଁ, ଭାଗୀରଥି ଜେନା, ଫକିର ଚରଣ ଖଟୁଆ, ରବୀନ୍ଦ୍ର ନାଥ ରଥ, ଡଃ. ଉପେନ୍ଦ୍ର ପ୍ରଧାନ, ଶ୍ରୀଧର ମହାନ୍ତି, ଶ୍ରୀଚରଣ ସାମଲ, ବିପ୍ଳବ କୁମାର, ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ରାଜ୍ୟ ସରକାର ଯଦି ଏହି ବିଧାନସଭା ଅଧିବେସନ ଭିତରେ ମେଡିକାଲ କଲେଜ ପାଇଁ ଘୋଷଣା ନକରନ୍ତି ତେବେ ଆସନ୍ତା ଦିନମାନଙ୍କରେ ସମସ୍ତ ବ୍ଲକରେ ଆନ୍ଦୋଳନ କରାଯିବା ସହିତ ସମ୍ପୂର୍ଣ୍ଣ ଜିଲ୍ଲାକୁ ଅଚଳ କରିଦିଆଯିବ ବୋଲି ଆନ୍ଦୋଳନରତ ବକ୍ତାମାନେ ଆହ୍ୱାନ ଦେଇଥିଲେ।

## ରୋଟାରୀ କ୍ଲବ ପକ୍ଷରୁ ମା' ଓ ଶିଶୁ ସୁରକ୍ଷା ସଚେତନତା

କନ୍ଧମାଳ, ୨୩/୦୯ (ନି.ପ୍ର): ଫୁଲବାଣୀ ରୋଟାରୀ କ୍ଲବ ପକ୍ଷରୁ ଲୁହୁରୁବାଲି ସ୍ଥିତ ଅଙ୍ଗନବାଡି କେନ୍ଦ୍ର ପରିସରରେ ଶନିବାର ଆଜି ମା ଓ ଶିଶୁ ର ଯତ୍ନ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ରୋଟାରୀ କ୍ଲବ ସଭାନେତ୍ରୀ ଶ୍ରୀମତୀ ବୀରା ଜିନି ମହାପାତ୍ର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ସମ୍ପାଦିକା ଶ୍ରୀମତୀ ସୁନୀତି ଆଚାରୀ ସ୍ୱାଗତ୍ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନବାଡି ସୁପର ଭାଇଜର, ସଦସ୍ୟ ତଥା ଆଇନଜିବି ବିଜୟ ପଟ୍ଟନାୟକ , ବରିଷ୍ଠ ସାମ୍ବାଦିକ ସୁନୀଲ ପଟନାୟକ, ପ୍ରମୂଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମା ଓ ଶିଶୁ ସୁସ୍ଥ ରହିଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ଏଣୁ ସର୍ବଦା ପୋଷଣ ଯୁକ୍ତ ଖାଦ୍ୟ ଖାଦ୍ୟ ଖାଇବା ପାଇଁ ପରାମର୍ଶ ଦେଇଥିଲେ। ରୋଟାରୀ ସଦସ୍ୟ ପ୍ରସନ୍ନ କୁମାର ପଣ୍ଡା ଧନ୍ୟ ବାଦ୍ ଦେଇଥିଲେ।

## ପାଣି ଥିବା ସ୍ଥାନରେ ଚାରାରୋପଣ କାହା ସ୍ୱାର୍ଥରେ ?

କୋରେଇ, ୨୩/୦୯ (ନି.ପ୍ର): ପାଣି ଜମି ରହୁଥିବା ସ୍ଥାରେ ବନ ବିଭାଗର ଚାରାରୋପଣ କାହା ସ୍ୱାର୍ଥରେ ତାହା ଏବେ ବଡ଼ ପ୍ରଶ୍ନବାଚୀ ହୋଇଛି। ଗଛ ବଂଚୁ ବା ନବଂଚୁ କେବଳ ସରକାରୀ ନିୟମ ପାଳନକରି ବନ ବିଭାଗ ନିଜ ଦାୟିତ୍ୱ ସାରିଦେବା ଭଳି କାର୍ଯ୍ୟ କରାଯାଉଛି । କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ସରିବା ପରେ ପରିବେଶ ସନ୍ତୁଳନ ରକ୍ଷା କରିବା ଲାଗି ରାଜପଥର ଉଭୟ ପାର୍ଶ୍ୱରେ ଚାରାରୋପଣ କରାଯାଇଥିଲା। ମାତ୍ର ବନ ଉନ୍ନୟନ ନିଗମ ତରଫରୁ କୌଣସି ସର୍ଭେ କରାନଯାଇ ଅଂଟାଏ ଉଚ୍ଚାର ପାଣି ଜମି ରହୁଥିବା ସ୍ଥାନରେ ଚାରାରୋପଣ କରାଯିବା ପଛରେ ଏକ ବଡ଼ ଧରଣର ସରକାରୀ ଅର୍ଥ ହରିଲୁଟ ଯୋଜନାର ଆଭାସ ମିଳୁଛି। ପ୍ରକାଶ ଯେ ଯାଜପୁର ଜିଲ୍ଲାର ଗୋଲେଇପୁର ପଂଚାୟତ ଅନ୍ତର୍ଗତ ସାହାପୁର ଖରସ୍ରୋତା ନଦୀର କୂଳରେ ଅବସ୍ଥିତ। ନଦୀରେ ବନ୍ୟା ଆସିଲେ ତଳିଆ ଅଂଚଳଗୁଡ଼ିକ ଜଳମଗ୍ନ ହୋଇଯିବା ସହିତ ମାସ ମାସ ଧରି ଅଂଟାଏ ଉଚ୍ଚାର ପାଣି ଜମି ରୁହେ।

# ଜୟପୁର ବ୍ଲକ ସରପଂଚଙ୍କ ବୈଠକ

ଜୟପୁର, ୨୩/୦୯ (ନି.ପ୍ର): ଜୟପୁର ବ୍ଲକ ରଣ୍ଡାପାଲ୍ଲି ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ସରପଂଚଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦାବି ପୁରଣ ପାଇଁ ସରପଂଚ ମାନେ କଲମ ଛାଡ ଆନ୍ଦୋଳନ କରିଛନ୍ତି। ଏହାର ପ୍ରଭାବ ପଂଚାୟତ ଉପରେ ପଡିଛି । ଆଜି ଜୟପୁର ବ୍ଲକ ସରପଂଚ ସଂଘ ପକ୍ଷରୁ୧୫ ଦଫା ଦାବୀ ନେଇ ଆଗାମୀ ଦିନରେ ରାଜ୍ୟ ସଂଘର ନିର୍ଦ୍ଦେଶ କ୍ରମେ କାଯ୍ୟପନ୍ଥା ଗ୍ରହଣ ପାଇଁ ବୈଠକରେ ନିଷ୍ପତି ହୋଇଛି । ବିଶେଷ କରି ପଂଚାୟତରେ ସରପଂଚଙ୍କ ଭୂମିକା ନ୍ୟୁନ କରି ଦିଆଯିବା, ଗ୍ରାମାଚଂଳରେ ବିକାଶମୂଳକ କାଯ୍ୟରେ ଅଯଥା ରାଜନୈତିକ ହସ୍ତକ୍ଷେପ, ପଂଚାୟତରେ ସରପଂଚ ପାଣ୍ଠି ଗଠନ ସହ ବିଧାୟକ ଓ ସାଂସଦଙ୍କ ଯେପରି ଦରମା ଭତା ରହିଛି ସେହି କ୍ରମରେ ସରପଂଚଙ୍କ ଦରମା ମାସିକ ୩୦ ହଜାର ଟଙ୍କା ପ୍ରଦାନ, ସରପଂଚମାନଙ୍କୁ ସ୍ୱାସ୍ଥ୍ୟ କାର୍ଡ ଏବଂ ସରପଂଚଙ୍କ କାର୍ଯ୍ୟ ଅବଦ୍ଧି ସମୟରେ ମୃତ୍ୟୁ ହେଲେ ମୃତ୍ୟୁକାଳୀନ ସହାୟତା ପାଇଁ ୫୦ ଲକ୍ଷ ଟଙ୍କା ତାଙ୍କ ପରିବାରକୁ ଦିଆଯାଉ, ଗ୍ରାମପଂଚାୟତ ଅର୍ଥରେ ଖର୍ଚ୍ଚ ହେଉଥିବା ସମସ୍ତ କାଯ୍ୟକୁ ପଂଚାୟତ ଦ୍ୱାରା ପରିଚାଳନା କରାଯାଉ, ସରପଂଚ ମାନଙ୍କ ପାଇଁ ରାଜ୍ୟର ରାଜଧାନୀ ଓ ଜିଲା ସଦର ମହକୁମାରେ ସରପଂଚ ଭବନ ନିମନ୍ତେ ଜମି ଓ ଅର୍ଥ ବରାଦ କରାଯାଉ, ଆଦି ଦାବି ରହିଛି । ଆଜିର ବୈଠକରେ କୋରାପୁଟ ଜିଲା ସରପଂଚ ସଂଘ ଉପ ସଭାପତି ମନଧର ଗାଦବା, ଜିଲା ସଂଘ ଉପଦେଷ୍ଟା ଦିନୁ ହକୋକା, ସମ୍ପାଦକ ବଳ ଭଦ୍ର ଗାଦବା, ଶିବ ଭୁମିଆ, ଯୋଶେପ ସିରିକା, ବାବୁଲା ଦିଶାରି, ସବିତା ନାୟକ, ରୁକ୍ମଣି ଭୁମିୟା, ସବିତା ମୁଦୁଲି, ଲକ୍ଷ୍ମଣ ହାଲବା, ଆନନ୍ଦ ହାଲବା, ତ୍ରିନାଥ ପୁଜାରୀ, ସୁଶିଳ ପେଣ୍ଠିଆ, ବଦ୍ରି ପୁଜାରି ପ୍ରମୁଖ ଉପସ୍ଥିତ ଥିଲେ ।

# ଇଭିଏମ୍ ତନଖି ପାଇଁ ଦିନିକିଆ କର୍ମଶାଳା ଅନୁଷ୍ଠିତ

ଭୁବନେଶ୍ୱର, ୨୩/୦୯ (ନି.ପ୍ର): ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଭୁବନେଶ୍ୱର ଗୋପବନ୍ଧୁ ପ୍ରଶାସନିକ ଏକାଡେମୀଠାରେ ରାଜ୍ୟର ସମସ୍ତ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଏବଂ ଡେପୁଟି କଲେକ୍ଟରମାନଙ୍କୁ ଇଭିଏମ୍ ର ପ୍ରଥମ ପର୍ଯ୍ୟାୟ ତନଖି କାର୍ଯ୍ୟ ସଂପର୍କରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ କର୍ମଶାଳାର ଶୁଭାରମ୍ଭ କରିବା ସହ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳମାନେ ପ୍ରକୃତରେ ଇଭିଏମ୍ ଗୁଡ଼ିକର ମାଁଫତ୍ ଦାର ଅଟନ୍ତି ବୋଲି ମତ ପ୍ରକାଶ କରିଥିଲେ। ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ କିମ୍ବା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇଭିଏମ୍ ସୁପରଭାଇଜର ଅଟନ୍ତି। ଜିଲ୍ଲାପାଳ/ଅତିରିକ୍ତ ଜିଲ୍ଲାପାଳମାନେ କର୍ମଶାଳାରେ ସଂପୂର୍ଣ୍ଣ ଭାବେ ଅବଗତ ହେଲେ ଆଗାମୀ ଦିନରେ ହେବାକୁ ଥିବା ଇଭିଏମ୍ ର ପ୍ରଥମ ପର୍ଯ୍ୟାୟ ତନଖି କାର୍ଯ୍ୟ ସହଜ ହୋଇପାରିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ଆମ ରାଜ୍ୟରେ ଇଭିଏମ୍ ର ଏଫ୍ଏଲ୍ସି ତନଖି କାର୍ଯ୍ୟ ଦୁଇଗୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟରେ ଅକ୍ଟୋବର ୩ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଉପକୂଳବର୍ତୀ ୧୦ଗୋଟି ଜିଲ୍ଲା ପାଇଁ ଓ ଅବଶିଷ୍ଟ ୨୦ କୋଟି ଜିଲ୍ଲା ପାଇଁ ନଭେମ୍ବର ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ସଂପୃକ୍ତ ଜିଲ୍ଲାସ୍ତରରେ ଅନୁଷ୍ଠିତ ହେବ। ୩୦୦ ଜଣ ଇଂଜିନିୟର ନିଯୁକ୍ତ ହେବେ ବୋଲି ଭାରତ ଇଲେକ୍ଟ୍ରୋନିକ୍ସର ଡେପୁଟି ଜେନେରାଲ୍ ମ୍ୟାନେଜର ପ୍ରକାଶ କରିଛନ୍ତି । ଇଭିଏମ୍ ତନଖି କାର୍ଯ୍ୟକ୍ରମ ପ୍ରତ୍ୟେକ ଦିନ ସକାଳ ୯ଟା ଠାରୁ ଆରମ୍ଭ ହୋଇ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ବ୍ୟାପକ ସୁରକ୍ଷା ନିମନ୍ତେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତରଫରୁ ଏକ ସେକ୍ସନ୍ ପୁଲିସ୍ ସୁରକ୍ଷା ଦାୟିତ୍ୱରେ ରହିବେ। ପ୍ରଥମ ପର୍ଯ୍ୟାୟ ତନଖି କାର୍ଯ୍ୟକ୍ରମରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳମାନେ ସଂପୃକ୍ତ ଜିଲ୍ଲାର ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର କର୍ମକର୍ତାମାନଙ୍କୁ ଉପସ୍ଥିତ ରହିବା ପାଇଁ ପୂର୍ବରୁ ଚିଠି ମାଧ୍ୟମରେ ଜଣାଇବେ ଓ ତନଖି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ହଲ୍ ମଧ୍ୟରେ ଫଟୋଗ୍ରାଫି/ଭିଡିଓଗ୍ରାଫି କିମ୍ବା ମୋବାଇଲ୍ ବ୍ୟବହାରକୁ ସଂପୂର୍ଣ୍ଣ ବାରଣ କରାଯାଇଛି । ହଲ୍ ଟି ସଂପୂର୍ଣ୍ଣ ଭାବେ ସିସିଟିଭି ନଜରରେ ରହିବ। ଜିଲ୍ଲା ନିର୍ବାଚନ ଅଧିକାରୀମାନେ ନିୟମିତ ଭାବେ ଇଭିଏମ୍ ତନଖି କାର୍ଯ୍ୟକ୍ରମକୁ ପରିଦର୍ଶନ କରିବେ। ଇଭିଏମ୍ ତନଖି କାର୍ଯ୍ୟକ୍ରମ ଶେଷରେ ଇଭିଏମ୍ ସୁପରଭାଇଜର ଏକ ଏଫ୍ଏଲ୍ସି ସାର୍ଟିଫିକେଟ୍ ରାଜନୈତିକ ଦଳର ପ୍ରତିନିଧିଙ୍କୁ ପ୍ରଦାନ କରିବେ। ନିର୍ବାଚନ ଆୟୋଗଙ୍କ ତରଫରୁ ଏସ୍. ସୁନ୍ଦରରାଜନ୍, ନିର୍ଦ୍ଦେଶକ, ଇଭିଏମ୍, ନିର୍ବାଚନ ଆୟୋଗଙ୍କ ସଚିବ ମଧୁସୂଦନ ଗୁପ୍ତା ଏବଂ ଭାରତ ଇଲେକ୍ଟ୍ରୋନିକ୍ସ କର୍ପୋରେସନ୍ ର ଡେପୁଟି ଜି.ଏମ୍ ପି.ସି. ମଣ୍ଡଳ, ରାଜ୍ୟ ଇଭିଏମ୍ ନୋଡାଲ ଅଧିକାରୀ ତଥା ଜାତୀୟ ସ୍ତରୀୟ ମାଷ୍ଟର ଟ୍ରେନର ପ୍ରମୋଦ କୁମାର ସାହୁ ପ୍ରମୁଖ କର୍ମଶାଳାରେ ଉପସ୍ଥିତ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି କର୍ମଶାଳାରେ ସମସ୍ତ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଡେପୁଟି କଲେକ୍ଟର, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଓ ମିହିର କୁମାର ମହାନ୍ତି, ଯୁଗ୍ମ ସଚିବ ତଥା ଯୁଗ୍ମ ସଚିବ ସଂଜୟ କୁମାର ଲୁଗୁନ୍, ଉପମୁଖ୍ୟ ନିର୍ବାଚନ ଅଧିକାରୀ ପଦ୍ମଜା ଦାଶଙ୍କ ସମେତ ନିର୍ବାଚନ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ନବୋଦୟ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ

କନ୍ଧମାଳ , ୨୩/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲା ତୁଡ଼ିପାଜୁ ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ କଟକ କ୍ଲଷ୍ଟର ସ୍ତରୀୟ ୨ ଦିନିଆ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ କୁ ଫୁଲବାଣୀ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ନାହାର ସିଂ ମୀନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍ଘାଟନ କରିଥିବା ବେଳେ ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତି ନମିତା ରାଣୀ ପଣ୍ଡା ଅଧ୍ୟକ୍ଷତା କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନୁଷ୍ଠିତ କଳା ଉତ୍ସବରେ କଟକ କ୍ଲଷ୍ଟର ସ୍ତରୀୟ ୨୨ ଟି ନବୋଦୟ ବିଦ୍ୟାଳୟର ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିବା ବେଳେ ସେମାନଙ୍କ ମଧ୍ୟରେ ଶାସ୍ତ୍ରୀୟ ନୃତ୍ୟ ଶାସ୍ତ୍ରୀୟ ସଙ୍ଗୀତ, ଏକକ ଅଭିନୟ, ଓଡ଼ିଶୀ ନୃତ୍ୟ, ଶାସ୍ତ୍ରୀ ବାଦ୍ୟଯନ୍ତ୍ର, ଚିତ୍ରାଙ୍କନ ଭଳି ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜନ ଉପରେ ଅତିଥିମାନେ ମତ ପ୍ରକାଶ କରିବା ସହିତ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିଥିଲେ । ଭାରତୀୟ କଳା, ସ୍ଥାପତ୍ୟ, ଅଭିନୟ, ଭାସ୍କର୍ଯ୍ୟ କ୍ଷେତ୍ରରେ ବିଭିନ୍ନ କଳାକାର ସୃଷ୍ଟି କରିବା ଏହି ଉତ୍ସବର ମୂଲ୍ୟ ଲକ୍ଷ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।

ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଚନ୍ଦ୍ର ଶେଖର କୁମାର ଧନ୍ୟବାଦ ଅର୍ପଣ କରିଥିବା ବେଳେ ନବୋଦୟ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀ ଚରିତାର୍ଥ ଷଡ଼ଙ୍ଗୀ, ସାନ୍ ଅଗ୍ରୱାଲା, ବସୁନ୍ଧରା ଚକ୍ରବର୍ତ୍ତୀ , ସୋନଭ୍ ଦାସ, ବିଦ୍ୟୁତ୍ ପ୍ରଭା ପ୍ରଦାନ, ଗଙ୍ଗାଧର ପାତ୍ର, ସୁଶାନ୍ତ କୁମାର ପାଢୀ ପ୍ରମୁଖଙ୍କ ସମେତ ଅନ୍ୟ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ କଟକ କ୍ଲଷ୍ଟର ଅନ୍ତର୍ଗତ ୨୨ଟି ନବୋଦୟ ବିଦ୍ୟାଳୟର ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଚାତ୍ରୀ ସହିତ ଗାଇଡ୍ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ସାମିଲ୍ ହୋଇଛନ୍ତି । ଶନିବାର ଏହି କଳା ଉତ୍ସବର ଉଦ୍ଯାପନି ଉତ୍ସବ ଅନୁଷ୍ଠିତ ହେବ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଯେଉଁ ପ୍ରତିଯୋଗୀ ମାନେ ପ୍ରଥମ ସ୍ଥାନ ଅଧିକାର କରିବେ ସେମାନେ ଆଗାମି ଦିନରେ ଅନୁଷ୍ଠିତ ହେବାକୁ ଥିବା ଆଂଚଳିକ ସ୍ତରୀୟ କଳା ଉତ୍ସବରେ ଭାଗନେବେ ବୋଲି କୁହାଯାଇଛି ।

# ବୀର ଲକ୍ଷ୍ମଣପୁର ଆଶ୍ରମ ବିଦ୍ୟାଳୟରେ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି, ୨୩/୦୯ (ନି.ପ୍ର): ମାଲକାନଗିରି ବ୍ଲକ ଅନ୍ତର୍ଗତ ବୀର ଲକ୍ଷ୍ମଣପୁର ଅନୁସୂଚିତ ଜନଜାତି ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ପତ୍ରି ଙ୍କ ସଭାପତିତ୍ୱରେ ଆଜି ଅନୁଷ୍ଠିତ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମରେ ସମସ୍ତ ଛାତ୍ର ଛାତ୍ରୀ,ଅଭିଭାବକ, ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନେଇ ଏକ ସତନ୍ତ୍ର କାଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମାଲକାନଗିରିର ଏଜୁକେସନ ଏକ୍ସପୋର୍ଟର ଅଙ୍ଗଦ ଖୋସଲା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବୀରଲକ୍ଷ୍ମଣପୁର ସରପଂଚ ନୀଳକଣ୍ଠ ଝୋଲା, ସମ୍ମାନିତ ଅତିଥି ଭାବେ ମାଲକାନଗିରି ବ୍ଲକ ଶିକ୍ଷାଧିକାରୀ ରବୀନ ଧର, ଜିଲ୍ଲା ପରିଷଦ ସଭ୍ୟ କୃଷ୍ଣ ଚନ୍ଦ୍ର ଅନୁଗ୍ର, ଦେଶିଆ ନାଟଗୁରୁ ଅନାଦି କଡା, ସି ଆର ସି ରଞ୍ଜନ ମାଳି, ପାଣ୍ଡ୍ରିପାଣି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ମଙ୍ଗରାଜ ଡୁରକା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗଦୀଶ ଶ୍ରୀଗାମ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜଗତରନାଥ ଜଗନ୍ନାଥ ଙ୍କ ପ୍ରତିପୂର୍ତ୍ତି ନିକଟରେ ଦୀପ ପ୍ରଜ୍ଜଳନ ପରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପରେ ପ୍ରଧାନ ଶିକ୍ଷକ ଶ୍ରୀ ପତ୍ରି ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ପାଳନ କରିବା ଉଦ୍ଦେଶ୍ୟ ଉପରେ ସଂପୂର୍ଣ୍ଣ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାବକ, ଛାତ୍ରଛାତ୍ରୀ ମାନଙ୍କ ପାଇଁ ଆସୁଥିବା ସରକାରୀ ସହାୟତା, ଶିକ୍ଷା ବ୍ୟବସ୍ଥାର ନୀତିନିୟମ ଉପରେ ଆଲୋଚନା କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ ଓ ଅଭିଭାବକ ଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା କରାଯାଇ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ, ଜୀବନ କୌଶଳ ଶିକ୍ଷା, ବିଜ୍ଞାନ ସମ୍ବନ୍ଧୀୟ, ସିଲେଇ ଶିକ୍ଷା ଓ ପ୍ରଯୁକ୍ତି ବିଦ୍ୟା ଭଳି ବିଭିନ୍ନ ଷ୍ଟଲ୍ ଖୋଲି ଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କୁ ନେଇ ସଚେତନ ମଧ କରଯାଇଥିଲା। ପାଣ୍ଡ୍ରିପାଣି ଆଶ୍ରମ ବିଦ୍ୟାଳୟ ର ଶିକ୍ଷକ ପ୍ରସନ୍ନ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ରାଜ୍ୟ ଗ୍ରନ୍ଥାଗାରକୁ ଏକ ହଜାର ବିରଳ ପୁସ୍ତକ ପ୍ରଦାନ କଲେଣି ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ

ଭୁବନେଶ୍ୱର, ୨୩/୦୯ (ନି.ପ୍ର): ଅବସରପ୍ରାପ୍ତ ଆଇ ପିଏସ୍ ଅଧିକାରୀ ତଥା ଜନସେବା କ୍ଷେତ୍ରରେ ସୁଖ୍ୟାତି ଅର୍ଜନ କରିଥିବା ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ପ୍ରାୟ ଏକ ହଜାର ବିରଳ ଓ ଦୁର୍ଲଭ ପ୍ରାଚୀନ ଓଡ଼ିଆ ପୁସ୍ତକ ଓ ପତ୍ରପତ୍ରିକାକୁ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରକୁ ପ୍ରଦାନ କରିଛନ୍ତି । ଏହି ପୁସ୍ତକଗୁଡ଼ିକ ମଧ୍ୟରେ ଓଡ଼ିଆ ଭାଷାରେ ଲିଖିତ ପ୍ରଥମ ବ୍ୟାକରଣ, ପ୍ରଥମ ଉପନ୍ୟାସ ଓ ପ୍ରାଚୀନ ଓଡ଼ିଆ ପତ୍ରପତ୍ରିକା ରହିଛି । ଅନେକ ପୁସ୍ତକ ଶତାୟୁ ହୋଇଥିବାବେଳେ କିଛି ଅର୍ଦ୍ଧଶତାବ୍ଦୀରୁ ପୁରୁଣା। ଏହି ବିରଳ ଗ୍ରନ୍ଥଗୁଡ଼ିକୁ ରାଜ୍ୟ ଗ୍ରନ୍ଥାଗାରର ଏକ ସ୍ୱତନ୍ତ୍ର କୋଠରୀରେ ସଂରକ୍ଷିତ କରି ରଖାଯାଇଛି । ଏହି ଅବସରରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଗୁରୁଜୀ ଡ. ଚନ୍ଦ୍ରଭାନୀ ଶତପଥୀ ଏହି ପୁସ୍ତକଗୁଡ଼ିକୁ ପାଠକପାଠିକାମାନଙ୍କ ଉଦ୍ଦେଶ୍ୟରେ ରାଜ୍ୟବାସୀଙ୍କୁ ଉତ୍ସର୍ଗ କରିଛନ୍ତି। ଏହି ପୁସ୍ତକପୁସ୍ତିକାରେ ପ୍ରାଚୀନ ଓଡ଼ିଶାର ସାହିତ୍ୟ, ଇତିହାସ, ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥା ସଂପର୍କରେ ଅନେକ ଉପାଦେୟ ତଥ୍ୟ ରହିଛି। ଏଥି ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷଠାରୁ ଆରମ୍ଭ କରି ମୟୂରଭଞ୍ଜର ରାଜାମହାରାଜାଙ୍କ ରାଜ୍ୟାଭିଷେକର ଚିତ୍ର ଓ ତଥ୍ୟ ରହିଛି। ଏହି ପୁସ୍ତକଗୁଡ଼ିକ ଗବେଷଣା ନିମନ୍ତେ ଉତରପିଢ଼ି ପାଇଁ ଉପାଦେୟ ହୋଇପାରିବ ବୋଲି ଗୁରୁଜୀ ଉଲ୍ଲେଖ କରିଥିଲେ। ନିଜସ୍ୱ ଉଦ୍ୟମରେ ନୋଏଡ଼ାଠାରେ ପ୍ରତିଷ୍ଠିତ ଲାଇବ୍ରେରୀରେ ଏହି ପୁସ୍ତକଗୁଡ଼ିକ ଦୀର୍ଘବର୍ଷ ଧରି ସାଇତି ରଖାଯାଇଥିଲା। ଏହାକୁ ନେବା ପାଇଁ ଜାତୀୟ ସ୍ତରର ଅନେକ ସଂସ୍ଥା ଇଚ୍ଛା ପ୍ରକଟ କରିଥିବାବେଳେ ସେ ଏଗୁଡ଼ିକୁ ଓଡ଼ିଶା ମାଟିକୁ ପ୍ରଦାନ କରିବାକୁ ଚାହିଁଥିଲେ ବୋଲି ଗୁରୁଜୀ କହିଥିଲେ। ଏହି ପୁସ୍ତକଗୁଡ଼ିକ ମଧ୍ୟରୁ କିଛି ତାଙ୍କ ପିତା ସ୍ୱର୍ଗତ ଗୋକୁଳ ଚନ୍ଦ୍ର ଶତପଥୀ ସଂଗ୍ରହ କରିଥିବାବେଳେ କିଛି ସେ ସଂଗ୍ରହ କରିଛନ୍ତି । ପୁସ୍ତକ ପ୍ରତି ତାଙ୍କ ଦୁର୍ବଳତା ଓ ଓଡ଼ିଆ ସାହିତ୍ୟ ପ୍ରତି ପିଲାଦିନରୁ ତାଙ୍କ ରୁଚି ସଂପର୍କରେ ସେ ଉଲ୍ଲେଖ କରିଥିଲେ। ଦିଲ୍ଲୀରୁ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରକୁ ପୁସ୍ତକ ଆଣିବାରେ ସହଯୋଗ କରିଥିବା ବ୍ୟକ୍ତିମାନଙ୍କୁ ଗୁରୁଜୀ ସମ୍ବର୍ଦ୍ଧିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଲେ ଯେ ଏହି ପୁସ୍ତକ ହେଉଛି ଜାତୀୟ ସଂପଦ । ଏଗୁଡ଼ିକର ସଂରକ୍ଷଣ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି । ୧୯୫୯ ମସିହାରେ ପ୍ରତିଷ୍ଠିତ ଓଡ଼ିଶା ରାଜ୍ୟ ଗ୍ରନ୍ଥାଗାରକୁ ୧୯୮୭ ମସିହାରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ନାମରେ ନାମିତ କରାଯାଇଛି। ଏଠାରେ ଥିବା ପ୍ରାୟ ଅଢ଼େଇ ଲକ୍ଷ ପୁସ୍ତକର ଡିଜିଟାଇଜେସନ୍ ପ୍ରକ୍ରିୟା ଶେଷ ହୋଇଛି। ପ୍ରାୟ ୨୦ କୋଟି ବ୍ୟୟ ଅଟକଳରେ ନବୀକରଣ ପ୍ରକ୍ରିୟା ଜାରି ରହି ପାଠକପାଠିକାମାନଙ୍କୁ ଉନ୍ନତ ସେବା ପ୍ରଦାନ କରାଯାଉଛି। ଏକ ସାଙ୍ଗରେ ପ୍ରାୟ ୫ ଶହ ଜଣ ଏଠାରେ ଏକତ୍ର ବସି ପଢ଼ିବାର ସୁବିଧା ରହିଛି। ଗବେଷଣାଲବ୍ଧ ଅନେକ ପୁସ୍ତକପୁସ୍ତିକା ଏଠାରେ ଥିବା ସେ କହିବା ସହ ଗୁରୁଜୀଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ, ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ବିଦ୍ୟାଧର ପଣ୍ଡା ଓ ରୁଦ୍ର ପ୍ରସାଦ ବେହେରା, ନୂଆଦିଲ୍ଲୀର ନୋଏଡ଼ାସ୍ଥିତ 'ସାଇ କରୁଣା ଧାମ୍' ଆଶ୍ରମରେ ଗୁରୁଜୀଙ୍କୁ ସାକ୍ଷାତ କରିବା ଏବଂ ରାଜ୍ୟ ଗ୍ରନ୍ଥାଗାରକୁ ପୁସ୍ତକ ଆଣିବା ସମୟ ମଧ୍ୟରେ ବିଭିନ୍ନ ଅଲୌକିକ ଘଟଣାର ଅନୁଭୂତି ସଂପର୍କରେ ପ୍ରକାଶ କରିଥିଲେ ।

# ସମ୍ବଲପୁର ଜିଲ୍ଲା ବିଜେପିର ପ୍ରମୁଖ ପଦାଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

ସମ୍ବଲପୁର, ୨୩/୦୯ (ନି.ପ୍ର): ସମ୍ବଲପୁର ଜିଲ୍ଲା ବିଜେପିର ବରିଷ୍ଠ ପଦାଧିକାରୀମାନଙ୍କୁ ନେଇ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଗିରିଶ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବହୁ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ସଙ୍ଗଠନକୁ ସୁଦୃଢ଼ ଓ ସକ୍ରିୟ କରିବା ଦିଗରେ ରାଜ୍ୟ ନେତୃତ୍ୱ ନେଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ବିସ୍ତୃତ ସୂଚନା ଦିଆଯାଇଥିଲା। ବୈଠକରେ ଉପସ୍ଥିତ ରାଜ୍ୟ ସାଧାରଣ ସମ୍ପାଦକ ସିମାଂଚଳ ଖଟେଇ ବିଜେପିର ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ତ୍ରିସ୍ତରୀୟ ସାଙ୍ଗଠନିକ ବ୍ୟବସ୍ଥା ମଣ୍ଡଳ କମିଟି, ଶକ୍ତିକେନ୍ଦ୍ର ଓ ବୁଥ କମିଟିକୁ ସୁସଙ୍ଗଠିତ ଓ ମଜଭୁତ କରିବା ପାଇଁ କରାଯାଇଥିବା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଏହାସହିତ, ଦଳ ପକ୍ଷରୁ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଅନ୍ୟତମ ପଦାଧିକାରୀ ରାଜ୍ୟ ସମ୍ପାଦକ ତଥା ସମ୍ବଲପୁର ପ୍ରଭାରୀ ଟଙ୍କଧର ତ୍ରୀପାଠୀ ମଣ୍ଡଳ ସଭାପତିମାନଙ୍କ ଠାରୁ ସଙ୍ଗଠନର ମୂଳ ତିନୋଟି ସ୍ତର ମଣ୍ଡଳ, ଶକ୍ତିକେନ୍ଦ୍ର ଓ ବୁଥ କମିଟିମାନଙ୍କର ସବିଶେଷ ବିବରଣୀ ଓ ତଥ୍ୟ ଗ୍ରହଣ କରିଥିଲେ ଏବଂ ସଙ୍ଗଠନକୁ ତୃଣମୂଳ ସ୍ତରରେ ଆହୁରି ସଶକ୍ତ ଓ ସକ୍ରିୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ବୈଠକରେ ଉପସ୍ଥିତ ରେଙ୍ଗାଲି ବିଧାୟକ ତଥା ରାଜ୍ୟ ଉପସଭାପତି ନାଉରୀ ନାୟକ ମୋଦୀ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ କିଭଳି ସାଧାରଣ ଲୋକଙ୍କ ପାଖରେ ପହଂଚି ପାରିବ ଓ ପ୍ରକୃତ ହିତାଧିକାରୀମାନେ ଏଗୁଡ଼ିକର ଲାଭ ପାଇ ପାରିବେ ସେ ଦିଗରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ବୈଠକରେ ଜିଲ୍ଲା ସାଧାରଣ ସମ୍ପାଦକ ଅନୀଲ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅନ୍ୟତମ ସାଧାରଣ ସମ୍ପାଦକ ଆଶିଷ କୁମାର ହୋତା ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ। ବୈଠକ ପ୍ରାରମ୍ଭରେ ରାଜ୍ୟ ବିଜେପିରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ରାଜ୍ୟ ସାଧାରଣ ସମ୍ପାଦକ ସିମାଂଚଳ ଖଟେଇ ଓ ଓବିସି ମୋର୍ଚ୍ଚା ରାଜ୍ୟ ସମ୍ପାଦିକା ସୁସ୍ମିତା ଦେହୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଖାଲିସ୍ତାନୀଙ୍କ ସୁରକ୍ଷାରେ ଟ୍ରୁଡୋ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଏକ ପାସ୍‌ପୋର୍ଟ ମାଧ୍ୟମରେ ଦଲ୍ଲା କାନାଡାର ସରେଠାରେ ପହଞ୍ଚିଥିଲା । କେଟିଏଫ୍‌ର ସଦସ୍ୟ ଦଲ୍ଲା କାନାଡାରେ ରହି ଖୋଲାଖୋଲି ଭାବେ ଭାରତୀୟମାନଙ୍କୁ ହତ୍ୟାଧମକ ଦେବାରେ ଲାଗିଛି । ସେମିତି ସତୀନ୍ଦର ସିଂହ ବ୍ରାର ଓରଫ୍ ଗୋଲଡୀ ବ୍ରାର ୧୫ଅଗଷ୍ଟ ୨୦୧୭ରେ ଏକ ଭାରତୀୟ ପାସପୋର୍ଟ ନେଇ ସରେଠାରେ ପହଞ୍ଚିଥିଲା । ଲରେନ୍ସ ବିଷ୍ଣୋଇ ଗୋଷ୍ଠୀର ବ୍ରାର ବିରୋଧରେ ପ୍ରାୟ ୧୩ଟି ମାମଲା ରହିଛି । ତା ନାମରେ ଇଣ୍ଟରପୋଲ ପକ୍ଷରୁ ରେଡ କର୍ଣ୍ଣର ନୋଟିସ ଜାରି ହୋଇଛି ଏବଂ ଗିରଫ ପରଓ୍ୱାନୀ ମଧ୍ୟ ରହିଛି । ଏମାନଙ୍କ ଛଡା କାନାଡାର ଓଣ୍ଟାରିଓରେ ରହୁଥିବା ସ୍ନୋଭର ଧିଲୋଁ, ବ୍ରିଟିଶ କଲମ୍ବିଆର ରମଣଦୀପ ସିଂହ ନାମରେ ୭ଟି ମାମଲା ରହିଛି । ଓଣ୍ଟାରିଓର ଗୁରଜିତ ସିଂହ ଚିମା ଯିଏକି ଇଣ୍ଟରନେସନାଲ ଶିଖ ୟୁଥ୍ ଫେଡେରେସନ ଏବଂ ଖାଲିସ୍ତାନ ଲିବରେସନ ଫ୍ରଣ୍ଟ ସହ ସଂପୃକ୍ତ ରହିଛି ତା ନାମରେ ରେଡକର୍ଣ୍ଣର ନୋଟିସ ରହିଛି । ଓଣ୍ଟାରିଓର ପନ୍ନୁ ଏବଂ ସରେର ଗୁରପ୍ରୀତ ସିଂହ ନାମରେ ଅସ୍ତ୍ରଚାଲାଣ ଅଭିଯୋଗ ରହିଛି । ଓଣ୍ଟାରିଓର ତେହଲ ସିଂହ ନାମରେ ଦୁଇଟି ମାମଲା ଏବଂ ରେଡ କର୍ଣ୍ଣର ନୋଟିସ, ବ୍ରିଟିସ କଲମ୍ବିଆର ମାନବୀର ସିଂହ ଦୁହରା ନାମରେ ମାମଲା ରହିଛି । ଟ୍ରୁଡୋଙ୍କ ସରକାରର ଛତ୍ରଛାୟାତଳେ କାନାଡାରେ ୪୩ଜଣ ଗ୍ୟାଙ୍ଗଷ୍ଟାର, ସନ୍ତ୍ରାସବାଦୀ, ଅସ୍ତ୍ରଚାଲାଣକାରୀ ରହିଛନ୍ତି । କାନାଡାର ଗୁଇନ୍ଦା ବିଭାଗ ଏବଂ ବିଦେଶ ବିଭାଗକୁ ଭାରତ ସରକାର ସେମାନଙ୍କ ସଂପର୍କରେ ସବୁକିଛି ତଥ୍ୟ ପ୍ରଦାନ କରିଥିଲେ ମଧ୍ୟ କାନାଡା ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଚୁପ୍ ରହିଛନ୍ତି । ଦୁଇ ରାଷ୍ଟ୍ରର କୂଟନୀତିଜ୍ଞ ବହିଷ୍କାର ଜାରି ଘଟଣାର ପ୍ରଭାବ ଅନ୍ୟ କ୍ଷେତ୍ରରେ ପଡିଛି । କାନାଡାର ପଞ୍ଜାବୀ ସଂଗୀତକାର ଶୁଭନୀତ ସିଂହଙ୍କର ଏକ କାର୍ଯ୍ୟକ୍ରମ ମୁମ୍ବାଇରେ ହେବାକୁ ରହିଥିଲା। ସେ ଜଣେ ଖାଲିସ୍ତାନୀ ସମର୍ଥକ ଥିବାରୁ ସୋସିଆଲ ମିଡିଆରେ ତାଙ୍କ କାର୍ଯ୍ୟକ୍ରମକୁ ବୟକଟ୍ କରିବାକୁ ଆହ୍ୱାନ ଆସିଥିଲା। ଫଳରେ ବୁକ୍ ମାଇଁ ସୋକୁ ବନ୍ଦ ରଖାଯାଇ ଟିକେଟ କିଣିଥିବା ଲୋକଙ୍କ ଅର୍ଥ ଫେରସ୍ତ କରାଯିବାରୁ ଘୋଷଣା କରାଯାଇଛି। ତେବେ କାନାଡା ସରକାରଙ୍କ ଛତ୍ରଛାୟାରେ ଯେଉଁ ଖାଲିସ୍ତାନୀ ସନ୍ତ୍ରାସବାଦୀ ସେଠାରେ ଆଶ୍ରୟ ନେଇଛନ୍ତି ସେମାନଙ୍କ ତାଲିକା ଭାରତ ସରକାର ସାଧାରଣରେ ପ୍ରକାଶ କରିଛନ୍ତି । ତନ୍ମଧ୍ୟରୁ ଜଣେ ସୁଖଦୀଲ ସିଂହ ମୁଖା ଏବେ ହତ୍ୟାର ଶିକାର ହୋଇଛି ।

ଏକଥା ସତ ଯେ ଟ୍ରୁଡୋଙ୍କ ପରିବାର ଚାରିଦଶନ୍ଧି ଧରି ଭାରତ ବିରୋଧୀ ରହିଆସିଛନ୍ତି । ୧୯ନଭେମ୍ବର ୧୯୮୧ରେ ପଞ୍ଜାବରେ ଦୁଇ ପୁଲିସ ଅଧିକାରୀଙ୍କୁ ହତ୍ୟାକରି କାନାଡାରେ ଲୁଚିଥିବା ବାବର ଖାଲ୍‌ସାର ତଲୱିନ୍ଦର ସିଂହ ପରମାରକୁ ଭାରତକୁ ପ୍ରତ୍ୟର୍ପଣ କରିବାକୁ ୨୯ ଏପ୍ରିଲ ୧୯୮୨ରେ ଭାରତ ସରକାର କାନାଡା ସରକାରଙ୍କୁ ଜଣାଇଥିଲେ ମଧ୍ୟ ଜଷ୍ଟିନ ଟ୍ରୁଡୋଙ୍କ ପିତା ଓ ତତ୍କାଳୀନ ପିରେ ଟ୍ରୁଡୋଙ୍କ ସରକାର ସେହିବର୍ଷ ଜୁଲାଇରେ ଭାରତ ସରକାରଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଥିଲେ । ଏଥିପାଇଁ ସେ ବିଚିତ୍ର ଯୁକ୍ତି ବାଢିଥିଲେ । ଭାରତ ରାଜ୍ୟଗୋଷ୍ଠୀର ସଦସ୍ୟ ଥିଲେ ମଧ୍ୟ ବ୍ରିଟେନ ମହାରାଣୀଙ୍କୁ ଦେଶର ମୁଖ୍ୟ ଭାବେ ସ୍ୱୀକାର କରୁନଥିବା ହେତୁ ରାଜ୍ୟଗୋଷ୍ଠୀର ଆଇନଲାଗୁ ହୋଇପାରିବ ନାହିଁ ବୋଲି କହିଥିଲେ । ପରେ ବାରମ୍ବାର ସୂଚନା ପାଇ ମଧ୍ୟ କାନାଡା ସରକାର ସନ୍ତ୍ରାସବାଦୀଙ୍କୁ ଧରିବା ବା କଟକଣା ଲଗାଇବା ପ୍ରତି କୌଣସି ଆଗ୍ରହ ପ୍ରକାଶ ନକରିବା ହେତୁ ୨୩ଜୁନ୍ ୧୯୮୫ରେ ମଣ୍ଟ୍ରିଲରୁ ଲଣ୍ଡନକୁ ଆସୁଥିବା ଏୟାର ଇଣ୍ଡିଆ ବିମାନ (କନିଷ୍କ)କୁ ଆଟଲାଣ୍ଟିକ ମହାସାଗରରେ ବୋମା ବିସ୍ଫୋରଣ ଦ୍ୱାରା ଖାଲିସ୍ତାନୀମାନେ ଧ୍ୱଂସ କରିବାକୁ ସକ୍ଷମ ହୋଇଥିଲେ, ଯେଉଁଥିରେ ୨୬୮ କାନାଡା, ୨୭ ବ୍ରିଟେନ ଏବଂ ୨୪ ଜଣ ଭାରତର ନାଗରିକଙ୍କ ସମେତ ମୋଟ ୩୨୯ ଜଣ ପ୍ରାଣ ହରାଇଥିଲେ । ବିମାନରେ ଯାତ୍ରୀ ୩୦୭ ଥିଲାବେଳେ ଅନ୍ୟମାନେ କର୍ମଚାରୀ ଥିଲେ । ତେଣୁ ସନ୍ତ୍ରାସବାଦୀଙ୍କୁ କାନାଡାରେ ସଂରକ୍ଷଣ ଦେବା ସେଠାକାର ସରକାରଙ୍କର ଏକ ପୁରୁଣା ନୀତି । ବର୍ତ୍ତମାନର ଜଷ୍ଟିନ ଟ୍ରୁଡୋ ତାର ପୁନରାବୃତ୍ତି ମାତ୍ର ।

ଭାରତୀୟ ସମ୍ବାଦ ସେବା (ଭାସ୍), ଭୁବନେଶ୍ୱର-୭୫୧୦୦୩

## ସ୍ୱାମୀ ଚିଦାନନ୍ଦଙ୍କ ୧୦୭ତମ ଜନ୍ମ ଜୟନ୍ତୀ ଦିବ୍ୟ ଜୀବନ ସଂଘ ଦ୍ୱାରା ପାଳିତ

ବଲାଙ୍ଗିର, ୨୪/୦୯ (ନି.ପ୍ର):ସ୍ଥାନୀୟ ଶିବାନନ୍ଦ ଆଶ୍ରମରେ ଆଜି ଦିବ୍ୟ ଜୀବନ ସଂଘ ପକ୍ଷରୁ ଗୁରୁଦେବ ସ୍ୱାମୀ ଚିଦାନନ୍ଦଜୀ ମହାରାଜଙ୍କ ୧୦୭ତମ ଜନ୍ମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ବଲାଙ୍ଗିର ଦିବ୍ୟ ଜୀବନ ସଂଘ ଗୁରୁ ଭାଇ ଓ ଭଉଣୀ ମାନେ ଉତ୍ସବ ପାଳନରେ ସକ୍ରିୟ ଭାବରେ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ସକାଳ ୮ଟାରୁ ୯ଟା ପର୍ଯ୍ୟନ୍ତ ପାଦୁକାପୂଜା ହୋଇଥିଲା। ପୂଜାରେ ବସିଥିଲେ ଗୁରୁଭାଇ ଗୋପାଳ ଚନ୍ଦ୍ର ନାୟକ, ପତ୍ନୀ ନୀଳକାଂତି ନାୟକ ଓ ଗୁରୁଭାଇ ସୁଧାଂଶୁ ଶେଖର ବାବୁଙ୍କ ପୁଅବୋହୂ ଅଭିଷେକ ବାବୁ, କିରଣ ବାବୁ। ୯ଟାରୁ ୯ଟା ୩୦ ଗୁରୁନାମ କୀର୍ତନ ଓଁ ନମୋ ଭଗବତେ ଶିବାନନ୍ଦାୟ ଏବଂ ଓଁ ନମୋ ଭଗବତେ ଚିଦାନନ୍ଦାୟ କୀର୍ତନ ଭାଇ ଭଉଣୀ ମାନେ କରିଥିଲେ। ୯ଟା ୩୦ ରୁ ୧୦ଟା ବାଲଭୋଗ ହୋଇଥିଲା। ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଭଜନକୀର୍ତନ ଇତ୍ୟାଦି ପରେ ୧୧ଟାରୁ ୧୧ଟା ୪୫ ପର୍ଯ୍ୟନ୍ତ ଗୁରୁଦେବ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜୀବନୀ ଓ ଶିକ୍ଷା ବିଷୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ସମ୍ପାଦକ ରଘୁନାଥ ବାବୁ ଅନ୍ୟ ମାନଙ୍କୁ ନେଇ କରିଥିବା ବେଳେ ଉତର ପ୍ରଦାନ କରି ସଠିକ ଉତରଦାତାଙ୍କୁ ପୁରସ୍କାର ଦିଆଯାଇଥିଲା । ୧୧ଟା ୪୫ରୁ ୧୨ଟା ୪୫ ପ୍ରବଚନ କାର୍ଯ୍ୟକ୍ରମରେ ଅଧ୍ୟାପିକା ଶାନ୍ତିଲତା ହୋତା ଓ ଡକ୍ଟର ଗୋବର୍ଦ୍ଧନ ନାୟକ ପ୍ରବଚକ ରୂପେ ଯୋଗଦେଇଥିଲେ। ସେମାନେ ସ୍ୱାମୀଜୀ ଙ୍କ ବାଣୀ ଜ୍ଞାନ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ୧୨ଟା ୪୫ ରେ ଭୋଗ ଅର୍ପଣ, ଆରତୀ, ପୁଷ୍ପାର୍ପଣ ଓ ସ୍ୱସ୍ତିବାଚନ ଅନୁଷ୍ଠିତ ହୋଇ ଗୋଟାଏରେ ପ୍ରସାଦ ସେବନ ହୋଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ କନିଷ୍ଠ ସଦସ୍ୟ ସଦସ୍ୟା ମାନଙ୍କ ସକ୍ରିୟ ଦାୟିତ୍ୱ ନିର୍ବାହରେ ଉତ୍ସବ ସଫଳତାର ସହିତ ସମାପନ ହୋଇଥିଲା।

## ଦୂର୍ଗା ପୂଜାର ପ୍ରସ୍ତୁତି ଆରମ୍ଭ

ବଲାଙ୍ଗୀର, ୨୪/୦୯ (ନି.ପ୍ର): ଅଗ୍ରପୂଜ୍ୟ ଗଣନାଥଙ୍କ ପୂଜା ପରେ ପରେ ପୂଜା ପର୍ବ ପର୍ବାଣୀ ଆରମ୍ଭ ହୋଇଯାଇଥାଏ। ବଲାଙ୍ଗିର ସହର ଭିତରେ ସ୍କୁଲ କଲେଜ ଶିକ୍ଷାନୁଷ୍ଠାନ ଘରେ ଘରେ ଗଣନାଥ ପୂଜା ବାହାରେ ଚାଳିଶରୁ ଅଧିକ ସାର୍ବଜନୀନ ଗଣେଶ ମେଢ଼ କରାଯାଇ ପୂଜାର୍ଚ୍ଚନା ହୋଇଥାଏ। ଗଣେଶ ଚତୁର୍ଥୀ ପରଦିନ ପଂଚମୀରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ ଥିବା ହେତୁ ଗଣେଶ ମେଢ଼ ଗୁଡିକ ସାତ ଦିନରୁ ଅଧିକ ରଖି ନାଚ ଗୀତ ଭେଟଘାଟ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଚାଲିଥାଏ। ନୂଆଖାଇ ବାସି ପରଦିନ ବିଭିନ୍ନ ସ୍ଥାନରେ ଅନ୍ନ ଭୋଗ ହୋଇଥାଏ। ଗତକାଲି ବଲାଙ୍ଗୀର ପେଲେସଲାଇନ ସ୍ଥିତ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପାଖରେ ସିଦ୍ଧିବିନାୟକ ଗଣେଷ ପୂଜା କମିଟି ପକ୍ଷରୁ ପ୍ରତ୍ୟେକ ବର୍ଷ ଗଣେଷ ଚତୁର୍ଥୀ ପୂଜା ଧୁମ୍ ଧାମ୍ ରେ ପାଳନ କରାଯାଏ ଓ ଅନ୍ନ ଭୋଗ ବଂଟାଯାଇଥାଏ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ଗାଧୋଇବା ବେଳେ ....

ବୁଡ଼ି ଯାଇଥିଲେ। ଚିତ୍କାର ଶୁଣି ଅନ୍ୟ ଦୁଇ ସାଙ୍ଗମାନେ ଏନେଇ ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲେ। ବର୍ତ୍ତମାନ ଖାଦାନରେ ପ୍ରବଳ ପାଣି ଥିବାରୁ ଉଦ୍ଧାର କରିବାକୁ ସାହାସ କରିପାରିନଥିଲେ ଲୋକେ। ସ୍ଥାନୀୟ ଲୋକେ ଏ ନେଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ଖବର ପାଇ ସେଠାରେ ପହଞ୍ଚିଥିଲା। ଦୁଇ ଛାତ୍ରଙ୍କୁ ଉଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ମହିଳା କୁସ୍ତିଯୋଦ୍ଧା....

ବିରୋଧରେ ଦାଖଲ କରାଯାଇଛି ଓ ଏହା ବ୍ରିଜଭୂଷଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଯଥେଷ୍ଟ ଅଟେ । ଦିଲ୍ଲୀ ପୋଲିସର ଏଭଳି ଯୁକ୍ତି ପରେ ଏବେ ବ୍ରିଜଭୂଷଣଙ୍କ ପାଇଁ ଅଡୁଆ ବଢିଛି । ଏହି ମାମଲାର ଶୁଣାଣି ସମୟରେ ଦିଲ୍ଲୀ ପୋଲିସ ଦିଲ୍ଲୀସ୍ଥିତ ଭାରତୀୟ କୁସ୍ତିସଂଘ କାର୍ଯ୍ୟାଳୟରେ ଅଭିଯୋଗକାରୀଙ୍କ ସହ ଘଟିଥିବା ଘଟଣା ବିଷୟରେ ଉଲ୍ଲେଖ କରି କହିଛି ଯେ ଏହି ଅଭିଯୋଗଗୁଡିକର ଅଧିକାର ଦିଲ୍ଲୀରେ ହିଁ ରହିଛି । ଜଣେ ମହିଳା କୁସ୍ତିଯୋଦ୍ଧାଙ୍କ ଅଭିଯୋଗ ସଂପର୍କରେ ଦିଲ୍ଲୀ ପୋଲିସ କହିଛି ଯେ ତାଜିକିସ୍ତନାରେ ଏକ କାର୍ଯ୍ୟକ୍ରମ ସମୟରେ ବ୍ରିଜଭୂଷଣ ଅଭିଯୋଗକାରୀଙ୍କୁ କୋଠରୀକୁ ଡାକି ଜୋର ଜବରଦସ୍ତ ଆଲିଙ୍ଗନ କରିଥିଲେ । ଯେତେବେଳେ ଅଭିଯୋଗକାରୀ ଏହାକୁ ବିରୋଧ କରିଥିଲେ , ବ୍ରିଜଭୂଷଣ କହିଥିଲେ ଏହା ସେ ଜଣେ ପିତାଙ୍କ ଭଳି କରିଛନ୍ତି । ଏଥିରୁ ସ୍ପଷ୍ଟ ଜଣାପଡୁଛି କି, ବ୍ରିଜଭୂଷଣ ଯାହା କରୁଥିଲେ ତା ବାବଦରେ ସେ ଅବଗତ ଥିଲେ ।

### ୨୦୨୪ ପାଇଁ କାହାର...

ପ୍ରସଙ୍ଗରେ ଆଗକୁ ଆସିଛନ୍ତି ରାଜ୍ୟ କଂଗ୍ରେସର ନେତା । ବରିଷ୍ଠ ନେତା ତାରା ପ୍ରସାଦ ବାହିନୀପତି କହିଛନ୍ତି କଂଗ୍ରେସ ଦଳରେ ଅନେକ ଚେହେରା ଅଛନ୍ତି। ଦଳ କିନ୍ତୁ ଏବେ କୌଣସି ଘୋଷଣା କରିବନି। ନିର୍ବାଚନ ପରେ ହିଁ ଦଳ ମୁଖ୍ୟମନ୍ତ୍ରୀ ଘୋଷଣା କରିବ ବୋଲି କହିଛନ୍ତି ତାରା। ଏବେ ଫେରିବା ମୂଳ ପ୍ରସଙ୍ଗକୁ। କାହିଁକି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ପ୍ରସଙ୍ଗ ଉଠାଇଲେ । ବିନା ମୁଖ୍ୟମନ୍ତ୍ରୀ ଚେହେରାରା ଓଡ଼ିଶାରେ ଜିତିବୁ ବୋଲି କହିଲେ। ଅବସର ଥିଲା ଓଡ଼ିଶା ଲିଟେରାରି ଫେଷ୍ଟିଭାଲ। ଓଡ଼ିଶାରେ କିଏ ବିଜେପିର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବୋଲି ଏଥିରେ ବରିଷ୍ଠ ସାମ୍ବାଦିକ ପ୍ରଭୁ ଚାୱଲା ପ୍ରଶ୍ନ କରିଥିଲେ ଧର୍ମେନ୍ଦ୍ରଙ୍କୁ । ଯାହାର ଉତ୍ତରରେ ଧର୍ମେନ୍ଦ୍ର କହିଥିଲେ ବିଜେପି ଏବେଠୁ ନିଜର ଫର୍ମୁଲା କହିବନି। ମହାରାଷ୍ଟ୍ର ଓ ହରିୟାଣାରେ ବି ବିନା ମୁଖ୍ୟମନ୍ତ୍ରୀ ଚେହେରାରେ ବିଜେପି ଜିତିଛି। ଅନ୍ୟ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଚେହେରା ବିନା ବିଜେପି ଜିତିଛି। ଓଡ଼ିଶାରେ ମଧ୍ୟ ବିଜେପି ଜିତିବ । ସେହିପରି ୨୦୨୪ରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏନ୍‌ଡିଏ ନିର୍ବାଚନ ଲଢ଼ିବ। ୩୫୦ରୁ ଅଧିକ ଆସନ ପାଇ କେନ୍ଦ୍ରରେ ସରକାର ଗଢିବ ବୋଲି କହିଛନ୍ତି ଧର୍ମେନ୍ଦ୍ର।

## ଶାନ୍ତିକାନନରେ 'ଆମ ସହରର ଗଳ୍ପ ଓ ଗାଳ୍ପିକ' ଆଲୋଚନାଚକ୍ର




ବାଲେଶ୍ୱର, ୨୪/୦୯ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ 'ଆମ ସହରର ଗଳ୍ପ ଓ ଗାଳ୍ପିକ' ଶୀର୍ଷକ ଏକ ଆଲୋଚନାଚକ୍ର ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଲୋଚକ ଭାବରେ ଗାଳ୍ପିକ ନିବାରଣ ଜେନା, ପ୍ରଦୀପ ଚାଟାର୍ଜୀ, ଦୀନବନ୍ଧୁ ଲେଙ୍କା, ଡ. ରତ୍ନାକର ସିଂହ, ନିରଂଜନ ରାଉତ, ଡ. ସାରଙ୍ଗଧର ତ୍ରିପାଠୀ ଓ ସୁଷମା ମହାପାତ୍ର ଯୋଗ ଦେଇଥିଲେ। କଥାସମ୍ରାଟ ଫକୀରମୋହନ ସେନାପତି ଓଡ଼ିଆ ସାହିତ୍ୟରେ ପ୍ରଥମ କରି ସୃଷ୍ଟି କରିଥିବା ଗଳ୍ପର ଧାରାକୁ ବାଲେଶ୍ୱର ସହରର ଗାଳ୍ପିକ ଓ ଗାଳ୍ପିକାମାନେ ଏଯାବତ୍ ଅବ୍ୟାହତ ରଖି ଯେଉଁ ଗଳ୍ପ ସୃଷ୍ଟି କରି ଚାଲିଛନ୍ତି ତାହା ଓଡ଼ିଆ ସାହିତ୍ୟକୁ ପରିପୁଷ୍ଟ କରିବା ସହିତ ଗଳ୍ପଜଗତରେ ବାଲେଶ୍ୱର ପାଇଁ ଏକ ଅନନ୍ୟ ପରିଚିତି ସୃଷ୍ଟି କରିପାରିଛି ବୋଲି ଆଲୋଚକମାନେ ମତ ପ୍ରକାଶ କରିଥିଲେ। ସଂପାଦକ ଦୀପକ ବୋଷ ପ୍ରାକ୍‌କଥା ରଖିଥିବାବେଳେ ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ମଞ୍ଚ ଆବାହନ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଞ୍ଜାମ ଜିଲ୍ଲାରେ ବୃଦ୍ଧି ପାଉଛି ଡ଼େଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା

ଗଞ୍ଜାମ, ୨୪/୦୯ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଡ଼େଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଚଳିତ ବର୍ଷରେ ଆଜି ସୁଦ୍ଧା ଜିଲ୍ଲାରୁ ୮୮ ଜଣ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହେଲେଣି । ଯେଉଁ ଅଂଚଳରେ ରୋଗୀ ଚିହ୍ନଟ ହେଉଛନ୍ତି ସ୍ୱାସ୍ଥ୍ୟ ବିଭାଗର ଟିମ୍ ସେଠାକୁ ଯାଇ ଜନସାଧାରଣଙ୍କୁ ସଚେତନ କରୁଛନ୍ତି । ସେହିପରି ଡ଼େଙ୍ଗୁ ମଶାର ଲାର୍ଭା ସୃଷ୍ଟି ହେଉଥିବା ସ୍ଥାନ ଚିହ୍ନଟ କରି ତାହାକୁ ନଷ୍ଟ କରାଯାଉଛି । ବ୍ରହ୍ମପୁର ସହର ସମେତ ଜିଲ୍ଲାରେ ଗତ କିଛିଦିନ ହେଲା ବର୍ଷା ଲାଗି ରହୁଥିବାରୁ ଏବେ ପୁଣି ଥରେ ସମସ୍ତଙ୍କୁ ଡ଼େଙ୍ଗୁ ଚିନ୍ତା ଘାରିଛି । ଗଞ୍ଜାମ ଜିଲ୍ଲାରେ ପଜିଟିଭ୍ ଚିହ୍ନଟ ହୋଇଥିବା ୮୮ ଜଣଙ୍କ ମଧ୍ୟରୁ ୫୫ ଜଣ ବାହାର ରାଜ୍ୟ ଓ ଜିଲ୍ଲାରୁ ଆସିଛନ୍ତି । ସେମାନଙ୍କ ମଧ୍ୟରୁ ୧୬ ଜଣ ଭୁବନେଶ୍ୱର ଓ କଟକରୁ ଆସିଥିବା ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ପ୍ରକାଶ । ବାହାର ଅଂଚଳରୁ ଡ଼େଙ୍ଗୁରେ ସଂକ୍ରମିତ ହୋଇ ଆସୁଥିବା ରୋଗୀ ଏବେ ଗଞ୍ଜାମ ଜିଲ୍ଲା ପାଇଁ ଚିନ୍ତାର କାରଣ ହୋଇଛନ୍ତି । ପ୍ରାୟ ୬୦ ପ୍ରତିଶତ ରୋଗୀ ବାହାରୁ ଆସିଛନ୍ତି । ଡ଼େଙ୍ଗୁ ରୋଗୀଙ୍କ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନା କାଳୁଆଲିଟିରେ ସ୍ୱତନ୍ତ୍ର ୱାର୍ଡ଼ ର ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ଡ଼େଙ୍ଗୁ ସନ୍ଦେହରେ ୨୮୪୨ ନମୁନା ପରୀକ୍ଷା କରାଯାଇ ସାରିଲାଣି । ଗଞ୍ଜାମ ଜିଲ୍ଲାରେ ଗତ ବର୍ଷ ୧୬୧ ଜଣ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

## ମୟୂରଭଞ୍ଜରେ ଆକ୍ୟୁପଞ୍ଚର ନେଚରପାଥି ଚିକିତ୍ସା ଶିବିର ଉଦ୍‌ଘାଟିତ




ବାରିପଦା, ୨୪/୦୯ (ନି.ପ୍ର): ଆଜି ମୟୁରଭଞ୍ଜରେ ପ୍ରଥମ ଥର ପାଇଁ ଆକ୍ୟୁପଞ୍ଚର ନେଚରପାଥି ଚିକିତ୍ସା ଶିବିର ଉଦଘାଟିତ ହୋଇ ଯାଇଛି। ଜାପାନ, ଚାଇନା ଏବଂ ଉତ୍ତର କରିଆ ଭଳି ଦେଶରେ ଆକ୍ୟୁପାଞ୍ଚର ଏବଂ ନେଚରପଥୀ ଏକ ପ୍ରମୁଖ ପ୍ରାକୃତିକ ଚିକିତ୍ସା ରୂପେ ଗଢିଉଠିଥିବା ବେଳେ ଭାରତରେ ମଧ୍ୟ ଏହାର ବେଶ ଉପାଦେୟତା ରହିଛି। ତେବେ ମୟୁରଭଞ୍ଜରେ ପ୍ରଥମଥର ପାଇଁ ଏହି ଶିବିର ବାରିପଦା ହସ୍ପିଟାଲ ନିକଟ ଗ୍ରାହୀ ନର୍ସିଂ ହୋମ ଠାରେ ସାଧାରଣ ଲୋକଙ୍କ ସେବାପାଇଁ ଅନୁଷ୍ଠିତ ହୋଇ ଯାଇଛି। ଆଜି କଲିକତା ଏରିମ ମେଡିକାଲ କଲେଜର ପ୍ରଫେସର ଦେବାଶିଷ ବକ୍ସି, ଡାକ୍ତର ପାର୍ଥସାରଥୀ ଜେନା, ଡା. ଯଜ୍ଞେଶ୍ୱର ପ୍ରହରଜ, ଡାକ୍ତର ବିଭୁତିଭୁଷଣ ମହାପାତ୍ର, ଡାକ୍ତର ଦିପ୍ତିମୟୀ ଦତ୍ତ, ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ଜୀଉ ପ୍ରମୁଖ ଅତିଥି ଭାବରେ ଯୋଗଦେଇ କେନ୍ଦ୍ରକୁ ଉଦଘାଟନ କରିଛନ୍ତି। ଏଠାରେ ୧୦୦ରୁ ଅଧିକ ରୋଗୀଙ୍କୁ ଆଜି ବିନା ମୂଲ୍ୟରେ ଚିକିତ୍ସା କରାଯାଇଛି। ଏହା ଏକ ପ୍ରାକୃତିକ ଚିକିତ୍ସା ହୋଇଥିବାରୁ ଏଥିରେ କୋଣସି ପାର୍ଶ୍ୱ ପ୍ରତିକ୍ରିୟା ନଥିବା ଚିକିତ୍ସକ ମାନେ କହିଛନ୍ତି।

## ଏସିଡ଼ ଓ ଅନ୍ୟାନ୍ୟ ଆକ୍ରମଣ ପୀଡିତା କ୍ଷତିପୂରଣ ଯୋଜନା ସମ୍ପର୍କିତ ସଚେତନତା ଶିବିର

ଭଦ୍ରକ, ୨୪/୦୯ (ନି.ପ୍ର): ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ, ଭଦ୍ରକଙ୍କ ପକ୍ଷରୁ ଏକ ପଥପ୍ରାନ୍ତ ନାଟକ ଏସିଡ଼ ଓ ଅନ୍ୟାନ୍ୟ ଆକ୍ରମଣ ପିଡ଼ିତା କ୍ଷତିପୂରଣ ଯୋଜନା ସମ୍ପର୍କିତ ସଚେତନା ଶିବିର ଭଦ୍ରକ ଜିଲ୍ଲାପାଳଙ୍କ ସମ୍ମୁଖ ଜନସମାଗମ ଭିତରେ ସ୍ୱେଚ୍ଛାସେବୀ (ପି.ଏଲ୍.ଭି) ମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଏହି ପଥପ୍ରାନ୍ତ ନାଟକରେ ଅନ୍ନପୂର୍ଣ୍ଣା ସାହୁ, କମଳା ମିଶ୍ର, ସସ୍ମିତା ବାରିକ୍, ରଞ୍ଜୁଲତା ଗାହାଣ, ଆଲୋକ କୁମାର ଧଳ, ସନ୍ତୋଷ କୁମାର ସ୍ୱାଇଁ, ହୃଦାନନ୍ଦ ନାୟକ, ଉର୍ମିଳା ପଣ୍ଡା ପ୍ରମୁଖ ପି.ଏଲ୍‌ଭି. ମାନେ ଅଭିନୟ ମାଧ୍ୟମରେ ଏସିଡ଼ି ଆକ୍ରମଣର ଶିକାର ହେଉଥିବା ପିଡ଼ିତାଙ୍କୁ କିପରି ପିଡ଼ିତା କ୍ଷତିପୂରଣ ଯୋଜନା ମାଧ୍ୟମରେ ସହାୟତା ଦିଆଯିବ, ସେ ସଂପର୍କରେ ସେଠାରେ ଉପସ୍ଥିତ ହୋଇଥିବା ଜନସାଧାରଣମାନଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ପ୍ରଦ୍ୟୁମ୍ନ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ ଏହି ପଥପ୍ରାନ୍ତ ନାଟକ ଅନୁଷ୍ଠିତ କରାଇ ଏହାର ସୁପରିଚାଳନା କରିଥିଲେ । ଏହି ପରିପ୍ରେକ୍ଷୀରେ ମୁକ୍ତି ରଞ୍ଜନ ଶତପଥୀ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ବିଚାରପତି (ପୋକ୍‌ସୋ) ଭଦ୍ରକ ଏହି ସଚେତନତା ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହେବାରେ ଉତ୍ସାହିତ କରିଥିଲେ । ତତ୍‌ସହିତ ସରକାରୀ ହାଇସ୍କୁଲ, ଭଦ୍ରକ ଠାରେ ଏହି କାର୍ଯ୍ୟକ୍ରମ ସଂପର୍କିତ ସଚେତନା ଶିବିରରେ ଅଧକ୍ଷତା କରି ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ଭଲ ମଣିଷ ହେବା ପାଇଁ ଆହ୍ୱାନ ଦେଇଥିଲେ ଏବଂ କୌଣସି ବିପଦ ପଡ଼ିଲେ ଭାଙ୍ଗି ନଯାଇ ତାର ମୁକାବିଲା କରିବାକୁ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁଷ୍ପଲତା ବାରିକ(ଓ.ପି.ଏସ୍), ଡ଼େପୁଟି ଏସ୍.ପି.ଏଚ୍.ଆର. ପି.ସି. ଭଦ୍ରକ ଅଂଶୁମାନ ଦ୍ୱିବେଦୀ, ଡ଼ି.ଏସ୍.ପି. ଭଦ୍ରକ ତଥା ପ୍ୟାନେଲ ଓକିଲ ଡ଼. ତାପସ କୁମାର ମହାନ୍ତି, କାହ୍ନୁଚରଣ ବାରିକ, ରାଜୀବ କୁମାର ବାରିକ, ସୀତାକାନ୍ତ ମହାନ୍ତି, ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ପ୍ରଧାନଶିକ୍ଷୟିତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଭଦ୍ରକ ଶିକ୍ଷକ ମନୋଜ କୁମାର ସାହୁ ପ୍ରମୁଖ ତଥା ଜିଲ୍ଲା ଆଇନସେବା ପ୍ରାଧିକାରଣର କର୍ମଚାରୀଗଣ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

## ଏମସିଏଏମ କଲେଜରେ ଦକ୍ଷତା ବିକାଶ ଆଲୋଚନା ଚକ୍ର



ବାରିପଦା , ୨୪/୦୯ (ନି.ପ୍ର): ବାରିପଦା ସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟର ଆଇ.କ୍ୟୁ.ଏ.ସି. ସେଲ ଦ୍ୱାରା ଦକ୍ଷତା ବିକାଶ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଅଛି। ଆଇ.କ୍ୟୁ.ଏ.ସି ସେଲ ସଂଯୋଜିକା ପ୍ରଫେସର ରୁପମଞ୍ଜରୀ ବେହେରା ଆଲୋଚନା ଚକ୍ରରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ, ମହାବିଦ୍ୟାଳୟର ଆଇ.ଟି ବିଭାଗ ଅଧ୍ୟାପିକା ସୁଦେଷ୍ଣା ଭଂଜବାବୁ ଛାତ୍ର ଛାତ୍ରୀ ମାନଙ୍କୁ ଆଇ.ଟି ଏବଂ କମ୍ପୁଟର ସାଇନ୍ସ ପାଠ୍ୟକ୍ରମ ଏବଂ କମ୍ପୁଟରରେ କାର୍ଯ୍ୟ କରିବାର ଦକ୍ଷତା ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଏକାନ୍ତ ଆବଶ୍ୟକ ବୋଲି କହି ଥିଲେ। ଓଡିଶା ସରକାର ଙ୍କ ର ଓ.କେ.ସି.ଏଲ ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ସୋମରେନ୍ଦ୍ର ବସା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନେ ଓ.କେ.ସି.ଏଲ ଦ୍ୱାରା ଦିଆଯାଇଥିବା କମ୍ପୁଟର କୋର୍ସ ମାଧ୍ୟମରେ ଦକ୍ଷତା ବିକାଶ କରିପାରିବେ ବୋଲି କହିଥିଲେ। ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଲେଜରେ ଥିବା ଓ.କେ.ସି.ଏଲ ପ୍ରଶିକ୍ଷଣ କେନ୍ଦ୍ରରେ ଛାତ୍ର ଛାତ୍ରୀ ସ୍ନାତକ, ସ୍ନାତକୋତ୍ତର ପଢିବା ସହିତ ଓ.କେ.ସି.ଏଲ ଦ୍ୱାରା ଦିଆଯାଇଥିବା ପାଠ୍ୟକ୍ରମ ମଧ୍ୟ ପଢିବା ପାଇଁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ମୀରା ସେନାପତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧ୍ୟାପକ ସବିତା ରାଣୀ ଦାଶ, ମୋଦନ ମୋହନ ସାହୁ, ଡ଼କ୍ଟର ଠାକୁରା ଚରଣ ମାରାଣ୍ଡି, ତୃପ୍ତି ଦାସ, ପୁର୍ଣ୍ଣମା ମହାନ୍ତି, ସୁଜାତା ପାଲ, ଜ୍ୟୋତିର୍ମୟୀ ଗିରି, ଦେବୀଦତ୍ତ ରାଉତ, ଦିପ୍ତୀଶ୍ରୀ ବେହେରା, ସଂଯୁକ୍ତା ମହାନ୍ତ, ପ୍ରତିଭା ଦାସ, ଏଲିନା ପଣ୍ଡା, ସୁଶ୍ରୀ ନାୟକ, ବିଶ୍ୱନାଥ ପାଣି, ମିନାକ୍ଷୀ ସାହୁ, ଶୁଭସ୍ମିତା ନାଏକ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

## ଅନ୍ଧକାର ମଧ୍ୟକୁ ଠେଲିହୋଇଯାଉଛି ବାପା-ମା' ଛେଉଣ୍ଡ ପିଲାଙ୍କ ଜୀବନ

ଉଦଳା , ୨୪/୦୯ (ନି.ପ୍ର): ବାପା-ମା' ଛେଉଣ୍ଡ ପିଲାଙ୍କ ଜୀବନ ଭୟଙ୍କର ଅନ୍ଧକାର ମଧ୍ୟକୁ ଠେଲି ହୋଇ ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଖାଲି ସେତିକି ନୁହେଁ ଏହିସବୁ ପିଲାମାନେ ବିଭିନ୍ନ ପ୍ରକାର ଅତ୍ୟାଚାରର ଶିକାର ମଧ୍ୟ ହେଉଥିବାର କଥା ଶୁଣିବାକୁ ମିଳୁଛି । ଏହିଭଳି କେତୋଟି ପିଲାଙ୍କ ଦୃଷ୍ଟାନ୍ତ ଏଠାରେ ଉପସ୍ଥାପନ କରୁଛି । ଉଦଳା ବ୍ଲକର ବଡ଼ଖମଣ ପଂଚାୟତ ଅନ୍ତର୍ଗତ ଅନନ୍ତପୁର ଗ୍ରାମର ବାସିନ୍ଦା ଲାଲମୋହନ ହେମ୍ବ୍ରମ ଓ ମାତା ଫୁଲ ହେମ୍ବ୍ରମଙ୍କର ଆଜକୁ ୩ ବର୍ଷ ପୁର୍ବେ ଦେହାନ୍ତ ହୋଇ ଯାଇଛି । ଫଳରେ ତାଙ୍କର କନ୍ୟା 'ରିତା' ସମ୍ପୂର୍ଣ୍ଣ ବାପ-ମା' ଛେଉଣ୍ଡ ହୋଇ ଯାଇଛନ୍ତି । ରିତାଙ୍କ ବର୍ତ୍ତମାନ ବୟସ ୧୩ ବର୍ଷ ଛୁଇଁଲା । ସେ ବିଦାଖୋଳି ପ୍ରାଥମିକ ବିଦ୍ୟାଳୟରୁ ୫ମ ଶ୍ରେଣୀ ପାସ କରିଛନ୍ତି । ପାଖରେ ବିଦ୍ୟାଳୟ ନଥିବାରୁ ସେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇପାରି ନାହାଁନ୍ତି । ସବୁଠାରୁ ଅଧିକ ଆଶ୍ଚର୍ଯ୍ୟର ବିଷୟ ଏହି ଗ୍ରାମକୁ ବହୁ ଶିକ୍ଷକ ଓ ଶିକ୍ଷା ବିଭାଗର ଅଧିକାରୀ ବାରମ୍ବାର ଆସୁଛନ୍ତି । ବାପା-ମା' ଛେଉଣ୍ଡ କନ୍ୟା ରିତାଙ୍କୁ ଆଖିରେ ଦେଖୁଛନ୍ତି, କିନ୍ତୁ ସେ କିପରି ବିଦ୍ୟାଳୟକୁ ଯିବେ ଓ ନାମ ଲେଖାଇବେ ସେଥିପାଇଁ କେହି ତତ୍ପରତା ପ୍ରକାଶ କରୁ ନାହାଁନ୍ତି । ଫଳରେ ଆଜକୁ ୩ ବର୍ଷ ହେବ ରିତା ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଛନ୍ତି । ସେହିପରି ବଡ଼ଖମଣ ଗ୍ରାମର ବାସିନ୍ଦା ବାଢ଼ା ହାଁସଦାଙ୍କର ଆଜକୁ ୫ ବର୍ଷ ପୁର୍ବେ ଦେହାନ୍ତ ହୋଇ ଯାଇଛି । ମାତା ସଲମା ହାଁସଦା ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଦାଦନ ଖଟିବା ପାଇଁ ବାହାରକୁ ଯାଇଛନ୍ତି । ଗ୍ରାମରେ ଥିବା ତାଙ୍କର ପୁତ୍ର ସମାୟ ବାଧ ହୋଇ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଛନ୍ତି । ସେ ନିକଟରେ ଥିବା ପଥୁରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ୫ମ ଶ୍ରେଣୀ ପାସ କରିଛନ୍ତି । ସମାୟଙ୍କୁ ବର୍ତମାନ ବୟସ ୧୧ ବର୍ଷ ଛୁଇଁଲା । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ ବିଭିନ୍ନ କାରଣରୁ ବହୁ ପିଲା ବର୍ତମାନ ମଧ୍ୟ ବିଦ୍ୟାଳୟ ବାହାରେ ଅଛନ୍ତି । ପଇସାବାଲା ଲୋକେ ଏହିସବୁ ପିଲାଙ୍କୁ ଘରେ ଚାକର ରଖିବାକୁ ଉଦ୍ୟମ କରୁଥିବାର ଜଣାଯାଇଛି । ଏହିସବୁ ପିଲାଙ୍କ ଜୀବନ ଭୟଙ୍କର ଅନ୍ଧକାର ମଧ୍ୟକୁ ଠେଲି ହୋଇ ଯାଉଥିବାର କଥା ଅନେକେ ମତ ଦେଇଛନ୍ତି ।

## ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ଅତିବଡି ଜଗନ୍ନାଥ ଦାସଙ୍କ ଜୟନ୍ତୀ ପାଳିତ

ଧର୍ମଶାଳା, ୨୪/୦୯ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାସ୍ଥିତ ପ୍ରୟାଗ ମଣ୍ଡପ ପରିସରରେ ଓଡିଶା ଭାଗବତର ରୂପକାର ଅତିବଡି ଜଗନ୍ନାଥ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଯାଜପୁର ଜିଲା ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ଆୟୋଜିତ ଜୟନ୍ତୀ ଉତ୍ସବରେ କବି ତଥା ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅତିଥିଭାବେ ପ୍ରଫେସର ବିଜୟ କୁମାର ଶତପଥୀ, ପ୍ରାଧ୍ୟାପକ ରବିନ୍ଦ୍ର ବିହାରୀ, ଅଧ୍ୟାପକ ଅଭିନ୍ନ ଚନ୍ଦ୍ର ଦାଶ,ଶିଶୁ ସାହିତ୍ୟିକ ଡକ୍ଟର ରାଜ କିଶୋର ପାଢୀ ଓ ଡକ୍ଟର ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇ ଓଡିଆ ଭାଗବତ ଓଡିଶାବାସୀଙ୍କ ଜୀବନ ବେଦ ବୋଲି ଅଭିହିତ କରିଥିଲେ । ସମ୍ପାଦକ ଅଧ୍ୟାପକ ବିଜୟ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବଳେ ଡକ୍ଟର ଦିଲିପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ କବି,ସୁସାହିତ୍ୟିକ ଓ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ ।

ଧ୍ୱନି ପ୍ରତିଧ୍ୱନି



# ରାଇସୁଆ ରେଳ ଫାଟକ ନିକଟରୁ ଯୁବକର ମୃତଦେହ ଉଦ୍ଧାର: ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

ବସ୍ତା, ୨୪/୦୯ (ନି.ପ୍ର): ଜିଲ୍ଲା ବସ୍ତା ଥାନା ଅଧିନସ୍ଥ ମଥାନୀପଞ୍ଚାୟତ ସାନଖୁଡି ଗ୍ରାମର ଶରତକୁମାର ସିଂଙ୍କ ପୁଅ କ୍ଷୃତିମୟ ସିଂ(୨୮)ଙ୍କ ରବିବାର ସକାଳେ ହଳଦୀପଦା ଉଭରବ୍ରିଜ ନିକଟ ରାଇସୁଆଁ ରେଲୁୱେ ଗେଟ ଅନତି ଦୂରରେ ମୃତଦେହ ପଡିଥିବା ଯାଣି ପରିବାରକୁ ଖବର ଦେଇଥିଲେ । ଖବରପାଇ ରେଳବାଇ ଜିଆରପି ଆସି ମୃତଦେହ ଜବତ କରି କେସନଂ ୯୫/୨୦୨୩ ମାମଲା ରୁଜୁ କରିଛନ୍ତି —ଘଟଣାରୁ ପ୍ରକାଶ କ୍ଷୃତିମୟ ଦିର୍ଘଦିନ ହେବ ଛାନୁଆଁ ବାହାବଳପୁର ଗୌରାଚାନ୍ଦ ଓ ଅନିଲପାତ୍ର ମାଛ ଗୋଦାମରେ ମ୍ୟାନେଜର ଭାବେ କାର୍ଯ୍ୟ କରିଆସୁଥିଲେ । ହେଲେ ଗତକାଲି ସଧ୍ୟା ୮ଟାରେ କ୍ଷୃତିମୟ ତା ମା ସହିତ କଥାବାର୍ତ୍ତା ହୋଇଥିଲେ ମାତ୍ର ଆଜି ଦିନ ୧୦ଟାରେ ଘରକୁ ଖବର ଆସିଲା ତାଙ୍କ ପୁତ୍ରକୁ କିଏ ମାରିଦେଇଛି । ପରିବାର ଲୋକେ ଯାଇ ପହଁଞ୍ଚି ଦେଖିଲେ ହାତରେ ବେସଲେଟଅଛି ପ୍ୟାଣ୍ଟରେ ମନିପାସ ମୋବାଇଲଅଛି ।ତେବେ ଅନ୍ୟ କେଉଁଠି ମର୍ଡର କରି କେହି ତାଙ୍କୁ ରେଳ ଫାଟକ ନିକଟରେ ଫୋପାଡି ଦେଇଯାଇଛି ବୋଲି ରେଳବିଭାଗ ପକ୍ଷରୁ ପ୍ରାଥମିକ ତଦନ୍ତ ପରେ ଜିଆରପି ଯାଣିବାକୁ ପାଇଲେ କେହି ଦୃବୃତ୍ତ ଅନ୍ୟକଉଁଠି ମଡରକରି ରେଳଲାଇନ କଡରେ ରଖି ଯାଇଛି ।ଏନେଇ ଜିଆରପି କେସନଂ ୯୫/୨୦୨୩ମାମଲା ରୁଜୁକରି ବା ସହିତ ଶବବ୍ୟବଛେଦପାଇଁ ବାଲେଶ୍ୱରମୃ ଖ୍ୟ ଚିକିସାଳୟକୁପଠାଇଛନ୍ତି । ଅପରପକ୍ଷେ ମୃତକଙ୍କ ବାପା ତାଙ୍କ ଏକମାତ୍ର ପୁଅକୁ ଜିବନରୁ ମାରିଦିଆ ଯାଇଛି ବୋଲି ବସ୍ତା ଥାନାରେ ଅଭିଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି ।

## ନିର୍ମାଣ ଶ୍ରମିକ ଯୋଜନା ସହାୟତା ବଂଟନ ଶିବିର

ଧର୍ମଶାଳା, ୨୪/୦୯ (ନି.ପ୍ର): ଯାଜପୁର ଜିଲା ବରୀ ବ୍ଲକ କିମ୍ପିରିଆପାଳ ପଂଚାୟତ କଲ୍ୟାଣ ମଣ୍ଡପ ପରିସରରେ ନିର୍ମାଣ ଶ୍ରମିକ ଯୋଜନା ସହାୟତା ବଂଟନ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବରୀ ବିଧାୟିକା ସୁନନ୍ଦା ଦାସ,ସମ୍ମାନୀତ ଅତିଥିଭାବେ ଜିଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି,ଯୁଗ୍ମ ଶ୍ରମ ଆୟୁକ୍ତ ଅଜୟ କୁମାର ପ୍ରଧାନ,ବରିଷ୍ଠ ନେତା ଅଭିମନ୍ୟୁ ସାହୁ ଓ ସମିତିସଭ୍ୟା କାବେରୀ ମାଝୀ ପ୍ରମୁଖ ଯୋଗ ଦେଇ ନିର୍ମାଣ ଶ୍ରମିକ ଯୋଜନା ସହାୟତା ବଂଟନ ସହିତ ପଞ୍ଜିକୃତ ଶ୍ରମିକମାନଙ୍କୁ ସହାୟତା ରାଶି ଓ ପରିଚୟ ପତ୍ର ବଂଟନ କରିଥିଲେ । ସଞ୍ଜିତ କୁମାର ଦେଓ ସଭା ପରିଚାଳନା କରିଥିଲେ । ବରୀର ବିଭିନ୍ନ ଅଂଚଳର ମୋଟ ୧୪୭ଜଣ ହିତାଧିକାରୀଙ୍କୁ ୮୮,୪୩୦୦୦ ଟଙ୍କା ରାଶି ପ୍ରଦାନ କରାଯାଇଥିଲା ।

## ସର୍ବୋଦୟ ମଣ୍ଡଳର 'ଗାନ୍ଧୀ, ଗଣତନ୍ତ୍ର ଓ ଗ୍ରାମ୍ୟ ସ୍ୱରାଜ' ଶୀର୍ଷକ ଆଲୋଚନାଚକ୍ର

ଭଦ୍ରକ, ୨୪/୦୯ (ନି.ପ୍ର): ଦୀର୍ଘ ୨୦୦ ବର୍ଷ ଧରି ଇଂରେଜ ସରକାରଙ୍କ ଅଧୀନରେ ଭାରତବାସୀ ତ୍ରାହିତ୍ରାହି ଡାକୁଥିଲା ବେଳେ ମହାମନିଷୀମାନଙ୍କ ଉଦ୍ୟମରେ ବିଶେଷ କରି ସତ୍ୟ ଓ ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀ ଶାନ୍ତିର ଦେବଦୂତ ସାଜି ବିନା ଯୁଦ୍ଧରେ, ବିନା ରକ୍ତପାତରେ ଭାରତବର୍ଷକୁ ସ୍ୱାଧୀନ କଲେ । ଗାନ୍ଧିଜୀ କଥାକହିବା ଅପେକ୍ଷା କାର୍ଯ୍ୟରେ ପରିଣତ କରି ଦେଖାଇବାକୁ ଅଧିକ ଶ୍ରେୟ ମନେ କରୁଥିଲେ । ସତ୍ୟବାଦିତା, ଅହିଂସା, ଆତ୍ମସ୍ୱାର୍ଥ ତ୍ୟାଗ, ବ୍ରହ୍ମଚର୍ଯ୍ୟ, ଶାରିରୀକ ଶ୍ରମ, ସର୍ବଧର୍ମ ସମାନତା, ସ୍ୱଦେଶୀ, ଅସ୍ପୃଶ୍ୟତା ନିବାରଣ, ସ୍ୱଛତା, ଆତ୍ମବିଶ୍ୱାସ ଓ ସ୍ୱାଭିମାନ ଉପରେ ବିଶ୍ୱାସ କରୁଥଲେ । ଜନସାଧାରଣଙ୍କର ଉନ୍ନତି ଉପରେ ସେ ବିଚାର କରୁଥିଲେ । ତାଙ୍କର ଅବର୍ତ୍ତମାନରେ ୧୯୪୮ ମସିହାରେ ତାଙ୍କରି ପଟ୍ଟଶିଷ୍ୟ ଆଚାର୍ଯ୍ୟ ବିନୋବା ଭାବେ ମାର୍ଚ୍ଚ ମାସରେ ସେବାଗ୍ରାମଠାରେ ସର୍ବୋଦୟ ମଣ୍ଡଳ ଗଠନ କରିଥିଲେ । ଆଜି ସର୍ବୋଦୟ ମଣ୍ଡଳ, ଭଦ୍ରକ ଜିଲ୍ଲା ସଭାପତି ଅମର ପାଣିଗ୍ରାହୀଙ୍କ ନେତୃତ୍ୱରେ ଜିଲ୍ଲା ସଂସ୍କୃତି ଭବନରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ 'ଗାନ୍ଧୀ, ଗଣତନ୍ତ୍ର ଓ ଗ୍ରାମ୍ୟ ସ୍ୱରାଜ' ପ୍ରସଙ୍ଗ ଉପରେ ଅତିଥିମାନେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଡା. ଭାଗବତ ଶୁକ୍ଳା, ମୁଖ୍ୟଅତିଥି, ସର୍ବଭାରତୀୟ ସର୍ବୋଦୟ ମଣ୍ଡଳ ଉପସଭାପତି ଡଃ ଆଦିତ୍ୟ ପଟ୍ଟନାୟକ, ରାଜ୍ୟ ସଭାପତି କୈଳାସ ଶଉ, ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ, ଉପଦେଷ୍ଟା ଅଜୟ ନାୟକ, ଲଲାଟେନ୍ଦୁ ମହାନ୍ତି, ଶାନ୍ତିଲତା ନାଗ, ଡଃ ପ୍ରଫୁଲ୍ଲ ସାହୁ, ଅଭୟ ଦାସ, ବୈଲୋଚନ ଜେନା, କମଳକାାନ୍ତ ସ୍ୱାଇଁ, କୈଳାସ ମହାପାତ୍ର, ପୁରସ୍ତମ ଧଳ, ଶୈଳେନ୍ଦ୍ର ପାଢୀ, ଶାନ୍ତିଲତା ବାରିକ, ସଂଯୁକ୍ତା ଯାଦବ, ନାରାୟଣ ପୋଥାଳ ପ୍ରମୁଖ ଯୋଗ ଦେଇ ନିଜନିଜ ବକ୍ତବ୍ୟରେ ସମାଜରେ ଦିନକୁ ଦିନ ଗଣତନ୍ତ୍ରର ଅବକ୍ଷୟ ହେବା ସଂଗେସଂଗେ ସ୍ୱାଧୀନ ଅଭିବ୍ୟକ୍ତିର ମୁହଁ ବନ୍ଦ କରାଯାଉଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ଗାନ୍ଧୀ ବାଳାଶ୍ରମର ଛାତ୍ରଛାତ୍ରୀ, ପ୍ରଜ୍ଞା ଦାସ, ଗୁରୁ ରାମହରି ପଣ୍ଡା ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ । ସମ୍ପାଦକ ଗୟାଧର ପଣ୍ଡା ବିବରଣୀ ପାଠ କରିଥିବା ବେଳେ ଉପଦେଷ୍ଟା ଶାନ୍ତନୁ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଉପସଭାପତି ଅଶୋକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।



## ଗଣେଶ ୟୋର୍ଥ କ୍ଲବ ପକ୍ଷରୁ ରକ୍ତଦାନ ଶିବିର: ୬୭ ୟୁନିଟ ରକ୍ତ ସଂଗ୍ରହ

ଲଙ୍ଗଳେଶ୍ୱର , ୨୪/୦୯ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ କୁଣ୍ଡୁଳି ପଞ୍ଚାୟତର ଶିବପୁରା ଠାରେ ଥିବା ବାବା ଗଣେଶ ୟୋର୍ଥ କ୍ଲବ ପକ୍ଷରୁ ଆଜି ପ୍ରଥମ ଥର ପାଇଁ ୮୦ ଜଣ ଉଦ୍ୟମାନ ଯୁବକ ମାନଙ୍କୁ ନେଇ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । କ୍ଲବର ସଭାପତି ମହତ୍ କୁମାର ବେହେରା ଓ ସମ୍ପାଦକ ଅମିୟ କୁମାର ମଲ୍ଲିକ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳନା ହୋଇଥିଲା । ଅତିଥି ଭାବେ ସମାଜସେବୀ ସଦାଶିବ ସେଠୀ, ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, କଳାକାର ଫାଉଣ୍ଡେସନ ସାଧାରଣ ସମ୍ପାଦକ ଭିଷ୍ମ ଚରଣ ମଲ୍ଲିକ, ବୋଲଂ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀ ସୁବାସିନୀ ମଲ୍ଲିକ, ରେଡକ୍ରସର ଡାକ୍ତର କ୍ଷୀରୋଦ ପାଳ, ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଆଖପାଖ ଅଞ୍ଚଳ ରୁ ବହୁ ବୁଦ୍ଧିଜୀବୀ ଯୋଗଦେଇ ଥିଲେ ।କମଳ ଲୋଚନ ଦାସ, ପୁଷ୍ପଲତା ବେହେରା, ଶଶିକାନ୍ତ ବୋସ, ସୁବାଷ ଚନ୍ଦ୍ର ମଲ୍ଲିକ, ରଞ୍ଜିତ୍ ମଲ୍ଲିକ, ଭୀଷ୍ମ କୁମାର ଦାସ, ଚିନ୍ମୟ ମଲ୍ଲିକ, ରଣଜିତ୍ କୁମାର ମଲ୍ଲିକ,ଭମଳା ନାୟକ,ସୁବଳ ବେହେରା, ଶଶିକାନ୍ତ ଦାସ, ରତିକାନ୍ତ ବେହେରା, ମହେନ୍ଦ୍ର ଦାସ, ବାସୁଦେବ ମଲ୍ଲିକ, ଚନ୍ଦନ ମଲ୍ଲିକ, ଉମାଶଙ୍କର ବେହେରା, ମୃତ୍ୟୁଞ୍ଜୟ ମଲ୍ଲିକ, ପ୍ରମୁଖ ଶିବିର କୁ ପରିଚାଳନା କରିଥିଲାବେଳେ ବ୍ଲଡ଼ ବ୍ୟାଙ୍କ ତରଫରୁ ରାଜେଶ ମିଶ୍ର, ଅକ୍ଷୟ କୁମାର ଜେନା,ବିଜୟ କୁମାର ପଟ୍ଟନାୟକ,ମନୋଜ କୁମାର ଗୋଚ୍ଛାୟତ, ବିନୋଦ ବିହାରୀ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଏହି ଶିବିରରେ ୬୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।




## ୧୦ ନଂ ଜାତୀୟ ରାଜପଥ ଅବରୋଧ ଯୋଗୁ ସିକ୍କିମକୁ ଯୋଗାଯୋଗ ବିଚ୍ଛିନ୍ନ

ଗାଂଗଟୋକ, ୨୪/୦୯ : ସିକ୍କିମକୁ ଦେଶର ଅନ୍ୟ ରାଜ୍ୟ ସହିତ ଯୋଡୁଥିବା ଏକମାତ୍ର ଜାତୀୟ ରାଜପଥ ପୁଣି ଥରେ ଅବରୋଧ ହୋଇଛି । ରବିବାର ସକାଳେ ସେତୀ ଝୋଡ଼ା (ପଶ୍ଚିମବଙ୍ଗ) ରେ ୧୦ ନଂ ଜାତୀୟ ରାଜପଥର ଏକ ବଡ ଅଂଶ ଧ୍ୱସ୍ତ ହୋଇଯାଇଛି । ଫଳରେ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବନ୍ଦ ରହିଛି । ଗତ କିଛିଦିନ ଧରି ଲଗାତାର ଜାରି ରହିଥିବା ଭୀଷଣ ବର୍ଷା ଯୋଗୁଁ ୧୦ ନଂ ଜାତୀୟ ରାଜପଥରେ ସ୍ଥାନେ ସ୍ଥାନେ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଏବେ ସେତୀ ଝୋଡ଼ାରେ ଜାତୀୟ ରାଜପଥର କିଛି ଅଂଶ ଧସିବା ଫଳରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଯାନବାହନ ଚଳାଚଳ ବନ୍ଦ ଯୋଗୁଁ ସିକ୍କିମରୁ ସିଲିଗୁଡି (ପଶ୍ଚିମବଙ୍ଗ) ଯିବାକୁ ଥିବା ଯାତ୍ରୀ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ।

## ସନ୍ତରାଗଡିଆ ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ମାତୃ କର୍ମଶାଳା ଅନୁଷ୍ଠିତ

ନୀଳଗିରି, ୨୪/୦୯ (ନି.ପ୍ର): ବାଲେଶ୍ୱରଜିଲ୍ଲା ଔପଦା ବ୍ଲକ ଅନ୍ତର୍ଗତ ସନ୍ତରାଗଡିଆ ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମାତୃ କର୍ମଶାଳା ରେ ଶିଶୁ ବିକାଶ ବିଦ୍ୟା ମନ୍ଦିର ର ୫୦ ଜଣ ମାଆ ମାନଙ୍କୁ ଗୁରୁମା ସସ୍ମିତା ସ ଗଣିତ ଓ ପ୍ରଧାନ ଆଚାର୍ଯ୍ୟ ଶଶିକାନ୍ତ ବେହେରା ଇଂରାଜୀ ବିଷୟ ରେ ଶିକ୍ଷାଦାନ କରାଇଥିଲେ । ତପୃରେ ମାଆମାନଙ୍କ ମଧରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା । ସର୍ବ ଶେଷରେ ଏକ ସାଧାରଣ ସଭାରେ ମୟୁରଭଞ୍ଜ ଜିଲ୍ଲା ବାରିପଦା ସ୍ଥିତ ସରକାରୀ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ସଚଳା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଆଜିର ସମାଜ ରେ ପରିବାର ର ଶିଶୁ ମାନଙ୍କର ବିକାଶ ନିମନ୍ତେ ଶିକ୍ଷା ଓ ସଂସ୍କାର ବିଷୟ ରେ ଆଲୋକପାତ କରିଥିଲେ । ଏହାପରେ ଶିଶୁ ବିକାଶ ବିଦ୍ୟା ମନ୍ଦିର ର ସମ୍ପାଦକ ଅଜିତ କୁମାର ପାଣିଗ୍ରାହୀ ଶିଶୁ ମାନଙ୍କ ପ୍ରତି ମାଆ ମାନଙ୍କର ଭୂମିକା କିପରି ରହିବ ଓ ମାତୃକର୍ମ ଶାଳା ର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ । ତା ଉପରେ ସେ ଶିଶୁ ମାନଙ୍କର ପ୍ରାଥମିକ ଶିକ୍ଷା ର ଶିଶୁ ମାନଙ୍କ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ, ସେଥିରେ ସେ ଗୁରୁତ୍ୱ ଆରୋପ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ । ସର୍ବ ଶେଷରେ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ପ୍ରଥମ, ଦିତୀୟ ଓ ତୃତୀୟ ଶ୍ରେଣୀ ହୋଇଥିବା ମାଆ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ । ଗୁରୁମା ସସ୍ମିତା ସ ମାତୃ କର୍ମଶାଳା ଉତ୍ସବରେ ପରିଚୟ ପ୍ରଦାନକରିଥିବା ବେଳେ ଗୁରୁମା ଦିପ୍ତିଲତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଗୁରୁମା ରୁତୁପର୍ଣ୍ଣା ଆଗୁଆଡ, ଗୁରୁମା ସଙ୍ଗୀତା ବିଶ୍ୱାଳ, ଗୁରୁମା ମଧୁସ୍ମିତା ବାରିକ୍,ଅପା ସୁଲୋଚନା ମହାନ୍ତି ଆଦି ଉକ୍ତ ମାତୃ କର୍ମଶାଳା ରେ ସହଯୋଗ କରିଥିଲେ ।




## ଗଞ୍ଜେଇ ଚାଲାଣ ବେଳେ ଚଢ଼ାଉ: ୨ ଗିରଫ

ଜୟପୁର, ୨୪/୦୯ (ନି.ପ୍ର): ଗଞ୍ଜେଇ ଚାଲାଣ ବେଳେ ଜୟପୁର ଅବକାରି ବିଭାଗ ଚଢାଉ କରି ଦୁଇ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ରାଜସ୍ଥାନର ଅନିଲ ରାଜପୁତ (୩୧) ଓ ରାକେଶ କୁମାର (୪୫) । ଅବକାରି ବିଭାଗ ସୂଚନା ଅନୁଯାଇ ଜୟପୁର ଦେଇ ଯାଇଥିବା ଜାତୀୟ ରାଜପଥ ୨୬ର ରେଳେ ଷ୍ଟେସନ ଛକରେ ଚଢାଉ କରି ଯାଂଚ କରିଥିଲା । ଏକ ଟଲି ବ୍ୟାଗରେ ୨୦ କେଜି ୬୦ ଗ୍ରାମ ଗଞ୍ଜେଇ ଜବତ କରି ରାଜସ୍ଥାନର ଅନିଲ ରାଜପୁତ (୩୧) ଓ ରାକେଶ କୁମାର (୪୫)କୁ ଗରିଫ କରିଥିଲା । ଅଭିଯୁକ୍ତ ମାନେ ରେଳ ଷ୍ଟେସନକୁ ଯିବା ସମୟରେ ଅବକାରି ବିଭାଗ ଚଢାଉ କରିଥିଲା । ଗଞ୍ଜେଇ କୁ ରାଜସ୍ତାନ ଚାଲାଣ କରୁଥିବା ଅବକାରି ବିଭାଗ ତଦନ୍ତରୁ ଜାଣିବାକୁ ପାଇଛି ।

## ବାସୁଦେବପୁରରେ ଭ୍ରାମ୍ୟମାଣ ସାହିତ୍ୟ ସଭା




ଲଙ୍ଗଳେଶ୍ୱର , ୨୪/୦୯ (ନି.ପ୍ର): ସାହିତ୍ୟ କୁ ଛାଡି ସଭ୍ୟତାର ବିକାଶ ଅସମ୍ଭବ , ସାହିତ୍ୟ ହିଁ ସଭ୍ୟତାର ଆଧାର ଶୀଳା ଓ ପ୍ରତ୍ୟେକ ଭାଷାର ରକ୍ଷା କବଚ ବୋଲି ରବିବାର ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ପକ୍ଷରୁ ବାସୁଦେବ ପୁର ପ୍ରାଥମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଭ୍ରାମ୍ୟମାଣ ସାହିତ୍ୟ ସଭାରେ ଅତିଥି ମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି ।କମିଟିର ସଭାପତି ସୁବାସ ଚନ୍ଦ୍ର ଚୌଧୁରୀଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ସଭାରେ ଆବାହକ ଅଧ୍ୟାପକ ଡ଼ଃ ସୁକାନ୍ତ ଗିରି ମଞ୍ଚ ଆହ୍ୱାନ ଅତିଥି ପରିଚୟ ,ସମ୍ପାଦକ ଗୋପାଳ କୃଷ୍ଣ ବିଶ୍ୱାଳ ବିବରଣୀ ପାଠ କରିଥିବା ବେଳେ ରେବତୀ ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା ମୁଖ୍ୟ ଅତିଥି, ପ୍ରାକ୍ତନ ଗୋଷ୍ଠୀ ଶିକ୍ଷା ଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବରେ ଲତାଜୋଡ଼ି ସଂସ୍କୃତ କଲେଜର ଅଧକ୍ଷ ପ୍ରିୟବ୍ରତ ପଣ୍ଡା ,ରାଜ ନେତା ଅଜୟ କୁମାର ଭୂୟାଁ, ଅପରାହ୍ନ ସମ୍ପାଦକ ବଂଶୀଧର ଜେନା ,ପ୍ରକାଶିକା ଲକ୍ଷ୍ମୀ ପ୍ରିୟା ଦାସ, ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ଆବାହକ ସତ୍ୟକାମ ମହାନ୍ତି ପ୍ରମୁଖ ଯୋଗ ଦେଇ ଉଦବୋଧନ ପ୍ରଦାନ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ କବି ଭାରତୀ ସରିତା ମହାନ୍ତି, କବିତା ପ୍ରଧାନ, ମନୋଜ କୁମାର ସୀ, କମଳ ଲୋଚନ ପିଳା, ସନ୍ୟାସୀ ବେହେରା, ବିଜୟ କୁମାର ପାତ୍ର ,ରାମ କୃଷ୍ଣ ଦାସ ଅଧିକାରୀ, ସୁବର୍ଣ୍ଣରେଖା ପ୍ରେସ କ୍ଲବ ସଭାପତି ମନୋରଞ୍ଜନ ପାଣିଗ୍ରାହୀ, ସାମ୍ବାଦିକ ରବି ରଞ୍ଜନ ତ୍ରିପାଠୀ, ଅଧ୍ୟାପକ ବୀର ମାଧବ ଦାସ,ମନ୍ମଥ ମଣ୍ଡଳ,ଭୀମ ଚରଣ ବେହେରା, ଏସ୍ କେ ନୀମାଜି ,ରବୀନ୍ଦ୍ର ନାଥ ଦତ୍ତ ,ତପସ୍ୱିନୀ କର ପ୍ରମୁଖ ସାହିତ୍ୟ ଓ ସମାଜ ସମ୍ପର୍କିତ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।କମିଟି ତରଫରୁ ଗୋପାଳ କୃଷ୍ଣ ବିଶ୍ୱାଳ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।କମିଟି ସଭ୍ୟ କବି ନଳିନୀ କାନ୍ତ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରୀକାନ୍ତ ନାଥ ,ମାନ ଗୋବିନ୍ଦ ବାରିକ ,କମଳା କାନ୍ତ ନାଥ ,ପଦ୍ମଲୋଚନ ବାରିକ, ସୁବାସ ବାରିକ,କମଳା କାନ୍ତ ବାରିକ ,ସୁଶାନ୍ତ ବାରିକ,ଶମ୍ଭୁନାଥ ବେହେରା, ଦୀପକ ନାଥ,ହିମାଂଶୁ କମିଳା, ରଜନୀ ବାରିକ,ବାବୁ ଦେ, ଭଜ ପାତ୍ର, ଗୌତମ ଦେବ ନାଥ ,ସୃଷ୍ଟିଧର ଦେ, କାର୍ତ୍ତିକ ନାୟକ,ମନ୍ମଥ ନାୟକ,ପ୍ରଦୀପ କୁମାର ଦାସ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।

## ବରିଷ୍ଠ ନାଗରିକମାନଙ୍କୁ ଆଧୁନିକ ସହାୟତା ଉପକରଣ ବଣ୍ଟନ

ବାଲେଶ୍ୱର, ୨୪/୦୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାସ୍ଥିତ ଗାନ୍ଧୀ ସ୍ମୃତି ଭବନ ଠାରେ ଆଜି ଅପରାହ୍ନ ଘ. ୧୧ ଟା ରେ ସାମାଜିକ ସୁରକ୍ଷା ବିଭାଗ ଓ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଆଲିମକୋ ସଂସ୍ଥା ମିଳିତ ଅନୁକୁଲ୍ୟରେ ବରିଷ୍ଠ ନାଗରିକଙ୍କ ପାଇଁ ଆଧୁନିକ ସହାୟତା ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ଲୋକସଭା ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦାନ କରି ବସ୍ତା ବ୍ଲକର ୩୮ଜଣ , ରେମୁଣା ବ୍ଲକର ୪୫ଜଣ ଏବଂ ବାଲେଶ୍ୱର ସଦର ବ୍ଲକର ୪୫ଜଣ ହିତାଧିକାରୀଙ୍କୁ ଆଧୁନିକ ସହାୟତା ଉପକରଣ ବଣ୍ଟନ କରିଥିଲେ । ସାମାଜିକ ସୁରକ୍ଷା ବିଭାଗ ତଥା ଆଲିମକୋ ସଂସ୍ଥାର ସମସ୍ତ କର୍ମକର୍ତା ଯୋଗଦେଇ ବଣ୍ଟନ କାର୍ଯ୍ୟକ୍ରମରେ ସହାୟତା କରିଥିଲେ । ସୂଚନା ଥାଉ କି, ଚଳିତ ବର୍ଷ ୨୦୨୨-୨୩ର ଆଲିମକୋ ସଂସ୍ଥା ଦ୍ୱାରା ବାଲେଶ୍ୱର ଜିଲ୍ଲାର ସମସ୍ତ ୧୨ଗୋଟି ବ୍ଲକର ୪୨୦ଜଣ ବରିଷ୍ଠ ନାଗରିକ ରାଷ୍ଟ୍ରୀୟ ବାୟୋଶ୍ରୀ ଯୋଜନାରେ ଓ ୧୯୭୧ଜଣ ଦିବ୍ୟାଙ୍ଗ ଏଡିଆଇପି ଯୋଜନାରେ ବିଭିନ୍ନ ସହାୟତା ଉପକରଣ ପାଇଁ ଚିହ୍ନଟ ହୋଇଥିଲେ । ଅବଶିଷ୍ଟ ବଣ୍ଟନ କାର୍ଯ୍ୟକ୍ରମ ବ୍ଲକ ସ୍ତରରେ ଆସନ୍ତା ୨୯ ତାରିଖଠାରୁ ଆରମ୍ଭ ହେବ । ଏହି କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର, ଅନୁ-ସଚିବ, ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ, ଭାରତ ସରକାର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ବେହେରା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ମଞ୍ଚାସୀନ ରହିବା ସହିତ ବିଭିନ୍ନ ଗଣମାଧମ ପ୍ରତିନିଧି ମାନେ ମଧ ଏହି ଅବସରରେ ଉପସ୍ଥିତ ଥିଲେ ।




## ସୁପରିକଳ୍ପିତ ହତ୍ୟାକାଣ୍ଡ ଘଟାଇ ଲୁଟି ନେଲେ ଲକ୍ଷାଧିକ ଟଙ୍କା ଅଳଙ୍କାର

ଜଳେଶ୍ୱର, ୨୪/୦୯ (ନି.ପ୍ର): ଜଳେଶ୍ୱର ଥାନା ଅନ୍ତର୍ଗତ ଗୋପିମୋହନପୁର ପଂଚାୟତର ସରସିଦା ଗ୍ରାମରେ ଆଦିତ୍ୟ ଦାସ ଘରେ ନ ଥିବା ବେଳେ ତାଙ୍କ ସ୍ତ୍ରୀ ହରିପ୍ରିୟା ଦାସଙ୍କୁ କେତେକ ଦୁବୃତ୍ତ ଘରେ ହତ୍ୟାକରି ଜିନିଷପତ୍ର ନେଇଯାଇଥିବା ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ଆଦିତ୍ୟ ଦାସ ଓ ତାଙ୍କ ସ୍ତ୍ରୀ ହରିପ୍ରିୟା ଦାସ ଗାଁରେ ରହୁଥିବା ବେଳେ ଦୁଇପୁଅ ଚେନାଇରେ ଶ୍ରମିକ ଭାବେ କାର୍ଯ୍ୟ କରି ଆସୁଛନ୍ତି । ଆଦିତ୍ୟ ଦାସ ସରସିଦା ଗାଁ ଛକରେ ଏକ ଚା ଦୋକାନ ଚଳାଇ ଆସୁଥିବା ବେଳେ ଗତ ଶନିବାର ରାତ୍ରୀ ୮.୩୦ମି. ସମୟରେ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ । କିନ୍ତୁ ଘରେ ସ୍ତ୍ରୀ ହରପ୍ରିୟା ଚଟାଣରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ପାଖ ପଡୋଶୀଙ୍କୁ ଡାକିଥିଲେ । ସମ୍ପର୍କୀୟ ପୁତୁରାଙ୍କୁ ଡାକି ହରିପ୍ରିୟାକୁ ଜଳେଶ୍ୱର ଜିକେଭଟ୍ଟର ଡାକ୍ତରଖାନାକୁ ନେଇଥିଲେ । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ଶରୀର ସହିତ ଆଦିତ୍ୟ ଗାଁକୁ ଫେରି ଘରର ଆଲମାରୀ ଓ ବାକ୍ସ ଭଂଗାରୁଜା ହୋଇଥିବା ଦେଖିବାକୁ ପାଇଥିଲେ । ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ନଗଦ ଟଙ୍କା ନ ଥିବାର ଦେଖି ଆଦିତ୍ୟ ଘଟଣା ସଂପର୍କରେ ପୁଲିସ୍‌କୁ ଖବର ଦେଇଥିଲେ । ଯାତ୍ରାପାର୍ଟିରେ କାର୍ଯ୍ୟକରୁଥିବା ଦୁଇଜଣ ବ୍ୟକ୍ତି ତାଙ୍କ ଘରେ ଭଡାରେ ରହୁଥିବାରୁ ଏ ଘଟଣା ସହିତ ସେମାନଙ୍କ ସଂପର୍କକୁ ନେଇ ପୁଲିସ୍ ସେମାନଙ୍କୁ ସନ୍ଦେହରେ ଅଟକ ରଖି ତଦନ୍ତ ଚଳାଇଛି । ଆଜି ପୁଲିସ୍‌ର ସାଇଣ୍ଟିଫିକ ଦଳ ତଦନ୍ତ ସାରି ଫେରିଥିବା ଜଣାଯାଇଛି ।

## ଡି ଜେ ଶବ୍ଦରେ ଥରୁଛି ଛାତି: ଡିଜେ ଗାଡ଼ିକୁ ଜବତ କଲା ପୋଲିସ

ନିଳଗିରି, ୨୪/୦୯ (ନି.ପ୍ର): ଏବେ ଗଣେଶ ମେଢ଼ ଭସାଣି ଚାଲିଥିବାବେଳେ ବିଭିନ୍ନ କ୍ଲବରେ ସଦସ୍ୟମାନେ ହାଇ ସାଉଣ୍ଡ ଡି ଜେ ବଜାଇ ଆଖପାଖ ପରିବେଶକୁ ପ୍ରଦୂଷଣ କରୁଥିବା ଶବ୍ଦରେ ଛାତି ଥରାଇ ଦେଉଥିଲା । ଖବର ପାଇ ନିଳଗିରି ଥାନାର ଥାନା ଅଧିକାରୀ ଗୋପାଳ କର୍ଣ୍ଣ, ସବଇନ୍ସପେକ୍ଟର ଦିଲ୍ଲୀପ କୁମାର ସେନାପତି ସଦଳ ବେଳେ ଗୋପିନାଥପୁର ଗ୍ରାମରେ ପହଞ୍ଚିଥିଲେ । ପୋଲିସ ଆସୁଥିବାର ଜାଣି ସମସ୍ତେ ଛତ୍ରଭଙ୍ଗ ଦେଇଥିଲେ । ଡି ଜେ କୁ ଅନ୍ୟତ୍ର ଲୁଚାଇ ରଖାଯାଇଥିଲା । ପୋଲିସ ଶେଷରେ ଡିଜେ ଗାଡ଼ିକୁ ଜବତ କରିଥିବା ବେଳେ ଗାଡ଼ିର ଡ୍ରାଇଭର କିମ୍ବା ଅପେରେଟରଙ୍କ ଦେଖା ମିଳି ନଥିଲା । ବହୁ ସମୟ ଧରି ପୋଲିସ ଅପେକ୍ଷା କରି ଶେଷରେ ଡି ଜେ ଗାଡିଟିକୁ ଜବତ କରି ଥାନାକୁ ଆଣି ରଖିଛନ୍ତି । ପୋଲିସର ଏମିତି କାର୍ଯ୍ୟକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଉଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo